

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୧ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 21 October 2024

Vol.No. 35 ■ No.280 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ଼, ବାଲେଶ୍ୱର-୭୫୬୦୦୧


# ୨୩ରେ ବାତ୍ୟା , ୨୪ରେ ଲ୍ୟାଣ୍ଡଫଲ !

- ■ ବାତ୍ୟା ନାଁ ଶୁଣି ଛାନିଆ ଉପକୂଳବାସୀ; ସରକାର ପ୍ରସ୍ତୁତ, ଆଲର୍ଟରେ ରେସ୍କ୍ୟୁ ଟିମ୍
- ■ ତୀକ୍ଷଣ ନଜର ରଖନ୍ତୁ: ଏସଆରସି



ଭୁବନେଶ୍ୱର, ୨୦/୧୦ (ନି.ପ୍ର): ୨୨ ତାରିଖ ସକାଳେ ସୁଦ୍ଧା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି ଅବପାତରେ ପରିଣତ ହେବ । ତେବେ ଏହା ୨୩ ସୁଦ୍ଧା ବାତ୍ୟା ରୂପ ନେବ । ସମ୍ଭାବ୍ୟ ବାତ୍ୟାକୁ ନେଇ ଆସିଲା ବଡ଼ ଖବର । ୨୩ ତାରିଖ ସୁଦ୍ଧା ବାତ୍ୟା ସମ୍ଭାବନା ନେଇ ସତର୍କ ସୂଚନା । ସମ୍ଭାବ୍ୟ ବାତ୍ୟା ଅକ୍ଟୋବର ୨୪ ସକାଳ ସୁଦ୍ଧା ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଛୁଇଁବା ସମ୍ଭାବନା ରହିଛି । ଏନେଇ ଓଗଡ଼ ପକ୍ଷରୁ ସୂଚନା ଜାରି ହୋଇଛି । ୨୨ ତାରିଖ ସକାଳେ ସୁଦ୍ଧା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି ଅବପାତରେ ପରିଣତ ହେବ । ତେବେ ଏହା ୨୩ ସୁଦ୍ଧା ବାତ୍ୟା ରୂପ ନେବ । ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ବାତ୍ୟା ରୂପ ନେବ । ବାତ୍ୟା ରୂପ ନେବା ପରେ ଏହା ଉତ୍ତରପଶ୍ଚିମ ଦିଗରେ ଗତିକରି ୨୪ରେ ଉପକୂଳ ଛୁଇଁବ । ସେପଟେ ଆଣ୍ଡାମାନ ସାଗରରେ ବର୍ତ୍ତମାନ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ । ବଳ ଗୋଟାଇ ଅଧିକ ଘନୀଭୂତ ହେଉଛି । ୨୪ ଘଣ୍ଟାରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ଦାନା ବାନ୍ଧିବା ସମ୍ଭାବନା ରହିଛି । ଏହାପରେ ଉତ୍ତରପଶ୍ଚିମ ଦିଗକୁ ଗତି କରି ଅଧିକ ଘନୀଭୂତ ହେବ ଲଘୁଚାପ । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ୨୩ରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି । ୨୫ ତାରିଖ ଯାଏ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ୨୨ରୁ ସମୁଦ୍ର ଅଶାନ୍ତ ହେବ । ଏହାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସୁଦ୍ଧା ମତ୍ସ୍ୟଜୀବୀ ସମୁଦ୍ରରୁ ଫେରି ଆସିବା ପାଇଁ ପରାମର୍ଶ ଦେଇଛି ପାଣିପାଗ ବିଭାଗ । ଏହାକୁ ରାଜ୍ୟବାସୀଙ୍କ ମଧ୍ୟରେ ଛନକା ପଶିଛି । ତେବେ ଏସ୍ଆରସି କହିଛନ୍ତି, ତୀକ୍ଷଣ ନଜର ରଖାଯାଇଛି । ସମ୍ଭାବ୍ୟ ବାତ୍ୟା ମୁକାବିଲା ଆଜି ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ବୈଠକ ପରେ ଝେଜଉ କହିଛନ୍ତି, ପାଣିପାଗ ବିଭାଗର ତଥ୍ୟ ଅନୁସାରେ ବାତ୍ୟା ହୋଇପାରେ । ଏଥିପାଇଁ ବ୍ଲକସ୍ତରରେ ରଖାଯିବ ଓଡ୍ରାଫ, ଅଗ୍ନିଶମ ଟିମ୍ । ଦରକାର ପଡ଼ିଲେ ଘଉଜର ଟିମ ମଧ୍ୟ ରଖାଯିବ । ତଳିଆ ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ବାତ୍ୟା ଆଶ୍ରୟ ସ୍ଥଳୀକୁ ଯାଇ ସୋମବାର ଯାଞ୍ଚ କରିବେ ଜିଲ୍ଲାପାଳ । ବାତ୍ୟା ଆଶ୍ରୟସ୍ଥଳୀ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗର୍ଭବତୀଙ୍କୁ ନିକଟସ୍ଥ ହସ୍ପିଟାଲକୁ ଆଣିବାକୁ ନିର୍ଦ୍ଦେଶ ରହିଛି । ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଜିରୋ କାଜୁଆଲିଟି ଲକ୍ଷ୍ୟ ରଖିବା ସହ ପ୍ରସ୍ତୁତ ରହିବା, ଅଯଥା ଭୟଭୀତ ହେବାନି ବୋଲି ଝେଜଉ କହିଛନ୍ତି । ଏସ୍ଆରସି କହିଛନ୍ତି, ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ପୁରୀ, ଗଞ୍ଜାମ, ଜଗତସିଂହପୁର ଜିଲ୍ଲା ସବୁଠାରୁ ଅଧିକ ବର୍ଷା ହେବ । ଏହାଛଡ଼ା କେନ୍ଦ୍ରାପଡ଼ା, କଟକ, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଗଜପତି, କନ୍ଧମାଳ, ବୌଦ୍ଧ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷା ଲକ୍ଷ୍ୟ କରି ଆଜିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି । ଯେଉଁମାନେ ମାଛ ଧରିବାକୁ ଯାଇଛନ୍ତି,ସେମାନେ ଯଥା ଶୀଘ୍ର ଫେରିଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍ଆରସି କହିଛନ୍ତି ।

## ରେରା ବିଜ୍ଞପ୍ତିରେ ସଂଶୋଧନ



ଭୁବନେଶ୍ୱର, ୨୦/୧୦ (ନି.ପ୍ର): ରେରା ବିଜ୍ଞପ୍ତିରେ ସଂଶୋଧନ । ଏଣିକି ୭୦ ପ୍ରତିଶତ ରେରା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କ ଖାତାରେ ରହିପାରିବ ପ୍ରକଳ୍ପ ଖର୍ଚ୍ଚର ସର୍ବାଧିକ ୧ ପ୍ରତିଶତ ଅର୍ଥ । ପ୍ରକଳ୍ପରେ ଆବଶ୍ୟକ ଢାଞ୍ଚାଗତ ତ୍ରୁଟି ମରାମତି ଉଦ୍ଦେଶ୍ୟରେ ୫ ବର୍ଷ ପାଇଁ ଏହି ଟଙ୍କା ରହିବ । ଯଦି ଆକାଉଣ୍ଟରେ ଏହାଠାରୁ ଅଧିକ ଅର୍ଥ ଥାଏ, ତାହାଲେ ଉଠାଇପାରିବେ ବିଲ୍ଡର । ଏଥିପାଇଁ ବାସଗୃହ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ପ୍ରମାଣପତ୍ର ନିୟମରେ ସଂଶୋଧନ ଆଣିଛି ଓଡ଼ିଶା ରିଅଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ-ଓରେରା । ଗତ ଜୁଲାଇରେ ଓଡ଼ିଶା ରେରା ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ପ୍ରକଳ୍ପ ପୂର୍ଣ୍ଣାଙ୍ଗ ପ୍ରମାଣପତ୍ର ପାଇବା ଲାଗି ବିଲ୍ଡରଙ୍କୁ ପ୍ରକଳ୍ପ ସଂପୂର୍ଣ୍ଣ ପ୍ରମାଣପତ୍ର, ଅକ୍ୟୁପାନ୍ସି ପ୍ରମାଣପତ୍ର, ବାସଗୃହ କ୍ରେତା ସଂଘ ଗଠନ, ସଂଘ ନାମରେ କମନ୍ ଏରିଆ ହସ୍ତାନ୍ତର, କମନ ଏରିଆ ହସ୍ତାନ୍ତର ଡିଡ୍, ଗୃହକ୍ରେତା ସଂଘକୁ ବକେୟା

▶▶ପୃଷ୍ଠା ୭

## ଆତ୍ମଘାତୀ ଗୋଲ୍ ହେଲେ ପରାଜୟ ସୁନିଶ୍ଚିତ: ଭୂପିନ୍ଦର ସିଂ



ଭୁବନେଶ୍ୱର, ୨୦/୧୦ (ନି.ପ୍ର): ନିର୍ବାଚନ ପରାଜୟ ନେଇ ବିଜେଡି ବରିଷ୍ଠ ନେତା ଭୂପିନ୍ଦର ସିଂ'ଙ୍କ ତେରଛା ନିଶାନା । କହିଲେ ଆତ୍ମଘାତୀ ଗୋଲ୍ ହେଲେ ପରାଜୟ ସୁନିଶ୍ଚିତ । ଗୋଲ୍ କିପର ଯଦି ସ୍ଲିପର ସେଲ୍ ହେବ ତାହାଲେ କଣ କରାଯାଇ ପାରିବ ବୋଲି ସେ କଟାକ୍ଷ କରି ପରୋକ୍ଷରେ ଦଳ ଉପରେ ନିଶାନା ସାଧିଛନ୍ତି । ସେ କହିଛନ୍ତି ରାଜନୀତି ହେଉଛି ସ୍ପୋର୍ଟ୍ସ ଭଳି ଟିମ୍ ଗେମ୍ । ବହୁତ ଖେଳାଳି ବାହାରିଲେଣି । କିଣାବିକା ବି ବଢୁଛି । ଏହାହିଁ ଭବିଷ୍ୟତର ରାଜନୀତି ବୋଲି ସେ କହିଛନ୍ତି । ଯେଉଁ ସବୁ ପ୍ରତିଷ୍ଠାତା ସଦସ୍ୟ ଓ ବରିଷ୍ଠ ନେତାମାନେ ମତ ମନ୍ତବ୍ୟ ଦେଉଛନ୍ତି ତାହା ତାଙ୍କ ମତ ନୁହେଁ, ଲୋକଙ୍କ ମତ । ସଭାପତି ବି ତାକୁ ସ୍ପୋର୍ଟିଭ ଙ୍ଗବଙ୍ଗ ରେ ନେବା ଆବଶ୍ୟକ ବୋଲି ସେ କହିଛନ୍ତି । ତେବେ ଭୂପିନ୍ଦରଙ୍କ ମନ୍ତବ୍ୟ ନେଇ ବିଜେଡିର ପ୍ରତିକ୍ରିୟା ମିଳିପାରିନାହିଁ । ସେପଟେ ତେଜୁଛି ବୟାନବାଜି, ଫାଟୁଛି ବିଜେଡି । ବରିଷ୍ଠ ମାରୁଛନ୍ତି ତେର୍ଛା ବାଣ, ଚିନ୍ତାରେ ନବୀନ । ନିର୍ବାଚନ ବିପର୍ଯ୍ୟୟକୁ ନେଇ ଆଜି ମୁହଁ ଖୋଲିଛନ୍ତି ପୂର୍ବତନମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପଦ୍ମନାଭ ବେହେରା । କହିଛନ୍ତି, ଦଳ ହାରିବାର ୪ଟି କାରଣ ଥାଏ । ତାହା ହେଲା ପ୍ରାର୍ଥୀ, ଦଳ ଓ ଦଳପତି, କର୍ମକର୍ତ୍ତା ଓ ପାଣ୍ଠି । ହେଲେ ବିଜେଡି ପାଖରେ ପାଣ୍ଠିର କି ନେତୃତ୍ୱର ଅଭାବ ନଥିଲା । ତେଣୁ ପ୍ରଶ୍ନ କ'ଣ ପ୍ରାର୍ଥୀ ଚୟନରେ ଭୁଲ୍ କଲା ଦଳ ? ନା ନିର୍ବାଚନ ସମୟରେ ଦଳ କର୍ମକର୍ତ୍ତାଙ୍କ ଅସନ୍ତୋଷର ଫଳ ଭୋଗିଲା ? ସେହିପରି ନବୀନ ବାବୁ ଅଧିକ ପ୍ରଚାର ମଇଦାନରେ ରହିଥିଲେ ଦଳ ପାଇଁ

▶▶ପୃଷ୍ଠା ୭

## ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ, ୨ ପ୍ରବାସୀ ଶ୍ରମିକ ମୃତ

ଶ୍ରୀନଗର, ୨୦/୧୦ : ଜମ୍ମୁ-କଶ୍ମୀରର ଗନ୍ଦରବଲ ଜିଲ୍ଲା ଗଗନଗିରିର ସୋନମର୍ଗ ଅଞ୍ଚଳରେ ଜେଡ୍-ମୋଡ୍ ଟନେଲ ନିକଟରେ ଏକ ଗୁଳିବିନିମୟ ଘଟଣା ଘଟିଛି । ମିଳିଥିବା ସୂଚନା ଅନୁଯାୟୀ, ଏହି ସନ୍ଦିଗ୍ଧ ଆତଙ୍କବାଦୀ ଆକ୍ରମଣରେ ୨ ଜଣ ପ୍ରବାସୀ ଶ୍ରମିକ ନିହତ ହୋଇଛନ୍ତି । ଏଥିରେ ୨ରୁ ୩ ଜଣ ଆହତ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଥିଲା । ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୨ ଜଣ ଜମ୍ମୁ ଓ କଶ୍ମୀର ବାହାରର ଶ୍ରମିକ ବୋଲି ସୂଚନା ମିଳିଛି । ଗତକାଲି ଜମ୍ମୁ-କଶ୍ମୀରର ବାରମୁଲା ଜିଲ୍ଲାର ଉରି ସେକ୍ଟରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷାବାହିନୀ ପଣ୍ଡ କରିଦେଇଥିଲେ । ଏହି ଅନୁପ୍ରବେଶ ସମୟରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲା । କିଛିଦିନ ତଳେ ସୋପିଆଁରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ପ୍ରବାସୀ ଶ୍ରମିକ ନିହତ ହୋଇଥିଲା ।

## ସ୍ପାରେ ଯୌନଶୋଷଣ ମାମଲା: ଆକ୍ସନ ମୋଡରେ କମିଶନରେଟ ପୋଲିସ

ଭୁବନେଶ୍ୱର, ୨୦/୧୦ (ନି.ପ୍ର): ରାଜଧାନୀରେ ସ୍ପାରେ ଯୌନଶୋଷଣ ମାମଲା ସାମ୍ନାକୁ ଆସିବା ପରେ ଆକ୍ସନ ମୋଡରେ କମିଶନରେଟ ପୋଲିସ । ରାଜଧାନୀରେ ଥିବା ବିଭିନ୍ନ ସ୍ପା ଓ ପାର୍ଲରରେ ହେବ ଚଢ଼ାଉ । ରୁଟିନ୍ ଚେକ୍ ଲାଗି ସମସ୍ତ ଥାନା ଅଧିକାରୀଙ୍କୁ ଡିସିପିଙ୍କ ନିର୍ଦ୍ଦେଶ । ଭୁବନେଶ୍ୱର ରବି ଟକିଜ ଛକରେ ଏକ ସ୍ପାରେ ଯୌନ ଶୋଷଣ ମାମଲା ସାମ୍ନାକୁ ଆସିବା ପରେ କମିଶନରେଟ ପୋଲିସ ଏଭଳି ପଦକ୍ଷେପ ନେଇଛି । ଗତକାଲି ରବିଟକିଜ ଅଞ୍ଚଳରେ ଏକ ସ୍ପାରୁ ଏଭଳି ଅଭିଯୋଗ ଆସିବା ପରେ ପୋଲିସ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ଅନେକ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇଛି ।

▶▶ପୃଷ୍ଠା ୭

## ଶ୍ରୀକ୍ଷେତ୍ରରେ ହବିଷ୍ୟାଳିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୦/୧୦ (ନି.ପ୍ର): ପୁରୀରେ ହବିଷ୍ୟାଳିଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୩ ଦିନିଆ ହରିୟାଣା ଓ ମୁମ୍ବାଇ ଗସ୍ତ ସାରି ମୁଖ୍ୟମନ୍ତ୍ରୀ ଆଜି ଭୁବନେଶ୍ୱର ପହଞ୍ଚିବା ପରେ ସେଠାରୁ ସିଧା ପୁରୀ ଗସ୍ତରେ ଯାଇଥିଲେ । ପୁରୀ ବୃନ୍ଦାବତୀ ହବିଷ୍ୟାଳି ଶିବିରରେ ପହଞ୍ଚି ହବିଷ୍ୟାଳିଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ହବିଷ୍ୟାଳିମାନେ ଯେଭଳି ମାସ ସାରା ସୁବିଧାରେ ରହିବେ, ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ସେହିଭଳି ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁ ଯେଭଳି ଶୃଙ୍ଖଳିତ ଦର୍ଶନ କରିବେ, ସେ ନେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ହବିଷ୍ୟାଳିମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ପ୍ରସଙ୍ଗକୁ ନେଇ ଦୁଃଖ ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ । ଏଥିସହ ହବିଷ୍ୟାଳିଙ୍କ ଉଦ୍ଦେଶ୍ୟରେ ବ୍ରତ ସାମଗ୍ରୀ ଥିବା ସ୍ୱତନ୍ତ୍ର କିଟ୍ ପ୍ରଦାନ କରିଥିଲେ । ଯେଉଁଥିରେ ଶାଢୀ, ଚଦର, ଉତ୍ତରୀୟ, ରାଇଦାମୋଦର ବ୍ରତ ପୁସ୍ତିକା ଏବଂ ନିର୍ମାଲ୍ୟ ଆଦି ରହିଛି । ଏହି ସ୍ୱତନ୍ତ୍ର ବ୍ୟାଗ ଓ କିଟ୍ ସମସ୍ତ ହବିଷ୍ୟାଳିଙ୍କୁ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ଆକ୍ସନ ମୁଡ୍‌ରେ ରାଜସ୍ୱ ବିଭାଗ: ଡ୍ୟୁଟିରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୦/୧୦ (ନି.ପ୍ର): ଆକ୍ସନ ମୁଡ୍‌ରେ ରାଜସ୍ୱ ବିଭାଗ । ଡ୍ୟୁଟିରେ ଅବହେଳା କଲେ ଆଉ ତ୍ରାହି ନାହିଁ । ତହସିଲଦାର, ଆରଆଇ, ଅମିନଙ୍କୁ ରାଜସ୍ୱ ବିଭାଗର ତାଗିଦ । ଲୋକଙ୍କ କାମ ନକଲେ ଆକ୍ସନ । ୧୫ ଦିନ ଭିତରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ । ସମସ୍ତ ଜିଲ୍ଲାପାଳଙ୍କ ଚିଠି ଲେଖି ଅବଗତ କଲା ବିଭାଗ । ଜିଲ୍ଲାପାଳଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି, ଗ୍ରାଉଣ୍ଡରେ ଥିବା କିଛି ବିଭାଗୀୟ ଅଧିକାରୀ ଲୋକଙ୍କୁ ସେବା ଦେବାରେ ଅବହେଳା କରୁଛନ୍ତି । ଅଭିଯୋଗକୁ ଗ୍ରାଉଣ୍ଡ ସ୍ତରରେ ସମାଧାନ କରୁନାହାନ୍ତି । ଯେଉଁଥିପାଇଁ ଲୋକଙ୍କୁ ଉପରସ୍ତରକୁ ଏମିତିକି

▶▶ପୃଷ୍ଠା ୭

## ଟୁଟୁନି ସିଟ୍ ଶେୟାରିଂ ବିବାଦ: ଶରଦ ପାଓ୍ୱାରଙ୍କ ଶରଣରେ କଂଗ୍ରେସ ଓ ଉଦ୍ଧବ ସେନା



ନୂଆଦିଲ୍ଲୀ, ୨୦/୧୦ : ମହା ବିକାଶ ଅଘାଡି(ଏମଭିଏ)ରେ ସିଟ ଶେୟାରିଂକୁ ନେଇ ବିବାଦ ତେଜିବାରେ ଲାଗିଛି । ବିବାଦର ସାମାଧାନ ପାଇଁ ଶନିବାର ଦକ୍ଷିଣ ମୁମ୍ବାଇର ଟ୍ରାଇଡେଣ୍ଟ ହୋଟେଲରେ ଏମଭିଏ ନେତାମାନେ ଦୀର୍ଘ ୯ ଘଣ୍ଟା କାଳ ବୈଠକ କରିଥିଲେ । ହେଲେ ଏଯାଏ କୌଣସି ସମାଧାନର ରାସ୍ତା ବାହାରି ପାରି ନାହିଁ । ବିଶେଷ କରି ମେଣ୍ଟରେ ଥିବା କଂଗ୍ରେସ ଓ ଉଦ୍ଧବ ଠାକରେଙ୍କ ଶିବସେନା ମଧ୍ୟରେ ବିର୍ଦ୍ଦଭା ରିଜନରେ ଥିବା କିଛି ଆସନକୁ ନେଇ ତିକ୍ତତା ଲାଗି ରହିଛି । ବିବାଦର ସମାଧାନ ପାଇଁ ଏବେ ଉଭୟ କଂଗ୍ରେସ ଓ ଶିବସେନା(ୟୁବିଟି) ଶରଦ ପାଓ୍ୱାରଙ୍କ ପାଖରେ ପହଞ୍ଚିଛନ୍ତି । ସେ ବିବାଦରେ ମଧ୍ୟସ୍ଥତା କରି ସମାଧାନର ରାସ୍ତା ବାହାର କରନ୍ତୁ ବୋଲି ଉଭୟ ଦଳ ଚାହୁଁଛନ୍ତି । ଉଦ୍ଧବ ସେନାର ଅନୀଲ ପରବ ଓ ଆଦିତ୍ୟ ଠାକରେ ଆଜି ମୁମ୍ବାଇର ୱାବି ଚୌହାନ କେନ୍ଦ୍ରରେ ଶରଦ ପାଓ୍ୱାରଙ୍କୁ ଭେଟିଛନ୍ତି । ସେହିପରି କଂଗ୍ରେସର ବରିଷ୍ଠ ନେତାମାନେ ମଧ୍ୟ ଶରଦ ପାଓ୍ୱାରଙ୍କ ସହ ନିୟମିତ ଯୋଗାଯୋଗରେ ଅଛନ୍ତି । ଲୋକସଭା ନିର୍ବାଚନ ବେଳେ ଉଦ୍ଧବ ଠାକରେଙ୍କ ଶିବସେନା ନିଜର ରମଟେକ ଓ ଅମରାବତୀ ଆସନ କଂଗ୍ରେସକୁ ଦେଇଥିଲା । ଏବେ ଦଳ ମେଣ୍ଟରେ ସବୁଠାରୁ ଅଧିକ ବିଧାନସଭା ଆସନ ଚାହୁଁଛି । ବିର୍ଦ୍ଦଭା ରିଜନରେ ଉଦ୍ଧବ ସେବା ୧୨ଟି ଆସନ ଦାବି କରିଛି ।

▶▶ପୃଷ୍ଠା ୭

## କଳାବଜାରୀଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଚେତାବନୀ



ଭୁବନେଶ୍ୱର, ୨୦/୧୦ (ନି.ପ୍ର): କଳାବଜାରୀଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଚେତାବନୀ । ସମ୍ଭାବ୍ୟ ବାତ୍ୟାକୁ ଦେଖି ତାଗିଦ କରିଛନ୍ତି ମନ୍ତ୍ରୀ । ଅସାଧୁ ବ୍ୟବସାୟୀ କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ । ଖାଦ୍ୟ ସାମଗ୍ରୀ ମହଜୁଦ ସ୍ଥାନ ଉପରେ ନଜର ରଖିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଯୋଗାଣ ମନ୍ତ୍ରୀ । ଆସନ୍ନ ବାତ୍ୟା ପାଇଁ ଯେପରି କଳାବଜାରୀ ନହୁଏ, ସେଥିପାଇଁ ନଜର ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ୨୦୨୪-୨୫ ବର୍ଷ ପାଇଁ କଟକ ଜିଲ୍ଲାରେ ଧାନ କ୍ରୟ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ କଟକ ଜିଲ୍ଲାର ସମସ୍ତ ବିଧାୟକ ଯୋଗଦେଇଛନ୍ତି । ଚଳିତ ଖରିଫ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ ଶହ ଟଙ୍କା ଲେଖାଏଁ ଚାଷୀମାନଙ୍କୁ ପ୍ରଦାନ କରାଯିବ । ତା'ପୂର୍ବରୁ ଯୋଗାଣ ମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ଧାନ ଉଠିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯିବ । ସେହି ସମୟରେ ଅସାଧୁ ବେପାରୀଙ୍କୁ କିଛି ଅଫିସର ଦୁର୍ନୀତି କରିବାକୁ ସୁଯୋଗ ଦେଉଛନ୍ତି । ତେବେ ଅଫିସରମାନେ ସଜାଗ ରୁହନ୍ତୁ, ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ

▶▶ପୃଷ୍ଠା ୭

## ସିଆରପିଏଫ ସ୍କୁଲ୍ ଆଗରେ ବିସ୍ଫୋରଣ ଘଟଣା: ଏନଆଇଏ ସମେତ ଏକାଧିକ ତଦନ୍ତକାରୀ ସଂସ୍ଥାର ଯାଞ୍ଚ ଆରମ୍ଭ

ନୂଆଦିଲ୍ଲୀ, ୨୦/୧୦ : ଦିଲ୍ଲୀର ରୋହିଣୀରେ ଏକ ଉଜଚର ସ୍କୁଲ୍ ନିକଟରେ ବଡ଼ ଧରଣର ବିସ୍ଫୋରଣ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଏକାଧିକ ତଦନ୍ତକାରୀ ସଂସ୍ଥା । ଜାତୀୟ ତଦନ୍ତକାରୀ ସଂସ୍ଥା ସମେତ ଏକାଧିକ ସୁରକ୍ଷା ଏଜେନ୍ସି ଏବଂ ପୁଲିସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି । ଏଥିସହ ସ୍ଥାନୀୟ ଅଞ୍ଚଳରୁ ମିଳିଥିବା ଧଳା ପାଉଡରର ମଧ୍ୟ ଯାଞ୍ଚ ଆରମ୍ଭ କରାଯାଇଛି । ପୁଲିସ ସୂଚନାନୁସାରେ, ବିସ୍ଫୋରଣ ଘଟିଥିବା ବିଦ୍ୟାଳୟର ଏକ ପାଚେରୀ ନିକଟରେ କିଛି ଧଳା ପାଉଡର ପରି ପଦାର୍ଥ ମିଳିଥିଲା । ତା'ର ତଦନ୍ତ ଚାଲିଛି । ସମଗ୍ର ଅଞ୍ଚଳକୁ ପୁଲିସ କର୍ଡନ କରି ରଖାଯାଇଛି । ଘଟଣାରେ କୌଣସି ଆତଙ୍କୀ ଲିଙ୍କ୍ ଅଛି କି ନାହିଁ, ସେ ବାବଦରେ ଜାଣିବା ପାଇଁ ଘଓଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଘଓଇ ବ୍ୟତୀତ ଜାତୀୟ ସୁରକ୍ଷା ବାହିନୀ କମାଣ୍ଡୋମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଏଥିସହ ସନ୍ଧାନୀ କୁକୁରକୁ ମଧ୍ୟ ଘଟଣାସ୍ଥଳରେ ନିୟୋଜିତ କରାଯାଇଛି ।

▶▶ପୃଷ୍ଠା ୭

# ଝାରସୁଗୁଡ଼ାଠାରେ ସମ୍ବଲପୁର ରେଳମଣ୍ଡଳ ସାଂସଦ କମିଟି ବୈଠକ

ସମ୍ବଲପୁର, ୨୦/୧୦ (ନି.ପ୍ର): ଝାରସୁଗୁଡାରେ ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ସାଂସଦମାନଙ୍କ ଏକ ବିଭାଗୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଛତିଶଗଡ଼ ଏବଂ ଓଡ଼ିଶାର ବିଶିଷ୍ଟ ସାଂସଦମାନଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ବିଭିନ୍ନ ଭିତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ସାଂସଦମାନେ ବରିଷ୍ଠ ସାଂସଦ ତଥା ଲୋକସଭା ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂହଦେଓଙ୍କୁ ବିଭାଗୀୟ କମିଟିର ସଭାପତି ଭାବରେ ମନୋନୀତ କରିଥିଲେ। ଏହି ବୈଠକରେ ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ଶ୍ରୀମତୀ ସଂଗୀତା କୁମାରୀ ସିଂହଦେଓ, ସାଂସଦ, ବଲାଙ୍ଗୀର, ପ୍ରଦୀପ ପୁରୋହିତ, ସାଂସଦ, ବରଗଡ଼, ନିରଞ୍ଜନ ବିଶି, ସାଂସଦ ରାଜ୍ୟସଭା ଶ୍ରୀମତୀ ମାଳବୀକା ଦେବୀ, ସାଂସଦ, କଳାହାଣ୍ଡି, ଶ୍ରୀମତୀ ରୂପ କୁମାରୀ ଚୌଧୁରୀ, ସାଂସଦ ମହାସମୁନ୍ଦ, ଟଙ୍କଧର ତ୍ରିପାଠୀ, ବିଧାୟକ, ଝାରସୁଗୁଡା ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସାଂସଦମାନେ ଗଠନମୂଳକ ଆଲୋଚନାରେ ଭାଗନେଇ ରେଳ ଭିତିଭୂମି ବୃଦ୍ଧି ତଥା ଏହି ଅଂଚଳରେ ଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଚାଲୁରହିଥିବା ପ୍ରକଳ୍ପର ଗୁରୁତ୍ୱକୁ ଦର୍ଶାଇ ଟ୍ରେନ୍ ସେବା, ଟ୍ରେନ୍ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ। ବୈଠକରେ ଆଲୋଚନା ହୋଇଥିବା ପ୍ରମୁଖ ବିଷୟଗୁଡ଼ିକ ମଧ୍ୟରେ ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦା ମେଂଟାଇବା ପାଇଁ ଟ୍ରେନ୍ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଂଚଳକୁ ଟ୍ରେନ ସେବା ସମ୍ପ୍ରସାରଣ କରିବା। ନୂତନ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା। ରୋଡ଼ ଅଣ୍ଡର ବ୍ରିଜ୍(ଉପମାର୍ଗ) ଏବଂ ରୋଡ୍ ଓଭର ବ୍ରିଜ୍‌ର ବିକାଶ। ଷ୍ଟେସନମାନଙ୍କରେ ଯାତ୍ରୀଙ୍କ ସୁବିଧା ସୁଦୃଢ଼ କରିବା। ଟ୍ରେନ, ପ୍ଲାଟଫର୍ମ ଓ ଷ୍ଟେସନ ପରିସରରେ ସ୍ୱଚ୍ଛତା ସମ୍ବନ୍ଧରେ ବିଶେଷ ଧ୍ୟାନଦେବା। ଚାଲୁରହିଥିବା ରେଳ ପ୍ରକଳ୍ପଗୁଡ଼ିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା। ବିଭିନ୍ନ ଷ୍ଟେସନ ଠାରେ ଟ୍ରେନମାନଙ୍କର ରହଣି ବ୍ୟବସ୍ଥା। ଆଂଚଳିକ ପଣ୍ୟ ପରିବହନ ଚାହିଦା ପୂରଣ କରିବା ସହିତ କ୍ରମାଗତ ଭାବେ ଯାତ୍ରୀବାହୀ ଟ୍ରେନ ଚଳାଚଳ କ୍ଷେତ୍ରରେ ଉନ୍ନତି ଆଣିବା କ୍ଷେତ୍ରରେ ପୂର୍ବତଟ ରେଳପଥର ପ୍ରଚେଷ୍ଟାକୁ ସାଂସଦମାନେ ପ୍ରଶଂସା କରିଥିଲେ। ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ତାଙ୍କ ଅଭିଭାଷଣରେ ସାଂସଦମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ମୂଲ୍ୟବାନ ମତାମତ, ଉପଦେଶ ଏବଂ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଯାତ୍ରୀ ସେବାରେ ଉନ୍ନତି ଏବଂ ଚାଲୁରହିଥିବା ଭିତିଭୂମି ବିକାଶ ପ୍ରକଳ୍ପ ଉପରେ ଧ୍ୟାନ ଦେଇ ସେ ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଆଲୋକପାତ କରି ଯାତ୍ରୀ ପରିସେବା କ୍ଷେତ୍ରରେ ଉନ୍ନତି ଆଣିବା ଏବଂ ବିଭିନ୍ନ ଚାଲୁରହିଥିବା ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସ୍ଥିତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ତୁଷାର କାନ୍ତ ପାଣ୍ଡେଙ୍କ ସମେତ ରେଳପଥ ମୁଖ୍ୟାଳୟର ପ୍ରମୁଖ ବିଭାଗୀୟ ଅଧିକାରୀ ଓ ସମ୍ବଲପୁର ରେଳମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ।

# ଗଙ୍ଗୁଆ ନାଳ ସେତୁ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବ : ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ

ଭୁବନେଶ୍ୱର, ୨୦/୧୦ (ନି.ପ୍ର): ଭୁବନେଶ୍ୱରର ଜଗନ୍ନାଥ ନଗର-କୋରଡ଼କଂଟା ରାସ୍ତାରେ ଗଙ୍ଗୁଆ ନାଳରେ ସେତୁ ନିର୍ମାଣ ପାଇଁ ୩ କୋଟି ୧୮ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ରବିନାରାୟଣ ନାଏକ, ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଏବଂ ପାନୀୟ ଜଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଜଗନ୍ନାଥ ନଗର-କୋରଡ଼କଂଟା ଅଂଚଳର ଲୋକଙ୍କ ଗମନାଗମନ ନେଇ ଦୀର୍ଘ ଦିନରୁ ଥିବା ସମସ୍ୟାର ସମାଧାନ ନିମନ୍ତେ ଗଙ୍ଗୁଆ ନାଳରେ ୩ କୋଟି ୧୮ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଏବଂ ପାନୀୟ ଜଳ ଶ୍ରୀ ରବିନାରାୟଣ ନାଏକ ଯୋଗ ଦେଇଥିଲେ । ଏଥିରେ ସମ୍ମାନନୀୟ ଅତିଥି ଭାବରେ ଭୁବନେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ଏକାମ୍ର- ଭୁବନେଶ୍ୱର ବିଧାନସଭା କ୍ଷେତ୍ରର ବିଧାୟକ ଶ୍ରୀ ବାବୁ ସିଂ, ଭୁବନେଶ୍ୱର ପଂଚାୟତ ସମିତିର ଅଧ୍ୟକ୍ଷା ଶ୍ରୀମତୀ ନିରୁପମା ସାହୁ ଏବଂ ଅନ୍ୟ ଅତିଥିବୃନ୍ଦ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ନାଏକ ସେତୁ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଅଂଚଳବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ସେତୁ ନିର୍ମିତ ହେବା ପରେ ଅଂଚଳର ବିକାଶ ପ୍ରକ୍ରିୟାକୁ ଏହା ବହୁଗୁଣିତ କରିବ ବୋଲି ମତପ୍ରକାଶ କରିଥିଲେ । ଏହା ଦ୍ୱାରା ଦୁଇଟି ଗ୍ରାମ ପଂଚୟତର ଛଅଟି ଗ୍ରାମ ଏବଂ ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନମ୍ବର ୩୨ ଓ ୩୩ ରେ ବସବାସ କରୁଥିବା ଜନସାଧାରଣ ସିଧାସଳଖ ଭାବରେ ଲାଭାନ୍ୱିତ ହେବେ । ଏହି ରାସ୍ତା ଦେଇ ଯାତାୟତ କରୁଥିବା ସମସ୍ତ ଲୋକ ଏବଂ ବିଶେଷ ଭାବରେ ଭୁବନେଶ୍ୱର ଅନ୍ତର୍ଗତ ତିନି ବିଧାନସଭା କ୍ଷେତ୍ରର ଜନସାଧାରଣ ମଧ ଏହାର ଲାଭ ପାଇବେ । ତେଣୁ ଏହି ସେତୁ ସମଗ୍ର ଅଂଚଳ ପାଇଁ ବିକାଶର ନୂତନ ସେତୁବନ୍ଧ ଭାବରେ ପ୍ରମାଣିତ ହେବ ବୋଲି ମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର 'ବିକଶିତ ଓଡ଼ିଶା - ବିକାଶିତ ଭାରତ'ର ସଂକଳ୍ପ ଓଡ଼ିଶା ସରକାରଙ୍କ ସାମଗ୍ରିକ ଲକ୍ଷ୍ୟ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଉକ୍ତ ସଂକଳ୍ପକୁ ସାକାର ରୂପ ଦେବା ପାଇଁ ସର୍ବଦା ପ୍ରୟାସରତ ବୋଲି ଅଭିହିତ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାଥମିକତା ଭିତ୍ତିରେ ଏହି ସେତୁ ନିର୍ମାଣ କାର୍ଯ୍ୟ ସମାପନ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ବିଧାୟକ ଶ୍ରୀ ବାବୁ ସିଂ ମଧ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଗ୍ରାମ୍ୟ ଉନ୍ନୟନ ବିଭାଗର କେନ୍ଦ୍ରୀୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ଭୁବନେଶ୍ୱରର ମୁଖ୍ୟଯନ୍ତ୍ରୀ ଶ୍ରୀ ସତ୍ୟବ୍ରତ ବେହେରା ସ୍ୱାଗତ ଭାଷଣ ରଖିଥିଲେ । ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଅଶୋକ କୁମାର ବେହେରା ନିର୍ମାଣ ହେବାକୁ ଥିବା ଗଙ୍ଗୁଆ ନାଳ ସେତୁ ବିଷୟରେ ସବିଶେଷ ବିବରଣୀ ରଖିଥିଲେ । ଅନ୍ତିମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁବାଷ ଚନ୍ଦ୍ର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ ।

## ପୌର କାର୍ଯ୍ୟନିର୍ବାହୀ ଅଧିକାରିଙ୍କ ଆବାସରେ ପଥର ମାଡ

ଜୟପୁର, ୨୦/୧୦ (ନି.ପ୍ର): ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରିଙ୍କ ପାର୍କ ଲାଇନ ସ୍ଥିତ ସରକାରୀ ବାସଭବନରେ ପଥର ମାଡ ହୋଇଛି । ଗତ କାଲି ବିଳମ୍ବିତ ରାତ୍ର ରେ ଦୁର୍ବୃତ ପଥର ମାଡ ମାରିଥିବା ଜଣାଯାଇଛି । ପଥର ମାଡରେ ଆବାସ ସମ୍ମୁଖ ପାଚେର ରେ ଲାଗିଥିବା ପରିଚୟ ବୋର୍ଡ ଟି ଭାଙ୍ଗି ଯାଇଛି । ଏନେଇ ଜୟପୁର ଟାଉନ ଥାନା ରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରେର ପୋଲିସ ତଦନ୍ତ ଆରମ୍ଭ କରିଛି । ଦୁର୍ବୃତ ମଦ୍ୟ ପାନ କରି ଏପରି ପଥର ମାଡ କରିଥିବା ପୋଲିସ ପ୍ରାଥମିକ ତଦନ୍ତ ରୁ ଜାଣିବାକୁ ପାଇଥିବା ବିଷୟ ଆଜି ସଂନ୍ଧ୍ୟା ୫ଟାରେ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ଆରପାରିରେ ବାଲେଶ୍ୱର ଜିଲ୍ଲା ସ୍କୁଲର ସୁଖ୍ୟାତ ଅଙ୍କ ଶିକ୍ଷକ ଓ ବିଶିଷ୍ଟ ଲେଖକ ଅନାଦି ଚରଣ ଚାଟାର୍ଜୀ



ବାଲେଶ୍ୱର, ୨୦/୧୦ (ନି.ପ୍ର): ୧୯୪୨ ମସିହା ଜୁନ୍ ୨୫ ତାରିଖରେ ଜଳେଶ୍ୱର ନିକଟବର୍ତ୍ତୀ ଗୋବରଘଟା ଗ୍ରାମରେ ଜନ୍ମିତ ଉଚ୍ଚଶିକ୍ଷିତ ଅନାଦି ଚରଣ ଚାଟାର୍ଜୀ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଦୀର୍ଘ ବର୍ଷଧରି ସୁଖ୍ୟାତ ଅଙ୍କ ଶିକ୍ଷକ ଭାବେ ଅଗଣିତ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଯେଭଳି ସୁପରିଚିତ ଥିଲେ ସେହିଭଳି ଭାବେ ଅବସର ସମୟରେ ସାହିତ୍ୟ ସାଧନାରେ ନିମଗ୍ନ ରହି ଉଭୟ ମୌଳିକ ଓ ଅନୁବାଦ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ଗତ ୧୯ତାରିଖ ସନ୍ଧ୍ୟାରେ ରାଣୀପାଟଣାସ୍ଥିତ ବାସଭବନରେ ତାଙ୍କର ପରଲୋକଗମନ ଘଟିଛି । ଦୀର୍ଘ କିଛିବର୍ଷ ଧରି ସେ ଅସୁସ୍ଥ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୩ବର୍ଷ ହୋଇଥିଲା । ତାଙ୍କ ଲିଖିତ ପୁସ୍ତକ ମଧ୍ୟରେ ରହିଛି ଭ୍ରମଣ କାହାଣୀ 'ଇଂଲଣ୍ଡ ଆମେରିକା ଅନୁଭୂତି', ଇଉରୋପ ଅନୁଭୂତି, ବ୍ୟାକ୍‌ୱାଟର ଅନୁଭୂତି, ଗଳ୍ପ ପୁସ୍ତକ ଶର୍ମିଷ୍ଠାର ସ୍ୱାଭିମାନ ଓ ଅନ୍ୟାନ୍ୟ ଗଳ୍ପ, ଅନୁବାଦ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ 'ରବୀନ୍ଦ୍ର ସଞ୍ଚୟିତା, ଚିତ୍ରାଙ୍ଗଦା, ନୈବେଦ୍ୟ, ଅନେକ ସଂକଳନ ଓ ପତ୍ର ପତ୍ରିକାର ମଧ ସେ ସୁସଂପାଦନା କରିଥିଲେ । ବହୁ ଅନୁଷ୍ଠାନର ପରିଚାଳନାରେ ଦୀର୍ଘଦିନ ସକ୍ରିୟ ରହିଥିଲେ, ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ, ଫକୀରମୋହନ ସାହିତ୍ୟ ପରିଷଦ, ଅବସରପ୍ରାପ୍ତ ସରକାରୀ କର୍ମଚାରରୀ ସଂଘ, ଉତ୍କଳ ସମ୍ମିଳନୀ ପ୍ରଭୃତି ଅନେକ ଅନୁଷ୍ଠାନର ଥିଲେ ଆଜୀବନ ସଦସ୍ୟ । ୨୦ ତାରିଖ ସନ୍ଧ୍ୟାରେ ତାଙ୍କ ଜନ୍ମମାଟି ଗୋବରଘାଟା ଗ୍ରାମରେ ଶେଷକୃତ୍ୟ ସଂପନ୍ନ ହୋଇଛି । ତାଙ୍କର ସହଧର୍ମିଣୀ ମାୟା ଚାଟାର୍ଜୀ, ପୁତ୍ର ଅରିନ୍ଦମ, ଅନୁପମ, ଝିଅ ମୌସୁମୀ, ଜ୍ୱାଇଁ ରଜତ, ପୁତ୍ରବଧୂ ଶ୍ରାବଣୀ ଓ ସ୍ନିଗ୍ଧାଙ୍କ ସମେତ ନାତିନାତୁଣୀ ମରଶରୀର ନିକଟରେ ଉପସ୍ଥିତ ରହିଥିବାବେଳେ ବାଲେଶ୍ୱର ସହର ସମେତ ଜଳେଶ୍ୱର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ପୁସ୍ତକ ସମୂହର ପ୍ରକାଶକ ସୁବର୍ଣ୍ଣଶ୍ରୀର ପ୍ରକାଶକ ଡକ୍ଟର କାଳୀପଦ ପଣ୍ଡା ଓ କବି ଅଭୟ ଦାସ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଥିଲେ।

# ଆଦିବାସୀଙ୍କ ଚଳନ୍ତି ରାସ୍ତାରେ ବୋରିଙ୍ଗ ନିର୍ମାଣକୁ ନେଇ ମେଳିବାନ୍ଧି ରାସ୍ତା ଅବରୋଧ କଲେ ଶତାଧିକ ଆଦିବାସୀ



ନୀଳଗିରି, ୨୦/୧୦ (ନି.ପ୍ର): ଦୀର୍ଘବର୍ଷ ଧରି ନିର୍ଦ୍ଦିଷ୍ଟ ରାସ୍ତାରେ ଆଦିବାସୀ ସମ୍ପ୍ରଦାୟର ଲୋକ ଯିବା ଆସିବା କରୁଥିବା ବେଳେ ଉକ୍ତ ରାସ୍ତା ଉପରେ ଜୈନିକ ବ୍ୟକ୍ତି ବୋରିଂ ନିର୍ମାଣ କରୁଥିବା ଖବରପାଇ ପଞ୍ଚଖଣ୍ଡ ଗାଁ ର ଆଦିବାସୀ ମହିଳା ଓ ପୁରୁଷ ରାସ୍ତାରୋକ କରିଥିଲେ। ସୂଚନା ଅନୁଯାୟୀ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠର ସାଇକେଲ ଷ୍ଟାଣ୍ଡ ଠାରୁ ଗୋପ ପିଡବ୍ଲୁଡି ରୋଡ ପର୍ଯ୍ୟନ୍ତ ୨କିମି ରାସ୍ତା ପାଇଁ ରାଜ୍ୟ ଗ୍ରାମ୍ୟଉନ୍ନୟନ ବିଭାଗ ତରଫରୁ ୪କୋଟି ୭୨ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ଉକ୍ତ ରାସ୍ତାର ଗୋଟିଏ ସ୍ଥାନରେ ସାଧୁଚରଣ ମଳିକ ନାମକ ଜୈନିକ ବ୍ୟକ୍ତି ବୋରିଙ୍ଗ କରି ନିର୍ମାଣ କାର୍ଯ୍ୟ କରୁଥିବା ସମୟରେ ଉକ୍ତ ରାସ୍ତା ଦେଇ ଯିବାଆସିବା କରୁଥିବା କେନ୍ଦୁନାଳ, ନୂଆସାହି, ପାଟଚଣ୍ଡୀ, କଣ୍ଟାବଣିଆ ଓ ଗୋପ ଗ୍ରାମର ବସବାସ କରୁଥିବା ଆଦିବାସୀ ସଂପ୍ରଦାୟର ମହିଳା ଓ ପୁରୁଷ ରାସ୍ତା ଉପରେ ବସି ଏହାର ପ୍ରତିବାଦ କରିଥିଲେ। ତେବେ ରାଜାରାଜୁଡ଼ା ସମୟରୁ ଉକ୍ତ ରାସ୍ତା ଦେଇ ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକ ଯିବାଆସିବା କରୁଥିବା ଅଭିଯୋଗ କରୁଥିବା ବେଳେ ଅପର ପକ୍ଷରେ ଉକ୍ତଜାଗାଟି ସେ ବହୁ ପୂର୍ବରୁ କିଣିଥିବା ସାଧୁଚରଣ ମଳିକ କହିଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ ନକଲେ ଭବିଷ୍ୟତରେ ବିରାଟ ଜନ ଅସନ୍ତୋଷ ବୃଦ୍ଧି ପାଇବ ବୋଲି ଜଣାଯାଇଛି।

# ଦେବଗଡ ଜ଼ିଲ୍ଲାର ନବନିର୍ମିତ ଅଟ୍ଟାଳିକା ବିଭିନ୍ନ ବିଭାଗକୁ ହସ୍ତାନ୍ତର କରାଯିବ

ସମ୍ବଲପୁର, ୨୦/୧୦ (ନି.ପ୍ର): ଦେବଗଡ ଜ଼ିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ନୂତନ ଭାବେ ନିର୍ମିତ ହୋଇଥିବା ଅଟ୍ଟାଳିକା ଗ୍ରହଣ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ(ରାସ୍ତା ଓ ଗୃହ ) ରାମଚନ୍ଦ୍ର ସେଠୀଙ୍କ ଆହ୍ୱାନ କ୍ରମେ ଜିଲ୍ଲାରେ ବିଭିନ୍ନ ବିଭାଗର ନିର୍ମିତ ହୋଇଥିବା ଅଟ୍ଟାଳିକା ଗ୍ରହଣ ପାଇଁ ଆଲୋଚନା କରିଥିଲେ। ୨୩ ଗୋଟି ବିଭାଗର ଗୃହଗୁଡ଼ିକ ହସ୍ତାନ୍ତର ନେବା ନିମନ୍ତେ ସେ ଜିଲ୍ଲାପାଳଙ୍କ ଦୃଷ୍ଟିଗୋଚରକୁ ଆଣିଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ମିତ ଅଟ୍ଟାଳିକା ଗ୍ରହଣ କରିବା ପାଇଁ ଆଲୋଚନା କରିଥିଲେ ଓ ଅଟ୍ଟାଳିକାର ଆବଶ୍ୟକତା ଓ ବିଭିନ୍ନ ସମସ୍ୟାଗୁଡ଼ିକ ପୂରଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲ। ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଟିଁପିଡବ୍ଲୁ ରାଜୁ ସାହା, ସହକାରୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ନେତ୍ରାନନ୍ଦ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କେଲୁଅ ନଦୀରୁ ଅଜଣା ମହିଳାଙ୍କ ମୃତ ଦେହ ଉଦ୍ଧାର

ଧର୍ମଶାଳା, ୨୦/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅରାବଳ ପଂଚାୟତସ୍ଥ ମହନପୁର ନିକଟସ୍ଥ ବ୍ରାହ୍ମଣୀର ଶାଖା ନଦୀ କେଲୁଅ ଘାଟ ନିକଟରୁ ଆଜି ସକାଳେ ଏକ ଅଜଣା ମହିଳାଙ୍କ ମୃତ ଦେହ ଉଦ୍ଧାର ହୋଇଛି । ତେବେ ଏହାକୁ ଦେଖିବା ପାଇଁ ସ୍ଥାନୀୟ ଅଂଚଳରେ ଶହଶହ ଲୋକେ ରୁଣ୍ଡ ହୋଇଥିଲେ । ଆଜି ସକାଳେ ସ୍ଥାନୀୟ ଲୋକେ ନଦୀକୁ ଯିବା ସମୟରେ କୂଳରେ ଏକ ଶବ ଲାଗି ଥିଲା । ଏହାକୁ ଦେଖି ଲୋକେ କୋତପୁର ଫାଣ୍ଡିକୁ ଖବର ଦେଇଥିଲେ । ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଘଟଣାସ୍ଥଳରେ ପଂହଚି ପାଣିରୁ ମୃତ ଦେହକୁ ଉଦ୍ଧାର କରିଥିଲେ । ତେବେ ମଅତ ଦେହ ଜଣେ ଆଦିବାସୀ ମହିଳାଙ୍କର ହୋଇଥିବା ଜଣାପଡିଥିଲା । ତାଙ୍କ ବୟସ ପାଖାପାଖି ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଇଛି । ମୃତ ମହିଳା ଜଣକ ଏକ କଳା ରଙ୍ଗା ପ୍ୟାଂଟ୍ ଓ ହଳଦିଆ ରଂଗର ଗଞ୍ଜି ପିନ୍ଧିଥିବା ବେଳେ ଅଂଟାରେ ଏକ ଗାମୁଛା ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଏହି ଅଜଣା ମହିଳା ଜଣକ କେଉଁଠୁ ଆସିଲା ତାହାକୁ ପୋଲିସ ତଦନ୍ତ ଜାରି ରଖିଛି । କେସ୍ ନଂ ୨୫।୨୪ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଜାରି ରହିଥିବା ନେଇ ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି ।

# ରାଜ୍ୟସ୍ତରୀୟ ତାଇକୁଣ୍ଡ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କୃତିତ୍ୱ




ମୟୂଂଭଂଜ, ୨୦/୧୦ (ନି.ପ୍ର): ଓଡିଶା ରାଜ୍ୟସ୍ତରୀୟ ତାଇକୁଣ୍ଡ ପ୍ରତିଯୋଗିତା ପୁରୀ ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କ ମାର୍ଗଦର୍ଶନରେ ରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଙ୍କ ସହିତ ବାଳକ ଟିମ ମ୍ୟାନେଜର ଭାବେ ପିଟିଆଇ ଜିତେନ୍ଦ୍ର ଯୋଶ୍ୱାଲ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଜ୍ୟୋତ୍ରୀମୟୀ ଦାସମହାପାତ୍ର ଙ୍କ ନେତୃତ୍ୱ କ୍ରୀଡ଼ାବିତ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରୁ ୨୭ ରୁ ୨୯ କେ.ଜି.ଓଜନରେ ର ୧୪ ବର୍ଷରୁ କମ ବାଳକ ବିଭାଗରେ ଶତ୍ରୁଘନ ମଡୁଆଳ ରାଜ୍ୟରେ ପ୍ରଥମ ହୋଇ ଗୋଲଡ଼ ମେଡାଲ, ୨୬ ରୁ ୨୯ କେ.ଜି. ଓଜନରେ ୧୪ ବର୍ଷରୁ କମ ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ସିଂ ରାଜ୍ୟରେ ପ୍ରଥମ ହୋଇ ଗୋଲଡ଼ ମେଡଲ, ୩୨ ରୁ ୩୫ କେ. ଜି. ଓଜନ ରେ ୧୪ ବର୍ଷରୁ ବାଳିକା ବିଭାଗ ରେ ଦିବ୍ୟସ୍ମିତା ମଡୁଆଳ ରାଜ୍ୟରେ ଦ୍ୱିତୀୟ ହୋଇ ସିଲଭର ମେଡଲ, ୩୨ ରୁ ୩୫ କେ. ଜି. ଓଜନ ରେ ୧୭ ବର୍ଷରୁ ବାଳିକା ବିଭାଗ ରେ ପୂର୍ଣ୍ଣିମା ସିଂ ରାଜ୍ୟରେ ଦ୍ୱିତୀୟ ହୋଇ ସିଲଭର ମେଡଲ ଗ୍ରହଣ କରି ପୁରସ୍କୃତ ହେବା ସହିତ ମୟୂରଭଞ୍ଜ ଜିଲ୍ଲା ୧୪ ବର୍ଷରୁ କମ ବାଳିକା ବିଭାଗ ସମଗ୍ର ଓଡିଶା ରାଜ୍ୟରେ ରନର୍ସଅପ ହୋଇଛନ୍ତି କ୍ଷ ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଚମ୍ପିୟାନ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଝାରସୁଗୁଡାଠାରେ ସମ୍ବଲପୁର ରେଳମଣ୍ଡଳ ସାଂସଦ କମିଟି ବୈଠକ

ସମ୍ବଲପୁର, ୨୦/୧୦ (ନି.ପ୍ର): ଆଜି ଝାରସୁଗୁଡାରେ ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ସାଂସଦ ମାନଙ୍କ ଏକ ବିଭାଗୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଛତିଶଗଡ଼ ଏବଂ ଓଡିଶାର ବିଶିଷ୍ଟ ସାଂସଦ ମାନଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ବିଭିନ୍ନ ଭିତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ସାଂସଦମାନେ ବରିଷ୍ଠ ସାଂସଦ ତଥା ମାନ୍ୟବର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କୁ ବିଭାଗୀୟ କମିଟିର ସଭାପତି ଭାବରେ ମନୋନୀତ କରିଥିଲେ କ୍ଷ ଏହି ବୈଠକରେ ଯୋଗଦେଇଥିବା ଅତିଥି ମାନଙ୍କ ମଧ୍ୟରେ ସଂଗୀତା କୁମାରୀ ସିଂହଦେଓ, ସାଂସଦ, ବଲାଙ୍ଗୀର, ପ୍ରଦୀପ ପୁରୋହିତ, ସାଂସଦ, ବରଗଡ଼, ନିରଞ୍ଜନ ବିଶି, ସାଂସଦ ରାଜ୍ୟସଭା ମାଳବୀକା ଦେବୀ, ସାଂସଦ, କଳାହାଣ୍ଡି, ରୂପ କୁମାରୀ ଚୌଧୁରୀ, ସାଂସଦ ମହାସମୁନ୍ଦ, ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ, ଝାରସୁଗୁଡା ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସାଂସଦ ମାନେ ଗଠନମୂଳକ ଆଲୋଚନାରେ ଭାଗନେଇ ରେଳ ଭିତିଭୂମି ବୃଦ୍ଧି ତଥା ଏହି ଅଂଚଳରେ ଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଚାଲୁରହିଥିବା ପ୍ରକଳ୍ପର ଗୁରୁତ୍ୱକୁ ଦର୍ଶାଇ ଟ୍ରେନ୍ ସେବା, ଟ୍ରେନ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ । ବୈଠକରେ ଆଲୋଚନା ହୋଇଥିବା ପ୍ରମୁଖ ବିଷୟଗୁଡ଼ିକ ମଧ୍ୟରେ ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦା ମେଂଟାଇବା ପାଇଁ ଟ୍ରେନ୍ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଂଚଳକୁ ଟ୍ରେନ ସେବା ସମ୍ପ୍ରସାରଣ କରିବା । ନୂତନ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା । ରୋଡ଼ ଅଣ୍ଡର ବ୍ରିଜ୍ (ଉପମାର୍ଗ) ଏବଂ ରୋଡ୍ ଓଭର ବ୍ରିଜ୍ ର ବିକାଶ । ଷ୍ଟେସନ ମାନଙ୍କରେ ଯାତ୍ରୀଙ୍କ ସୁବିଧା ସୁଦୃଢ଼ କରିବା । ଟ୍ରେନ, ପ୍ଲାଟଫର୍ମ ଓ ଷ୍ଟେସନ ପରିସରରେ ସ୍ୱଚ୍ଛତା ସମ୍ବନ୍ଧରେ ବିଶେଷ ଧ୍ୟାନଦେବା । ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା । ବିଭିନ୍ନ ଷ୍ଟେସନ ଠାରେ ଟ୍ରେନ ମାନଙ୍କର ରହଣି ବ୍ୟବସ୍ଥା । ଆଂଚଳିକ ପଣ୍ୟ ପରିବହନ ଚାହିଦା ପୂରଣ କରିବା ସହିତ କ୍ରମାଗତ ଭାବେ ଯାତ୍ରୀବାହୀ ଟ୍ରେନ ଚଳାଚଳ କ୍ଷେତ୍ରରେ ଉନ୍ନତି ଆଣିବା କ୍ଷେତ୍ରରେ ପୂର୍ବତଟ ରେଳପଥର ପ୍ରଚେଷ୍ଟାକୁ ମାନ୍ୟବର ସାଂସଦ ମାନେ ପ୍ରଶଂସା କରିଥିଲେ । ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ତାଙ୍କ ଅଭିଭାଷଣରେ ସାଂସଦମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ମୂଲ୍ୟବାନ ମତାମତ, ଉପଦେଶ ଏବଂ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି । ଯାତ୍ରୀ ସେବାରେ ଉନ୍ନତି ଏବଂ ଚାଲୁରହିଥିବା ଭିତିଭୂମି ବିକାଶ ପ୍ରକଳ୍ପ ଉପରେ ଧ୍ୟାନ ଦେଇ ସେ ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଆଲୋକପାତ କରି ଯାତ୍ରୀ ପରିଷେବା କ୍ଷେତ୍ରରେ ଉନ୍ନତି ଆଣିବା ଏବଂ ବିଭିନ୍ନ ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକର ଅଗ୍ରଗତିର ସ୍ଥିତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେଙ୍କ ସମେତ ରେଳପଥ ମୁଖ୍ୟାଳୟର ପ୍ରମୁଖ ବିଭାଗୀୟ ଅଧିକାରୀ ଓ ସମ୍ବଲପୁର ରେଳମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ ।

# ଧନୁଯାତ୍ରା ପାଇଁ ଆର୍ଥିକ ଅନୁଦାନ ବୃଦ୍ଧି ଦାବି କଲା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ

ବରଗଡ଼, ୨୦/୧୦ (ନି.ପ୍ର): ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପାଇଁ ମିଳୁଥିବା ସରକାରୀ ଆର୍ଥିକ ଅନୁଦାନକୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ରାଜ୍ୟ ସରକାରଙ୍କ ଠାରେ ଦାବି ଜଣାଇଛି । ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ ଏହି ମର୍ମରେ ଜିଲ୍ଲାପାଳ ବରଗଡ଼ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ତରଫରୁ ସ୍ମାରକପତ୍ର ପ୍ରଦାନ କରିଥିବା ସହ ରାଜ୍ୟ ପ୍ରମୁଖ ଶାସନ ସଚିବ ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ସଚିବ ବିଷ୍ଣୁପଦ ସେଠିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତେବେ ବରଗଡ଼ ବିଶ୍ୱ ପ୍ରସିଦ୍ଧ ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଂଚ ଧନୁଯାତ୍ରା କଳା ସାହିତ୍ୟ ସଂସ୍କୃତି ଓ ପରମ୍ପରା କ୍ଷେତ୍ରରେ ଭାରତ ବର୍ଷରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବା ବେଳେ ଏହି ମହୋତ୍ସବର ସାଂସ୍କୃତିକ ମାନବୃଦ୍ଧି ସହିତ କଳା ସଂସ୍କୃତିର ଆହୁରି ଉତ୍କର୍ଷତା ପ୍ରତିପାଦନ ଓ ଆହୁରି ଆକର୍ଷଣୀୟ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ମିଳୁଥିବା ଆର୍ଥିକ ଅନୁଦାନ ରାଶିକୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସ୍ମାରକପତ୍ରରେ ମହାସଂଘ ପକ୍ଷରୁ ଉଲ୍ଲେଖ କରାଯାଇଛି ।

# ସାଂସ୍କୃତିକ ପରିବେଶ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା

ସମ୍ବଲପୁର, ୨୦/୧୦ (ନି.ପ୍ର): ଗଜଲକ୍ଷ୍ମୀ ପୂଜା ଅବସରରେ ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ସରାପାଲି ଗ୍ରାମ ନିକଟସ୍ଥ ଗୋଧିଡିପ ଠାରେ ମହାଲକ୍ଷ୍ମୀ ଯୁବକ ସଂଘ ଆନୁକୂଲ୍ୟ ରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ସଂଘ ର ସଭାପତି ହଳଧର ସାହୁଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି ସମାରୋହ ରେ ୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ବିଚାରକ ଭାବରେ ନାରାୟଣ ସାହୁ, କ୍ଷୀରୋଦ କୁମାର ପଣ୍ଡା ଓ ରେଣୁବାଳା ନାୟକ ଯୋଗ ଦେଇଥିଲେ ଓ କେପସୁଲ କିଡ୍ସ ଗ୍ରୁପ୍ ପ୍ରଥମ, ଅଙ୍କୁର ସ୍ୱାଇଁ ଦ୍ୱିତୀୟ ଓ ସୋହାନୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧୀକ୍ଷକ ଡାକ୍ତର ଅମୂଲ୍ୟ ରତ୍ନ ମହନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ଓ ମଂଟୁ ସାହୁ, ପ୍ରଶାନ୍ତ ପ୍ରଧାନ, ଶ୍ରୀପତି ସାହୁ, ଶରତ ବାରିକ, ଧୀରେନ ସାହୁ ଓ ସୁକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପଡିଯିବାରୁ ଅଂଟା ଓ ପିଠିରେ ଯନ୍ତ୍ରଣା ହେଉଛି କି... କରନ୍ତୁ ଏହି ଆସନ, ହେଇଯିବ ଭଲ

ଦେଖାଯାଏ ସାଧାରଣତଃ, ଯେଉଁମାନେ ତଳେ ପଡିଯାଆନ୍ତି ସେମାନଙ୍କ ପିଠି ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗେ। ତେବେ ଆଘାତ କିମ୍ବା ଅନ୍ୟାନ୍ୟ କାରଣରୁ ଯଦି ପିଠି ଏବଂ ଅଣ୍ଟା ଯନ୍ତ୍ରଣା ହେଉଥାଏ ତେବେ ଏହା ହ୍ରାସ କରିବାରେ କିଛି ଯୋଗାସନ ଖୁବ ପ୍ରଭାବଶାଳୀ ହୋଇଥାଏ। ଅନେକ ସମୟରେ ବ୍ୟସ୍ତବିବ୍ରତ, ଭୟ କିମ୍ବା ଝୁଣ୍ଟିଯିବା ଇତ୍ୟାଦି କାରଣରୁ କେହିବି ପଡିଯିବା ଦେଖାଯାଏ। ସାଧାରଣତଃ, ଯେଉଁମାନେ ତଳେ ପଡିଯାଆନ୍ତି ସେମାନଙ୍କ ପିଠି ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗେ। ଅନେକ ସମୟରେ ଯଦିଓ ଆଘାତ ଗୁରୁତର ହୁଏ ନାହିଁ, କିନ୍ତୁ ଏହା ଅନେକ ଯନ୍ତ୍ରଣା ସୃଷ୍ଟି କରିଥାଏ, ଯେପରିକି ପିଠି, ଅଣ୍ଟା କିମ୍ବା ପିଚାରେ ନାଲି ଏବଂ ନୀଳ ଚିହ୍ନ ହୋଇଯାଏ।

ଏହାର କାରଣ ହେଉଛି ଆଘାତ ହେତୁ ରକ୍ତବାହୀକା ନଷ୍ଟ ହୋଇଯାଏ। ଛୋଟ ଛୋଟ ରକ୍ତବାହୀଲା ଫାଟି ଯାଇପାରେ, ଯାହାଦ୍ୱାରା ରକ୍ତ ବାହାରି ଚର୍ମ ତଳେ ଜମିଯାଏ। ଆରମ୍ଭରେ ଏହା ଲାଲ ଦେଖାଯାଏ କିନ୍ତୁ ଅମ୍ଳଜାନର ଅଭାବ ହେତୁ ଚର୍ମ ତଳେ ଜମା ହୋଇଥିବା ରକ୍ତ ରଙ୍ଗ ନୀଳ କିମ୍ବା ବାଇଗଣୀ ରଙ୍ଗରେ ବଦଳିଯାଏ।

ଆଘାତ ପରେ ଫୁଲା ଏବଂ ପ୍ରଦାହ ମଧ୍ୟ ହୁଏ, ଯାହା ପ୍ରଭାବିତ ଅଞ୍ଚଳରେ ଖୁବ ଯନ୍ତ୍ରଣା ହୁଏ। ଏପରି ପରିସ୍ଥିତିରେ ଉଠିବା ଏବଂ ବସିବାରେ ସମସ୍ୟା ହୋଇପାରେ। ତେବେ ଆଘାତ କିମ୍ବା ଅନ୍ୟାନ୍ୟ କାରଣରୁ ଯଦି ପିଠି ଏବଂ ଅଣ୍ଟା ଯନ୍ତ୍ରଣା ହେଉଥାଏ ତେବେ ଏହା ହ୍ରାସ କରିବାରେ କିଛି ଯୋଗାସନ ଖୁବ ପ୍ରଭାବଶାଳୀ ହୋଇଥାଏ। ତଥାପି, ଏଭଳି ପରିସ୍ଥିତିରେ ଯୋଗ କରିବା ପୂର୍ବରୁ ନିଶ୍ଚିତ ଭାବରେ ଡାକ୍ତରୀ ପରାମର୍ଶ ନେବା ଜରୁରୀ।



*ବାଳାସନ:*

ଏଭଳି କ୍ଷେତ୍ରରେ ନିୟମିତ ଭାବରେ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନର ପ୍ରଭାବ ମେରୁହାଡ ଉପରେ ପଡେ। କରିବାକୁ ହେଲେ ମ୍ୟାଟ୍ ଉପରେ ଆଣ୍ଠୁରେ ବସନ୍ତୁ। ବର୍ତ୍ତମାନ ଉଭୟ ଆଣ୍ଠୁ ଏବଂ ଗୋଇଠି ଏକାଠି ସ୍ପର୍ଶ କରନ୍ତୁ। ଏକ ଗଭୀର ଶ୍ୱାସ ନେଇ, ହାତକୁ ଉପରକୁ ନେଇ ପରେ ଶ୍ୱାସ ଛାଡି ଆଗକୁ ନଇଁଯାଆନ୍ତୁ। ଜଙ୍ଘରେ ପେଟକୁ ଲଗାନ୍ତୁ। ଆଗକୁ ଚାହିଁ ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ, ଆଣ୍ଠୁକୁ ସିଧା କରି ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହାକୁ ୩-୫ ଥର କରନ୍ତୁ।



*ତାଡାସନ:*

ତାଡାସନ କରିବା ଦ୍ୱାରା ସମଗ୍ର ଶରୀର ପ୍ରସାରିତ ହୁଏ। ଏହି ଆସନ କରିବାକୁ ହେଲେ ପ୍ରଥମେ ଯୋଗ ମ୍ୟାଟ୍ ଉପରେ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେବା ସହିତ, ଉଭୟ ହାତକୁ ଛନ୍ଦି ଉପରକୁ ଉଠାନ୍ତୁ। ଏହି ସମୟରେ ଗୋଇଠି ଉଠାଇ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ ଏବଂ ଶରୀରକୁ ଉପରରୁ ଷ୍ଟ୍ରେଚ୍ କରନ୍ତୁ।

*ଭୁଜଙ୍ଗାସନ:*

ଭୁଜଙ୍ଗାସନ ଅଭ୍ୟାସ ବେକ ଏବଂ ମେରୁଦଣ୍ଡର ଉପର ହାଡ ଉପରେ ଚାପ ପକାଇଥାଏ। ପିଠି ଏବଂ ଅଣ୍ଟାର ଯନ୍ତ୍ରଣା ସହ ଫ୍ରୋଜେନ୍ ସୋଲ୍ଡର୍ ଏବଂ ଛାତି ମାଂସପେଶୀକୁ ସୁସ୍ଥ ରଖିବା ପାଇଁ ଏହି ଆସନ ଅତ୍ୟନ୍ତ ଲାଭଦାୟକ। ଏହି ଆସନରେ ଶରୀରର ଆକୃତିକୁ ସାପ ସଦୃଶ କରାଯାଏ। ଏହି ଯୋଗାସନ କରିବା ପାଇଁ, ପେଟ ଉପରେ ଶୋଇ ପାପୁଲିକୁ କାନ୍ଧ ତଳେ ରଖନ୍ତୁ। ତା'ପରେ ଶରୀରର ଆଗ ଭାଗକୁ ଉପରକୁ ଉଠାନ୍ତୁ ଏବଂ ଏହି ଅବସ୍ଥାରେ ୧୦-୨୦ ସେକେଣ୍ଡ ପର୍ଯ୍ୟନ୍ତ ରୁହନ୍ତୁ। ପରେ ସାଧାରଣ ଅବସ୍ଥାକୁ ଆସନ୍ତୁ।



*ସେତୁବନ୍ଧାସନ:*

ଏହି ଆସନ ମେରୁଦଣ୍ଡଜନିତ ସମସ୍ୟାକୁ ଦୂର କରିବାରେ ଖୁବ ଭଲ କାମ କରିଥାଏ। ଏହାକୁ କରିବା ପାଇଁ, ତୁମର ପିଠି ଉପରେ ମ୍ୟାଟ୍ ଉପରେ ଶୋଇଯାଆନ୍ତୁ। ଏହାପାରେ ଆଣ୍ଠୁକୁ ବଙ୍କା କରି ପାଦକୁ ତଳେ ରଖନ୍ତୁ। ଦୁଇ ହାତରେ ବଳାଗଣ୍ଠିକୁ ଧରି ରଖନ୍ତୁ। ଶ୍ୱାସ ନେଇ ଧୀରେ ଧୀରେ ଅଣ୍ଟା ପାଖରୁ ଉପରକୁ ଉଠାନ୍ତୁ। ଏହି ଅବସ୍ଥାରେ ୧-୨ ମିନିଟ୍ ରୁହନ୍ତୁ। ଏହାପରେ ଶ୍ୱାସ ଛାଡି ଆରମ୍ଭ ସ୍ଥିତିକୁ ଆସନ୍ତୁ।



# ମଧୁମେହ ଏବଂ କୋଲେଷ୍ଟ୍ରଲ ପାଇଁ ରାମବାଣ ମହୁ,ଏପରି କରନ୍ତୁ ବ୍ୟବହାର

ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଫଳପ୍ରଦ ହୋଇଥାଏ ମହୁ । ଅନେକ ରୋଗ ପାଇଁ ମହୁ ବ୍ୟବହାର କରାଯାଇଥାଏ । ଏଥିରେ ପ୍ରୋଟିନ୍, ଆଣ୍ଟି-ବ୍ୟାକ୍ଟେରିଆଲ୍, ଆଣ୍ଟି-କର୍କିନୋଜେନିକ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ । ମହୁରେ ଥିବା ପୋଷକ ତତ୍ତ୍ୱ ମଧୁମେହ ଏବଂ କୋଲେଷ୍ଟ୍ରଲକୁ ମଧ୍ୟ ରକ୍ଷା କରିଥାଏ ।ତେବେ ମହୁକୁ କିପରି ଖାଇବା ଉଚିତ୍ ଆସନ୍ତୁ ଜାଣିବା । ମହୁ ବ୍ୟବହାର କରି ମଧୁମେହକୁ ନିୟନ୍ତ୍ରଣରେ ରଖାଯାଇ ପାରିବ ଏହା ଶୁଣିଲେ ଆପଣମାନେ ନିଶ୍ଚିତ ଆଶ୍ଚର୍ଯ୍ୟ ହେଉଥିବେ । ମହୁ କିପରି ମଧୁମେହ ରୋଗରେ ଲାଭଦାୟକ ହୋଇପାରେ ସେ ବିଷୟରେ ସମସ୍ତେ ଚିନ୍ତାରେ ପଡ଼ନ୍ତି । ବାସ୍ତବରେ, ମହୁରେ ଥିବା ପୋଷକ ତତ୍ତ୍ୱ ଗ୍ଲୁକୋଜକୁ ନିୟନ୍ତ୍ରଣ କରିବା ପାଇଁ କାମ କରିଥାଏ । ଏହା ମିଠାର ଲୋଭକୁ ମଧ୍ୟ ଶାନ୍ତ କରିଥାଏ, ଏହି ଉପାୟରେ ମଧୁମେହ ରୋଗ ନିୟନ୍ତ୍ରଣରେ ରହିଥାଏ ।

ମହୁ କାର୍ଡିଓମେଟାବୋଲିକ୍ ସ୍ୱାସ୍ଥ୍ୟରେ ଲାଭଦାୟକ ହୋଇଥାଏ। ଅନୁସନ୍ଧାନ ଅନୁଯାୟୀ, ମହୁ ଉପବାସରେ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିଥାଏ ଏବଂ ଭଲ କୋଲେଷ୍ଟ୍ରଲ ବଢାଇବାରେ ସାହାଯ୍ୟ କରିଥାଏ ।

କୋଲେଷ୍ଟ୍ରଲ ନିୟନ୍ତ୍ରଣ କରନ୍ତୁ:

ମହୁ କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଥାଏ ଯାହା କୋଲେଷ୍ଟ୍ରଲ ହ୍ରାସ କରିଥାଏ । ଯଦି ଆପଣ କୋଲେଷ୍ଟ୍ରଲ ବଢିବାକୁ ଭୟ କରୁଛନ୍ତି, ତେବେ ଏକ ଚାମଚ ମହୁ ସହିତ କଞ୍ଚା ରସୁଣ ଖାଇବା ଅତ୍ୟନ୍ତ ଲାଭଦାୟକ ହେବ । ଏହା କୋଲେଷ୍ଟ୍ରଲକୁ




ନିୟନ୍ତ୍ରଣ କରିବା ପାଇଁ ଏହା କାମ କରିଥାଏ ଏବଂ ହୃଦୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ ।

କିପରି ଖାଇବେ ମହୁ ?:

ପ୍ରତିଦିନ ଗୋଟିଏ ଚାମଚ (୩୫-୪୦) ଗ୍ରାମ ମହୁ ଖାଇବା ଲାଭଦାୟକ ହୋଇଥାଏ । ଯଦି ଆପଣ ଚା'ରେ ଚିନି ବଦଳରେ ମହୁ ବ୍ୟବହାର କରନ୍ତି, ତେବେ ଏହା ବହୁତ ଲାଭଦାୟକ ହେବ । ଆପଣ ଏହାକୁ ଏକ ସୁସ୍ଥ କାଢାରେ ମିଶାଇ ମଧ୍ୟ ଖାଇପାରିବେ ।

ମଧୁମେହ ଏବଂ କୋଲେଷ୍ଟ୍ରଲ ବ୍ୟତୀତ ମହୁ ଅନ୍ୟାନ୍ୟ ରୋଗକୁ ଉପଶମ କରିବାରେ ଲାଭଦାୟକ ହୋଇଥାଏ । ମହୁ ହଜମ, ଥଣ୍ଡା, ଗଳା ସମସ୍ୟା ଏବଂ ମେଦବହୁଳତା ଭଳି ସମସ୍ୟା ଦୂର କରିବା ପାଇଁ କାମ କରେ । ମହୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । ଏହା କେଶ ଏବଂ ଚର୍ମ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ ।



# ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର, ଉପଶମ ଦେବ ଔଷଧୀୟ ଚା'

ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର। ଏଣିକି ରୋଗରୁ ଉପଶମ ଦେବ ଏକ ସ୍ୱତନ୍ତ୍ର ଚା'। ଯାହାକୁ ପିଇଲେ ଆପଣ ଚା'ର ମଜା ଉଠାଇବା ସହ ଏହାର ଔଷଧୀୟ ଗୁଣ ଆପଣଙ୍କ ଶରୀର ପାଇଁ ସାଜିବ ରାମବାଣ। କେବଳ ମଧୁମେହ ରୋଗ ପାଇଁ ନୁହେଁ ହୃଦରୋଗ ସମେତ କିଡନୀ, ହୃଦରୋଗ ଓ ଗଣ୍ଠିବାତ ସମସ୍ୟା ପାଇଁ ବି ଏହା ହେବ ଲାଭଦାୟକ । ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳିର ମିଶ୍ରଣରେ ପ୍ରସ୍ତୁତ ହୋଇଛି ଏଭଳି ଔଷଧୀୟ ଚା' । ଏଭଳି ଔଷଧୀୟ ଚା' ପ୍ରସ୍ତୁତ କରିଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ । ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଜ୍ଞାନ ପକ୍ଷରୁ ପ୍ରାୟ ୩୦ ପ୍ରକାର ଔଷଧୀୟ ଚା' ଉତ୍ପାଦନ କରାଯାଇଛି । ମୂଷାଙ୍କ ଉପରେ ସଫଳ ପ୍ରୟୋଗ ପରେ ଏହାର ବଜାର ପ୍ରବେଶ କରିବାକୁ ଯୋଜନା ରଖିଛନ୍ତି କର୍ତ୍ତୃପକ୍ଷ । ଏନେଇ ଷ୍ଟାର୍ଟ ଅପ୍ ସଂସ୍ଥା ଅର୍କିଡ୍ ହର୍ବାଲ ପ୍ରାଇଭେଟ୍ ଲିମିଟେଡ୍ ଚୁକ୍ତି ହୋଇଛି । ଏମଧ୍ୟରେ **FSSI, GMO, ISO**ର ଅନୁମୋଦନ ମିଳିସାରିଛି । ଖୁବଶୀଘ୍ର ଏହି ନୂତନ ଚା' ବଜାରରେ ଉପଲବ୍ଧ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଜୈବ ପ୍ରଯୁକ୍ତି ଓ ଜୈବ ସୁଚନା ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ନାୟକ କହିଛନ୍ତି, ଗ୍ରୀନ୍ ଟି ସହ ଗନ୍ଧମାର୍ଦ୍ଦନର ଜଟିବୁଟିକୁ ମିଶ୍ରଣ କରି ଆମେ ଏହି ଚା' ପ୍ରସ୍ତୁତ କରୁଛୁ। ଆମେ ୩୦ ପ୍ରକାର ଔଷଧୀୟ ଚା' ତିଆରି କରୁଛୁ। ଏହା ମଧୁମେହ ସମେତ, କୋଲେଷ୍ଟ୍ରଲ, ଆଣ୍ଠୁଗଣ୍ଠି ବାତ, ଲିଭର ଓ କିଡ଼ନୀ ପାଇଁ ବି ଭଲ ଫଳପ୍ରଦ ହୋଇ ପାରିବ । ହର୍ବାଲ ଚା'ରେ ମିଶୁଥିବା ଔଷଧୀୟ ଉପାଦାନ। ଚା' ଉତ୍ପାଦନ ପାଇଁ ବିଶ୍ୱବିଦ୍ୟାଳୟର ଫୁଡ୍ ସାଇନ୍ସ ବିଭାଗରେ ଆବଶକୀୟ ଯନ୍ତ୍ରପାତି ଓ ପ୍ୟାକିଂ ମେସିନ୍ ଲଗାଯାଇଛି । ଆଗାମୀ ଦିନରେ ୨୭ ପ୍ରକାର ଚା' ଉତ୍ପାଦନ ହେବାକୁ ଥିବା ବେଳେ ୮ ରୋଗ ପାଇଁ ଏହା ଉପଶମ ଦେବ । ଦାର୍ଜିଲିଂ ଓ ଆସାମରୁ ଏନେଇ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଚା' ଅଣାଯାଉଛି । ପରେ ବରଗଡ଼ ପାଇକମାଳସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳି ମିଶ୍ରଣ କରାଯାଇ ପ୍ରସ୍ତୁତ ହେଉଛି ଏହି ସ୍ୱତନ୍ତ୍ର ଗର୍ବାଲ ଚା' । ହର୍ବାଲ-ଟି ପାଇଁ ସୁଗନ୍ଧିତ ବାସ୍ନା , ଗୁଡମାରୀ , ଅଶ୍ୱଗନ୍ଧା , ପିପଳୀ , କଟୁକୀ, ପୁନଃନର୍ଭା ଆଦି ଜଡ଼ିବୁଟୀ ଗନ୍ଧମାର୍ଦ୍ଦନରୁ ସଂଗୃହୀତ ହେଉଥିବା ବେଳେ. ଉତ୍ତରାଖଣ୍ଡରୁ ସ୍ୱତନ୍ତ୍ର ଗୋଲାପ ଆମଦାନୀ କରାଯାଉଛି ।



# କେବଳ ଡାଳିମ୍ବ ନୁହେଁ, ଚୋପାରେ ବି ରହିଛି ଉପକାରୀ ଗୁଣ





**ଡାଳିମ୍ବକୁ ବିଭିନ୍ନ ଉପକାରୀ ଫଳ ମଧ୍ୟରୁ ଅନ୍ୟତମ ଭାବେ ବିବେଚନା କରାଯାଏ। ଏଥିରେ ଜିଙ୍କ, ପୋଟାସିୟମ୍, ଆଇରନ୍ ଏବଂ ଓମେଗା-୬ ଫ୍ୟାଟି ଏସିଡ୍ ଥାଏ। ଡାଳିମ୍ବ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ରକ୍ତହୀନତା ସମସ୍ୟା ଦୂର ହୋଇଥାଏ ଏବଂ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ। ହେଲେ ଡାଳିମ୍ବ ଚୋପା ବି ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଜାଣନ୍ତି କି ? ଆଜ୍ଞା ହଁ, କେବଳ ଡାଳିମ୍ବ ନୁହେଁ, ଏହାର ଚୋପାରେ ମଧ୍ୟ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଅନେକ ଲୋକ ଡାଳିମ୍ବ ଖାଇ ଏହାର ଚୋପାକୁ ଫିଙ୍ଗି ଦିଅନ୍ତି। ଯଦି ଆପଣ ଏହାର ଚୋପାକୁ ସଠିକ୍ ଭାବେ ବ୍ୟବହାର କରିପାରିବେ ତେବେ ହୃଦୟ ସ୍ୱାସ୍ଥ୍ୟଠୁ ନେଇ ମେଦବହୁଳତା ପର୍ଯ୍ୟନ୍ତ ବଡ଼ ବଡ଼ ସମସ୍ୟାକୁ ଦୂର କରିପାରିବେ ! କିପରି, ଜାଣନ୍ତୁ...**

ଡାଳିମ୍ବ ଚୋପାର ଉପକାରିତା:

ହୃଦୟକୁ ସୁସ୍ଥ ରଖେ- ଡାଳିମ୍ବ ଚୋପା ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଏହା ହୃଦୟ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଡାଳିମ୍ବ ଚୋପାର ଚା' ପିଇବା ଦ୍ୱାରା କୋଲେଷ୍ଟ୍ରଲ ହ୍ରାସ ହୋଇପାରେ। କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରହିଲେ, ହୃଦୟ ସ୍ୱାସ୍ଥ୍ୟ ଆପଣାଛାଏଁ ବଜାୟ ରହିଥାଏ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି- ଡାଳିମ୍ବରୁ ଭିଟାମିନ୍ ଏବଂ ଅନ୍ୟାନ୍ୟ ଜରୁରୀ ପୋଷକ ତତ୍ତ୍ୱ ମିଳିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ତେଣୁ ଡାଳିମ୍ବ ଚା' ପିଇବା ଦ୍ୱାରା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବଢି ପାରିବ। ଫଳରେ ମୌସୁମୀରେ ହେଉଥିବା ସାଧାରଣ ଥଣ୍ଡା-ଜ୍ୱର ଏବଂ ସଂକ୍ରମଣ ସମସ୍ୟା ହେବ ନାହିଁ। ଓଜନ ହ୍ରାସ- ଡାଳିମ୍ବ ଚୋପା ଚା' ଓଜନ ହ୍ରାସ କରିବାରେ ବେଶ୍ ଲାଭଦାୟକ ହୋଇପାରିବ। ମେଦବହୁଳତା ଥିଲେ ଦିନକୁ ଥରେ ଡାଳିମ୍ବ ଚୋପା ଚା' ପିଇବା ଆବଶ୍ୟକ। ଏହି ଚା' ପିଇବା ଦ୍ୱାରା ଶରୀରରେ ଜମା



ହୋଇଥିବା ଅତିରିକ୍ତ ଚର୍ବି କମିଯାଏ। ଫଳରେ ମେଦବହୁଳତା ସମସ୍ୟା ଦୂର ହୋଇପାରିବ। ଡାଳିମ୍ବ ଚୋପା ଚା' କିପରି ପ୍ରସ୍ତୁତ କରିବେ ? ଚା' ତିଆରି କରିବା ପାଇଁ ଡାଳିମ୍ବ ଚୋପାକୁ ପରିଷ୍କାର ପାଣିରେ ଧୋଇ ଦିଅନ୍ତୁ। ଏହାପରେ ଚୋପାକୁ ଛୋଟ ଛୋଟ ଖଣ୍ଡ କରି କାଟିଦିଅନ୍ତୁ। ଏହି ଚୋପାକୁ ସୂର୍ଯ୍ୟକିରଣରେ ଶୁଖାନ୍ତୁ। ଚୋପା ଶୁଖିଗଲା ପରେ ସେଗୁଡିକୁ ଗ୍ରାଇଣ୍ଡିଂ କରି ପାଉଡର ତିଆରି କରନ୍ତୁ। ଏହି ପାଉଡରକୁ ଏକ ବାକ୍ସରେ ରଖନ୍ତୁ। ଚା' କରିବା ସମୟରେ ପାଣିରେ ଏହି ପାଉଡର ମିଶାନ୍ତୁ। ଏଥିରେ ମହୁ ଏବଂ ଲେମ୍ବୁ ରସ ମଧ୍ୟ ମିଶାଇ ପାରିବେ। ଚା' ଫୁଟିଗଲା ପରେ ଏହି ପାଣିକୁ ପିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହଙ୍ଗା ବଜାରରୁ ବାର୍ତ୍ତା – କାଟି ଖାଅ

ଯେତେବେଳେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ବଜାର ମୂଲ୍ୟ କ୍ରମାଗତ ବଢ଼ିଚାଲେ ସେତେବେଳେ ଉପଭୋକ୍ତାମାନଙ୍କ କ୍ରୟଶକ୍ତି କ୍ରମଶଃ ସଂକୁଚିତ ହୁଏ। ଏଭଳି ପରିସ୍ଥିତିରେ ଉପଭୋକ୍ତାମାନେ ସେମାନଙ୍କ ଚାହିଦାକୁ କାଣ୍ଟଛାଣ୍ଟ କରି ଜୀବନଶୈଳୀକୁ ମୁଦ୍ରାସ୍ଫୀତି ଅନୁକୂଳ କରିବାର ଉଦ୍ୟମ ଆରମ୍ଭ କରନ୍ତି। ଏପରିକି କ୍ରମବର୍ଦ୍ଧିଷ୍ଣୁ ଦରଦାମ ପ୍ରଭାବରୁ ପାରିବାରିକ ଅର୍ଥନୀତିକୁ ସୁରକ୍ଷା ଦେବା ପାଇଁ ଅନେକ ଉତ୍ପାଦକୁ ଜୀବନଚର୍ଯ୍ୟାରୁ ବାଦ୍ ଦେବାକୁ ବାଧ୍ୟ ହୁଅନ୍ତି। ପ୍ରଚଳିତ ଲୋକଭାଷାରେ ଖାଉଟିଙ୍କ ଏହି ଖର୍ଚ୍ଚକାଟ ମାନସିକତା 'କାଟି ଖାଅ' ଭାବେ ଆଦୃତ ଓ ବହୁଳ ବ୍ୟବହୃତ। ଅର୍ଥନୀତି ଭାଷାରେ ଏହା 'ଚାହିଦାର ସ୍ଥିତିସ୍ଥାପକତା(ଇଲାଷ୍ଟିସିଟି ଅଫ୍ ଡିମାଣ୍ଡ)' ଭାବେ ପରିଚିତ, ଯାହାର ବ୍ୟାଖ୍ୟା ଟିକିଏ ଜଟିଳ। ବଜାର ଅର୍ଥନୀତିର 'କାଟି ଖାଅ' ବା 'ଇଲାଷ୍ଟିସିଟି ଅଫ ଡିମାଣ୍ଡ' ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ହେଁ ଯୋଗାଣକାରୀ ବା ଉତ୍ପାଦନକାରୀମାନଙ୍କ ପାଇଁ ଅନୁକୂଳ ନୁହେଁ। ଅର୍ଥନୀତିର କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି କାଳରେ କଞ୍ଚାମାଲ ସମେତ ଉତ୍ପାଦନ, ପରିବହନ, ବିଜ୍ଞାପନ ଓ ଆନୁଷଙ୍ଗିକ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଖାଉଟିଙ୍କ ପକେଟ୍‌କୁ ସୁହାଇବା ଭଳି ଉତ୍ପାଦର ଦର ସ୍ଥିର ରଖିଲେ ଉତ୍ପାଦନକାରୀ ବିପୁଳ କ୍ଷତି ସହିବ। ଅପରପକ୍ଷରେ ଉତ୍ପାଦର ଦର ବୃଦ୍ଧି କଲେ ଚାହିଦା ଆହୁରି ହ୍ରାସ ପାଇବ। ଏହି ପରିସ୍ଥିତି ମଧ୍ୟମ ଓ ଦୀର୍ଘକାଳୀନ ଭିତ୍ତିରେ ବଜାର ଅର୍ଥନୀତିକୁ ସ୍ଥାଣୁ କରିବା ଆଶଙ୍କା ମଧ୍ୟ ଅଧିକ। ଏହି ପୃଷ୍ଠଭୂମିରେ ବା କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ଓ କ୍ରମକ୍ଷୟିଷ୍ଣୁ ଚାହିଦା ମଧ୍ୟରେ ଭାରସାମ୍ୟ ରକ୍ଷା କରିବାରେ ଉତ୍ପାଦକମାନେ ଏକ କୌଶଳ ଅବଲମ୍ବନ କରନ୍ତି, ଯାହାକୁ ଆଧୁନିକ ବଜାର-ଅର୍ଥନୀତିଜ୍ଞମାନେ 'ସ୍ରିଙ୍କ୍‌ଫ୍ଲେସନ୍' ଭାବେ ଅଭିହିତ କରିଛନ୍ତି। ବିଗତ ଶତାବ୍ଦୀର ନବେ ଦଶକ ପ୍ରାରମ୍ଭରୁ ବଜାର ଅର୍ଥନୀତିର ପ୍ରାଧାନ୍ୟ ବିସ୍ତାର ସହିତ 'ସ୍ରିଙ୍କ୍‌ଫ୍ଲେସନ୍' କୌଶଳର ପ୍ରୟୋଗ ଆରମ୍ଭ ହୋଇଛି। ବିଶେଷକରି ଖାଦ୍ୟ, ପାନୀୟ ସାମଗ୍ରୀରେ ଏହାର ପ୍ରଥମ ପ୍ରୟୋଗ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ନିତ୍ୟବ୍ୟବହାର୍ଯ୍ୟ ଅନ୍ୟାନ୍ୟ ଉପଭୋକ୍ତା ସାମଗ୍ରୀ(ଏଫ୍‌ଏମ୍‌ସିଜି) ବଜାରକୁ ପରିବ୍ୟାପ୍ତ ହୋଇଛି। କ୍ରମବର୍ଦ୍ଧିଷ୍ଣୁ ଦରଦାମ ଖାଉଟିର ପକେଟ୍‌କୁ ବାଧିବ ନାହିଁ, ଅଥଚ ସେ ତା' ଅଜାଣତରେ ସମ୍ପୃକ୍ତ ଉତ୍ପାଦକ ବା କମ୍ପାନୀର ଲାଭାଂଶ ବଢ଼ାଇ ଚାଲିଥିବ – ଏହି ଚତୁର ଉଦ୍ଦେଶ୍ୟ ବା କୌଶଳରେ ଉତ୍ପାଦର ପ୍ରଚଳିତ ଦର ସମାନ ରଖି ପରିମାଣ ହ୍ରାସ କରିଦିଆଯାଏ। ଖାଉଟିମାନେ ସାଧାରଣତଃ ପ୍ୟାକେଟ୍ ଉପରେ ଲେଖାଥିବା ଦାମକୁ ଦେଖନ୍ତି, କିନ୍ତୁ ତା' ଭିତରେ ଥିବା ଉତ୍ପାଦ କିମ୍ବା ଆକାର ହ୍ରାସ/ବୃଦ୍ଧିକୁ ସେପରି ଗୁରୁତ୍ୱ ଦିଅନ୍ତି ନାହିଁ। ଖାଉଟିର ଏହି ସାଧାରଣ ମାନସିକତାର ଫାଇଦା ନେଇ ଉତ୍ପାଦକମାନେ ସମାନ ଦାମରେ କମ୍ ସାମଗ୍ରୀ ବିକ୍ରି କରନ୍ତି। ବ୍ରାଏନ୍ ଡୋମିଟ୍ରୋଭିକ୍‌ଙ୍କୁ ଏହି କୌଶଳର ଜନକ ଏବଂ ବ୍ରିଟିଶ୍ ଅର୍ଥନୀତିଜ୍ଞ ପାଇପା ମାଲଗ୍ରେନ୍‌ଙ୍କୁ ଉଦ୍ୟୋକ୍ତା ମାନ୍ୟତା ଦିଆଯାଇଛି। ଭାରତୀୟ ବଂଶୋଦ୍ଭବ ଅର୍ଥନୀତିଜ୍ଞ(ମାଇକ୍ରୋଇକୋନୋମିଷ୍ଟ) ବିବେକ ମୂର୍ତ୍ତିଙ୍କୁ ଏହାର ପ୍ରୟୋଗାତ୍ମକ ରଣନୀତିକାର ଭାବେ ଅଭିହିତ କରାଯାଏ। ଭାରତରେ ୨୦୦୮ରେ ପ୍ରଥମେ ଏହାର ପ୍ରୟୋଗ ଦେଖିବାକୁ ମିଳିଥିଲା, ଯେତେବେଳେ ଏକ ବହୁଦେଶୀୟ କମ୍ପାନୀ ତା'ର ଡିଟରଜେଣ୍ଟ ପ୍ୟାକେଟ୍‌ରେ ଉତ୍ପାଦ ପରିମାଣକୁ ୧ କିଗ୍ରାରୁ ହ୍ରାସ କରି ୮୫୦ ଗ୍ରା. କରି ବଜାରକୁ ଛାଡ଼ିଲା। ଏହାର କିଛିମାସ ପରେ ଏକ ବହୁଦେଶୀୟ ମୃଦୁପାନୀୟ କମ୍ପାନୀ ଦ୍ୱାରା ଉତ୍ପାଦିତ ୨ ଲିଟରର ବିଶିଷ୍ଟ ପ୍ଲାଷ୍ଟିକ୍ ବୋତଲର ଦାମ ସମାନ ଥାଇ ତା' ଭିତରେ ଥିବା ପାନୀୟ ପରିମାଣ ୧.୭୫ ଲିଟରକୁ ହ୍ରାସ ପାଇଥିଲା। ସେହିସମୟରେ ବିଶ୍ୱ ଅର୍ଥନୀତି ଗୁରୁତର ମାନ୍ଦାବସ୍ଥା ଦେଇ ଗତିକରୁଥିବାରୁ ବଜାର ଚାହିଦା ହ୍ରାସ ପାଇଥିଲା। ତେଣୁ ଖାଉଟିଙ୍କୁ ବଜାରମନସ୍କ କରିବା ପାଇଁ ବହୁଦେଶୀୟ କମ୍ପାନୀମାନେ ଏହି କୌଶଳ ପ୍ରୟୋଗ କରିଥିଲେ। ଭାରତର ଅର୍ଥନୀତିକୁ ବିଶ୍ୱ ମାନ୍ଦାବସ୍ଥା ପ୍ରଭାବିତ କରି ନଥିଲେ ହେଁ ବଜାର ଅର୍ଥନୀତିର 'ସ୍ରିଙ୍କ୍‌ଫ୍ଲେସନ୍' ପ୍ରଭାବ ଭାରତୀୟ ଖାଉଟିମାନଙ୍କ ଉପରେ ମଧ୍ୟ ପଡ଼ିଥିଲା। ଦାମ ସମାନ ଥାଇ ବଜାରରେ ସମାନ ବ୍ରାଣ୍ଡରେ ସମାନ କମ୍ପାନୀର ଚୁଇଙ୍ଗମ୍ ପ୍ୟାକେଟ୍ ଭିତରେ ସଂଖ୍ୟା ୬ରୁ ୫କୁ ହ୍ରାସ, ବିସ୍କୁଟ୍, ସାବୁନ୍ ଓ ଚକୋଲେଟ୍ ଆକାରରେ ହ୍ରାସ ଆଦି 'ସ୍ରିଙ୍କ୍‌ଫ୍ଲେସନ୍' ଉଦାହରଣ ବହୁଳ। ତେଣୁ ଏବେ ଯଦି ଆମେ ଦାମ ସମାନ ଥାଇ କ୍ଷୀର କିମ୍ବା ତେଲ ପ୍ୟାକେଟରେ ୧ ଲିଟର ବଦଳରେ ୮୫୦ ଗ୍ରାମ, ଚକୋଲେଟ୍ ଓ ସାବୁନ୍‌ର ଆକାର ପୂର୍ବାପେକ୍ଷା କମ୍, ବିଭିନ୍ନ ଜଙ୍କଫୁଡ୍ ପ୍ୟାକେଟ୍‌ରେ କମ୍ ପରିମାଣର ସାମଗ୍ରୀ କିଣୁଛୁ ସେଥିରେ ଅଧିକ ଆଶ୍ଚର୍ଯ୍ୟ କିମ୍ବା ଅଧିକ ବିବ୍ରତ ହେବାର ନାହିଁ। ଏହା ମହଙ୍ଗା ବଜାରର ଖାଉଟିଙ୍କ ପ୍ରତି ଏକ ସନ୍ଦେଶ ଓ ନିର୍ଦ୍ଦେଶ। ଏହି ସନ୍ଦେଶ ଓ ନିର୍ଦ୍ଦେଶକୁ ଏଡ଼ାଇଯିବାର କ୍ଷମତା ଆପାତତଃ ଖାଉଟିଙ୍କର ନାହିଁ। ବିଡ଼ମ୍ବନା ହେଉଛି ବ୍ରିଟେନ୍‌ରେ ବ୍ୟବସାୟ ଜଗତର ଏହି 'ସ୍ରିଙ୍କ୍‌ଫ୍ଲେସନ୍' ଅଭିସନ୍ଧି ଉପରେ ସତର୍କ ଦୃଷ୍ଟି ରଖାଯାଇ କେତେକ କ୍ଷେତ୍ରରେ କଟକଣା ଜାରି କରାଯାଇଥିବା ବେଳେ ଗତବର୍ଷ ଆମେରିକାରେ ଏହାର ନିରାକରଣ ପାଇଁ ଆଇନ ଆଣିବାକୁ ଉଦ୍ୟମ ହୋଇଛି। ଅଥଚ ବିଶ୍ୱର ବିଶାଳ ଖାଉଟି ବଜାର ଭାରତରେ ସରକାର ଉଦ୍ଦେଶ୍ୟମୂଳକ ଭାବେ 'ସ୍ରିଙ୍କ୍‌ଫ୍ଲେସନ୍' ପ୍ରତି ନିରବଦ୍ରଷ୍ଟା ଓ ଉଦାସୀନ। ଏହାପଛର କାରଣ ମଧ୍ୟ ଅତି ସ୍ପଷ୍ଟ।



## ସାଲିସ୍ ବିହୀନ ସଂଗ୍ରାମୀ 'ସାରଙ୍ଗଧର'

### ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

ଆମର ଦେଶ ଭାରତ ଦୀର୍ଘଦିନ ଧରି ଇଂରେଜ ଶାସନରେ ରହିବା ପରେ ୧୯୪୭ ମସିହା ଅଗଷ୍ଟମାସ ୧୫ ତାରିଖରେ ଆମ୍ଭେ ସ୍ୱାଧୀନ ହେଲୁ। ମାତ୍ର ସ୍ୱାଧୀନତାପରେ ଦେଶ ମଧ୍ୟରେ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ଦେଶୀୟ ରାଜ୍ୟ ନିଜ ନିଜକୁ ସ୍ୱାଧୀନ ଘୋଷଣା କରିଥିଲେ। ସେମାନଙ୍କର ଘୋଷଣା ଥିଲା ଦେଶର ଏକତା ତଥା ସାର୍ବଭୌମତ୍ୱ ପ୍ରତି ପ୍ରଧାନ ବିପଦ। ସ୍ୱାଧୀନ ଭାରତ ସରକାରଙ୍କ ଶାସନ ତଥା ଦେଶ ପାଇଁ ତାହା ଥିଲା ଏକ ଆହ୍ୱାନ। ସ୍ୱାଧୀନତା ପୂର୍ବରୁ ଏ ବାବଦରେ ମଧ୍ୟ ଆଶଙ୍କା ପ୍ରକାଶ ପାଇଥିଲା। ଏହି ଆଶଙ୍କାକୁ ମର୍ମେ ମର୍ମେ ଅନୁଭବ କରି ଏହାର ନିରାକରଣ ସ୍ୱରୂପ ଦେଶୀୟ ରାଜ୍ୟ ମିଶ୍ର ପାଇଁ ଦେଶର ଯେଉଁ କେତେଜଣ ଦୂରଦ୍ରଷ୍ଟା ଜନନେତା ଆପ୍ରାଣ ଉଦ୍ୟମ କରି ସଫଳ ହୋଇଥିଲେ ସେମାନଙ୍କ ମଧ୍ୟରେ 'ସାରଙ୍ଗଧର' ଥିଲେ ଅନ୍ୟତମ।

୧୮୮୭ ମସିହା ଅକ୍ଟୋବର ମାସ ୧୯ ତାରିଖ ବୁଧବାର ଦିନ ସେ ଢ଼େଙ୍କାନାଳର ହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଯୋଗକୁ ସେଦିନ ଥିଲା 'କୁମାର ପୂର୍ଣ୍ଣିମା'। ପିତା ହରେକୃଷ୍ଣ ଦାସଙ୍କ ଔରସରୁ ଓ ମାତା ମାଣିକ ଦେବୀଙ୍କ ଗର୍ଭରୁ କନିଷ୍ଠ ତଥା ପଞ୍ଚମ ସନ୍ତାନ ଭାବେ ଜନ୍ମଗ୍ରହଣ କରିରଥିଲେ ସାରଙ୍ଗଧର। ତାଙ୍କୁ ଯେତେବେଳେ ମାତ୍ର ଏଗାର ବର୍ଷ ସେତେବେଳେ ପିତା ହରେକୃଷ୍ଣଙ୍କର ଦେହାନ୍ତ ହୋଇଗଲା। ଅନେକ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ମଧ୍ୟରେ ସେ ନିଜର ପାଠପଢ଼ା ଜାରି ରଖିଲେ। ସେ ୧୯୦୫ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କଲେ। ତାଙ୍କର ସହପାଠୀ ଥିଲେ ନୀଳକଣ୍ଠ ଦାସ (ପରେ ପଣ୍ଡିତ ନୀଳକଣ୍ଠ ଦାସ)। ସହପାଠୀ ନୀଳକଣ୍ଠଙ୍କ ଜରିଆରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶ ଓ ଆଚାର୍ଯ୍ୟ ହରିହର ଦାସ ବନ୍ଧୁତା ହୋଇଥିଲା ଓ ପରେ ସ୍ୱଦେଶ ଆନ୍ଦୋଳନ ପ୍ରତି ଆକର୍ଷିତ ହୋଇଥିଲେ। ପ୍ରଥମେ ସେ ସରକାରୀ ଚାକିରରୀକୁ ଲକ୍ଷ୍ୟ ରଖି ପାଠ ପଢୁଥିଲେ। ପରେ ସେ ଅନୁଭବ କଲେ, ଉଚ୍ଚଶିକ୍ଷାପ୍ରାପ୍ତ ଯୁବକଙ୍କ ପାଇଁ ସରକାରୀ ଚାକିରୀ ବାହାରେ ବି ଅନେକ କାମ ଅଛି। ଯାହାକି ଚାକିରି ଅପେକ୍ଷା ଅନେକ ମହତ୍ତ୍ୱପୂର୍ଣ୍ଣ। ମଣିଷ ଜୀବନରେ ଏହିପରି ଗୋଟିଏ ଗୋଟିଏ ସଙ୍କଟମୟ ପରିସ୍ଥିତି ଆସେ, ଯାହାକି ପରବର୍ତ୍ତୀ ସମୟରେ ଜୀବନଧାରାରେ ଅନେକ ପରିବର୍ତ୍ତନ ଘଟାଇ, ଜୀବକୁ ଉଚ୍ଚରୁ ଉଚ୍ଚତର କରିଦିଏ।

ରେଭେନ୍ସା କଲେଜରେ ପଢ଼ୁଥିବା ସମୟରେ ସେ ରାଜ୍ୟରେର ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱପ୍ନ ଦେଖୁଥିଲେ। ଆମ ଦେଶକୁ କପଟୀ ଇଂରେଜମାନେ ଶାସନ କରୁଥିବାରୁ ସେ ଇଂଲଣ୍ଡ କିମ୍ବା ଅନ୍ୟାନ୍ୟ ୟୁରୋପୀୟ ଦେଶମାନଙ୍କୁ ପଢ଼ିବାକୁ ଯିବାକୁ ଚାହୁଁ ନଥିଲେ। ସେତେବେଳେ ଏସିଆ ମହାଦେଶରେ 'ଜାପାନ' ଥିଲା ସବୁଠୁ ବିକଶିତ ତଥା ଶିଳ୍ପ ସମୃଦ୍ଧ ଦେଶ। ସେଠାରେ ଖର୍ଚ୍ଚ ବି କମ୍। ତେଣୁ ସେ ଜାପାନ ଯିବାକୁ ସ୍ଥିର କଲେ। ହେଲେ ପାଖରେ ଅର୍ଥ ନଥିବାରୁ ସେ ନୀଳଗିରି ସ୍କୁଲରେ ଶିକ୍ଷକତା କଲେ। ସେଠାରେ ଶିକ୍ଷକତା ସମୟରେ ସେ ଜାଣିରିବାକୁ ପାଇଲେ ଯେ କଲିକତାର ଏକ ସଂସ୍ଥା ମେଧାବୀ ଛାତ୍ରମାନଙ୍କୁ ବିଦେଶରେ ପଢ଼ିବା ନିମନ୍ତେ ସହାୟତା କରୁଛି। ସେ ଆବେଦନ କଲେ ଓ ଦୁଇବର୍ଷ ପାଇଁ ମାସିକ ପଚିଶ ଟଙ୍କା କରି ବୃତ୍ତି ପାଇଲେ। ସେତେବେଳେ ଢ଼େଙ୍କାନାଳର ରାଜା ଶ୍ରୀ ସୁର ପ୍ରତାପ ସିଂହଦେବ ତାଙ୍କୁ ମାସିକ ବୃତ୍ତି ଦେବାକୁ ବି ରାଜି ହେଲେ। ସାରଙ୍ଗଧର ୧୯୦୭ ମସିହାରେ ଜାପାନ ଯାତ୍ରା କଲେ।

ଜାପାନର ଭାଷା ଜାଣିବା ଜରୁରୀ ଥିଲା। ହେଲେ ତାଙ୍କ ପାଇଁ ଏହା ଅତ୍ୟନ୍ତ କଷ୍ଟ ଥିଲା ଓ ଜାପାନର ଶିକ୍ଷାସ୍ତର ଉଚ୍ଚ ନୁହେଁ ବୋଲି ତାଙ୍କର ଧାରଣା ହେଲା। ଏଣୁ ସେ ଆମେରିକା ଯିବାକୁ ସ୍ଥିର କଲେ। ହେଲେ ଆମେରିକା ଯିବା ନିମନ୍ତେ ଟିକେଟ ଖର୍ଚ୍ଚ ପାଖରେ ନଥିଲା। ପଣ୍ଡିତ ଗୋପବନ୍ଧୁ ଓ ଆଚାର୍ଯ୍ୟ ହରିହର ଉତ୍କଳ ସମ୍ମିଳନୀ ତରଫରୁ ତାଙ୍କୁ ତିନିଶହ ଟଙ୍କା ପଠାଇବାରୁ ସେ ତୃତୀୟଶ୍ରେଣୀ ଜଳ ଜାହାଜରେ ଆମେରିକା ଯାତ୍ରା କଲେ। ଚାରିମାସ ପରେ ଆମେରିକା ପହଞ୍ଚି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ। ସେଠାରେ ସେ ରସାୟନ ବିଜ୍ଞାନରେ ସ୍ନାତକ ହେବା ପରେ କୃଷି ବିଜ୍ଞାନର ବି ଅଧ୍ୟୟନ କଲେ। ପରେ ସେ ଦିଆସିଲି ତିଆରି ଓ ଚିନି ବିଶୋଧନ ପ୍ରକ୍ରିୟା ମଧ୍ୟ ଶିକ୍ଷାଲାଭ କଲେ। ପଢ଼ା ଶେଷରେ ସେ ହାୱାଇସ୍ଥିତ 'ପାୟା ଚିନି କାରଖାନା'ରେ ଚିଫ୍ କେମିଷ୍ଟ ଭାବେ ନିଯୁକ୍ତି ପାଇଲେ।

କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମୟରେ ଫ୍ରିଡ଼ା ହାଇସିରିଥ୍ ଜଣେ ଛାତ୍ରୀଙ୍କ ସହ ପରିଚୟ ହୋଇଥିଲା। ଯେ କି ସୁଇଡେନ୍‌ରୁ ଆସି ଆମେରିକାରେ ଥିଲେ। ସେ ଥିଲେ ଜଣେ ଲେଖିକା ଓ ଚିତ୍ରଶିଳ୍ପୀ। ପ୍ରତ୍ୟେକ ପରସ୍ପରକୁ ଭଲ ପାଉଥିଲେ। ସାରଙ୍ଗଧର ତାଙ୍କୁ ବିବାହ ପ୍ରସ୍ତାବ ବି ଦେଇଥିଲେ। ମାତ୍ର ବ୍ରିଟିଶ୍ ଦୂତାବାସ ଫ୍ରିଡ଼ାଙ୍କୁ ଭିସା ନଦେବାରୁ ସେ ହତାଶ ହେଲେ। ସେ ବିଦେଶରୁ ଓଡ଼ିଶାକୁ ଫେରି ଆସିଲେ।

ଓଡ଼ିଶାବାସୀଙ୍କର ସେବା କରିବା ପାଇଁ ଢ଼େଙ୍କାନାଳରେ ପ୍ରଯୁକ୍ତିବିଦ୍ୟା ଓ ଶିକ୍ଷାର ଉପଯୋଗ କରି ଏକ ଆଦର୍ଶ ଫାର୍ମ ପ୍ରତିଷ୍ଠା କଲେ। ସେ ଅନେକାଂଶରେ ସଫଳ ବି ହେଲେ ମାତ୍ର ଏହା ଦ୍ୱାରା ସେ ଢ଼େଙ୍କାନାଳ ରାଜ୍ୟଙ୍କର ରୋଷଚକ୍ଷୁର ଶିକାର ହେଲେ। ରାଜାଙ୍କ ଅତ୍ୟାଚାରରେ ସେ ଫାର୍ମ ଛାଡ଼ି 'ପ୍ରଜା ଆନ୍ଦୋଳନ'ରେ ଯୋଗଦେଲେ। ରାଜାଙ୍କଠାରେ ବେକାରୀ ଖଟୁଥିବା ଲୋକମାନଙ୍କୁ ସେ ଏକଯୁଟ କଲେ। ରାଜାଙ୍କର ଜନମାରଣ ନୀତି ସମ୍ବନ୍ଧରେ ସମସ୍ତ ଜନତାଙ୍କୁ ଅବଗତ କରାଇ ସଂଗ୍ରାମ ଚଳାଇ ରଖିଲେ। ସେ ହିଁ ଥିଲେ ଗଡ଼ଜାତ ପ୍ରଜା ଆନ୍ଦୋଳନର ପ୍ରମୁଖ ନେତା। ଅନୁନ୍ନତ ଜଡ଼ଜାତ ଅଞ୍ଚଳର ଉନ୍ନତି ତାଙ୍କର ସ୍ୱପ୍ନ ଥିଲା। ଗଡ଼ଜାତ ଅଞ୍ଚଳର ନିସ୍ୱାର୍ଥପର ସେବା ଯୋଗୁଁ ସେ 'ଗଡ଼ଜାତ ଗାନ୍ଧୀ' ରୂପେ ପରିଚିତ ଥିଲେ। ବିପ୍ଳବୀ ସାରଙ୍ଗଧର 'ଦେଶୀୟ ରାଜ୍ୟ ମିଶ୍ରଣ ଆନ୍ଦୋଳନ'ର ନେତୃତ୍ୱ ନେଇଥିଲେ। ସ୍ୱାଧୀନତା ପର କାଳରେ ସେ ପ୍ରଜାମଣ୍ଡଳ କଂଗ୍ରେସ ପ୍ରାର୍ଥୀ ଭାବେ 'ତିର୍ତ୍ତୋଳ- ଏରସମା' ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଦେଶ ଓ ଜନତାଙ୍କ ହିତ ପାଇଁ ସେ ବହୁବାର କାରବରଣ କରିଥିଲେ।

ସାରଙ୍ଗଧରଙ୍କ ପ୍ରତିଜ୍ଞା ଥିଲା ବଜ୍ରପରି କଠିନ ମାତ୍ର ହୃଦୟ ଥିଲା ତୁଳାପରି କୋମଳ। ଅପରିସୀମା ଶୃଙ୍ଖଳାଜ୍ଞାନ ଓ ସମୟାନୁବର୍ତ୍ତିତା ତାଙ୍କର ପ୍ରଧାନ ଗୁଣ ଥିଲା। ଉନ୍ନତ ଚିନ୍ତା ଓ ସରଳ ଜୀବନଯାପନ ଥିଲା ତାଙ୍କର ପ୍ରଧାନ ଅବଲମ୍ବନ। ସେ ସର୍ବଦା ନିଜକୁ ତଥା ନିଜ ଜୀବନକୁ ସମାଜବାଦୀ ଚିନ୍ତାଧାରାରେ ଉତ୍ସର୍ଗ କରିଥିଲେ।

ସେହି ମହାନ ବିପ୍ଳବୀ ତଥା ବରେଣ୍ୟ ସାଧକ ୧୯୫୭ ମସିହା ସେପ୍ଟେମ୍ବର ମାସ ଅଠର ତାରିଖ ବୁଧବାର ଦିନ ଧରାପୃଷ୍ଠରୁ ବିଦାୟ ନେଲେ। ହେଲେ ପଛରେ ଛାଡ଼ିଗଲେ ଏକ ନିର୍ମଳ ନୀତିନିଷ୍ଠ ସଂଗ୍ରାମୀର ଘଟଣାବହୁଳ କାହାଣୀ ଓ ଅନେକ କିମ୍ବଦନ୍ତୀ। ତାଙ୍କ ମହାପ୍ରୟାଣରେ ଜାତୀୟ କବି ବୀରକିଶୋର ଦାସଙ୍କ ଅଶ୍ରୁସିକ୍ତ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଗାଇଥିଲେ.... 'ଦେବଦୂତ ତମେ ସରଗବାସୀ, କି ଶୁଭ ଲଗନେ ଥିଲ ହେ ଆସି ଅନ୍ଧାରୀ ମୂଳକ କରି ଆଲୋକିତ, ନିୟକାଠେ ଭରି ଚନ୍ଦନ ସୁବାସ, ନନ୍ଦନ କାନନେ ଯାଇଛ ଭାସି।' ବାସ୍ତବରେ ସାରଙ୍ଗଧର ଥିଲେ ଦେବଦୂତ। ଜୀବନ ସାରା ସଂଗ୍ରାମକରି ଅନ୍ଧାରୀ ମୂଳକକୁ ଆଲୋକିତ କରିବାରେ ସେ ଯେଉଁ ପରାକାଷ୍ଠା ଦେଖାଇ ଯାଇଛନ୍ତି ତାହା ଅବିସ୍ମରଣୀୟ।

+ପ୍ରଜ୍ଞାନୀଡ଼
ବସନ୍ତବିହାର, ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪



## ବାଘ ସଂରକ୍ଷଣ କ୍ଷେତ୍ରରେ ଅନ୍ତର୍ଜାତୀୟ ମେଣ୍ଟରେ ଭାରତ

### ଅଲେଖ ଚନ୍ଦ୍ର ସାମଲ

ଆମ ସାଧାରଣ ଜୀବନରେ ମାମୁଁ ବୋଇଲେ ଆମ ନିଜ ମାମୁଁଙ୍କ ବ୍ୟତୀତ ବାଘ ମାମୁଁ ଓ ଜହ୍ନ ମାମୁଁଙ୍କୁ ବୁଝାଉ। ତେବେ ଆମ ଏହି ବାଘ ମାମୁଁ ଏବେ ଅନେକ ବିପଦ ସାମ୍ନା କରୁଥିବାବେଳେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ସେମାନଙ୍କର ସଂରକ୍ଷଣ ଓ ସେମାନଙ୍କ ପ୍ରତି ଭଲ ପାଇବା ଦିନକୁ ଦିନ ବଢୁଛି। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନିଜ ନିଜ କ୍ଷେତ୍ରରେ ବ୍ୟାଘ୍ର ସଂରକ୍ଷଣ ପାଇଁ ଅନେକ କୋଟି କୋଟି ଟଙ୍କାର ପ୍ରକଳ୍ପ ହାତକୁ ମଧ୍ୟ ନେଉଛନ୍ତି। ସେହିପରି ଅନେକ ଆନ୍ତର୍ଜାତିକ ବେସରକାରୀ, ଦାତବ୍ୟ ଓ ପଶୁ ପକ୍ଷୀଙ୍କ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନମାନେ ମଧ୍ୟ ସହଯୋଗ କରୁଛନ୍ତି। ଏହିପରି ଏକ ସମୟରେ ବାଘ ସଂରକ୍ଷଣ କ୍ଷେତ୍ରରେ ଭାରତ ଅନ୍ତର୍ଜାତୀୟ ସ୍ତରରେ ଏବେ ବଡ଼ ଭୂମିକା ନେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଭାରତ ଅନ୍ତର୍ଜାତୀୟ ବିଗ କ୍ୟାଟ ଆଲାଏନ୍ସର ସଦସ୍ୟ ହେବା ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଆଇବିସିଏର ପ୍ରତିଷ୍ଠା ପାଇଁ ଏକ ଫ୍ରେମୱାର୍କ ଏଗ୍ରିମେଣ୍ଟରେ ଆନୁଷ୍ଠାନିକ ଭାବେ ସ୍ୱାକ୍ଷର କରିଛି ଭାରତ। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଭାରତ, ନିକାରାଗୁଆ, ଏସ୍ୱାତିନୀ ଓ ସୋମଲିଆ ସମେତ ଚାରିଟି ଦେଶ ଆଇବିସିଏର ସଦସ୍ୟ ହୋଇଛନ୍ତି। ଆଇବିସିଏର ସଦସ୍ୟ ହେବା ପାଇଁ ୨୪ଟି ଦେଶ ରାଜି ହୋଇଥିବା ବେଳେ ୯ଟି ଅନ୍ତର୍ଜାତୀୟ ସଂଗଠନ ମଧ୍ୟ ଆଇବିସିଏର ଅଂଶୀଦାର ହେବାକୁ ସମ୍ମାନିତ ପ୍ରକାଶ କରିଛନ୍ତି। ଏପ୍ରିଲ ୯, ୨୦୨୩ରେ ଭାରତର ପ୍ରୋଜେକ୍ଟ ଟାଇଗରର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ବାଘ, ସିଂହ, କଲରାପତରିଆ, ବରଫ ଚିତାବାଘ, ପ୍ୟୁମା ଆମେରିକୀୟ ବାଘ ପ୍ରଜାତି, ଜାଗୁଆର ଓ ଚିତା ଭଳି ବଡ଼ ବିଡ଼ାଳଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଏକ ଅନ୍ତର୍ଜାତୀୟ ବିଗ କ୍ୟାଟ ଆଲାଏନ୍ସର ଶୁଭାରମ୍ଭ କରିଥିଲେ। ଫେବୃଆରୀ ୨୯ର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ୧୫୦ କୋଟି ଟଙ୍କାର ଏକକାଳୀନ ବଜେଟ ସହାୟତାରେ ଭାରତରେ ମୁଖ୍ୟାଳୟ ସହ ଅନ୍ତର୍ଜାତୀୟ ବିଗ କ୍ୟାଟ ଆଲାଏନ୍ସ ପ୍ରତିଷ୍ଠାକୁ ମଞ୍ଜୁରି ମିଳିଥିଲା। ସ୍ୱାକ୍ଷରିତ ଫ୍ରେମୱାର୍କ ଚୁକ୍ତିର ନକଲ ଶୁକ୍ରବାର ଆଇବିସିଏର ଅନ୍ତରୀଣ ମୁଖ୍ୟ ଏସପି ଯାଦବଙ୍କୁ ହସ୍ତାନ୍ତର କରାଯାଇଛି। ଇଣ୍ଟରନ୍ୟାସନାଲ ବିଗ କ୍ୟାଟ ଆଲାଏନ୍ସର ଲକ୍ଷ୍ୟ ହେଉଛି ୯୫ଟି ବଡ଼ ବିଡ଼ାଳ ଥିବା ଦେଶ, ସେମାନଙ୍କ ସଂରକ୍ଷଣ କ୍ଷେତ୍ରରେ ଆଗ୍ରହୀ ଥିବା ଅଣ-ରେଞ୍ଜ ଦେଶ ସେମାନଙ୍କ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସହଯୋଗୀ ଓ ବୈଜ୍ଞାନିକ ସଂଗଠନ ବ୍ୟତୀତ ବାଘ ସଂରକ୍ଷଣ ଉଦ୍ଦେଶ୍ୟରେ ଯୋଗଦାନ ଦେବାକୁ ଇଚ୍ଛୁକ ବ୍ୟବସାୟୀ ଗୋଷ୍ଠୀଙ୍କୁ ନେଇ ଏକ ବହୁରାଷ୍ଟ୍ରୀୟ ଓ ବହୁପକ୍ଷୀୟ ନେଟୱର୍କ ସ୍ଥାପନ କରିବା। ଏହା ବାଘ ସଂଖ୍ୟା ହ୍ରାସକୁ ରୋକିବା ଓ ଧାରାକୁ ବଦଳାଇବା ପାଇଁ କାର୍ଯ୍ୟ କରିବ। ଜାତିସଂଘର ସମସ୍ତ ସଦସ୍ୟ ଦେଶ ଆଇବିସିଏର ସଦସ୍ୟ ହେବା ପାଇଁ ଯୋଗ୍ୟ ଅଟନ୍ତି। ଫ୍ରେମୱାର୍କ ଚୁକ୍ତିକୁ ଗତ ସପ୍ତାହରେ କ୍ୟାବିନେଟ ଅନୁମୋଦନ କରିଛି ଏବଂ ଭାରତ ଆଇବିସିଏର ସଦସ୍ୟ ହୋଇଛି। ଭାରତ ଅନ୍ତର୍ଜାତୀୟ ବିଗ କ୍ୟାଟ ଆଲାଏନ୍ସ ପ୍ରତିଷ୍ଠାତା ସଦସ୍ୟ ହେବା ଏକ ମହାନ ମୁହୂର୍ତ୍ତ ଯାହା ବାଘ ସଂରକ୍ଷଣ କ୍ଷେତ୍ରରେ ଦେଶର ନେତୃତ୍ୱକୁ ଦର୍ଶାଏ। ସମଗ୍ର ବିଶ୍ୱରେ ବାଘ ସଂରକ୍ଷଣ କ୍ଷେତ୍ରରେ ଏହା ନିଶ୍ଚିତ ଭାବରେ ପାରସ୍ପରିକ ଫାଇଦଶ ଓ ବୁଝାମଣାରେ ସହାୟକ ହେବ ବୋଲି ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଏ। ସାଧାରଣରେ ସମସ୍ତଙ୍କର ପ୍ରିୟ ବାଘ ମାମୁଁ ଏବେ ବାସ୍ତବିକ ଖାଦ୍ୟ ଓ ନିଜ ସୁରକ୍ଷା ନେଇ ମଧ୍ୟ ଚିନ୍ତିତ। ସରକାରଙ୍କ ସହିତ ଜଙ୍ଗଲ ବିଭାଗ ଓ ବନ୍ୟପ୍ରାଣୀ ଶ୍ରଦ୍ଧାଳୁମାନେ ମଧ୍ୟ ଏ ନେଇ ଉଦବେଗ ପ୍ରକାଶ କରିବା ସହ ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଦିନଥିଲା ଭାରତର ବାଘମାନେ ଥିଲେ ସମଗ୍ର ବିଶ୍ୱ ପାଇଁ ଏକ ବିରାଟ ବଡ଼ ସମ୍ପତ୍ତି। ବିଭିନ୍ନ ପ୍ରଜାତିର ବାଘମାନେ ଭାରତର ସମ୍ପତ୍ତି ଥିଲେ ଓ ଅନ୍ତର୍ଜାତିକ ସ୍ତରରେ ଗୌରବ ବଢ଼ାଉଥିଲେ। ବିଳମ୍ବରେ ହେଲେ ମଧ୍ୟ ବିଶ୍ୱଶକ୍ତି ପାଲଟିଥିବା ଭାରତ ଆଜି ଆନ୍ତର୍ଜାତିକ ସ୍ତରରେ ସଂରକ୍ଷଣ ପ୍ରସଙ୍ଗରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଥିବାରୁ ଅନେକ ଅଭିନନ୍ଦନ ଜଣାଉଛି।

+ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୪୩୭୨୫୭୧୨୩



## 'ନୋବେଲ ପୁରସ୍କାର' ଆମ ଦେଶ ପାଇଁ ଅଛୁଆଁ କି ?

### ସୁବ୍ରତ କର

ଏବେ ଏବେ ଆନ୍ତର୍ଜାତିକ ସ୍ତରରେ ନୋବେଲ ପୁରସ୍କାର ମିଳିଲା ବିଶେଷ ବିଶେଷ ବ୍ୟକ୍ତି ବିଶେଷଙ୍କୁ। କିନ୍ତୁ ଦୁଃଖର ବିଷୟ କେହି ହେଲେ ଭାରତୀୟ ନୁହନ୍ତି ବା ଆମ ଦେଶର। ବହୁ ବର୍ଷ ହେଲା ଆମ ଦେଶରେ କାର୍ଯ୍ୟରତ କୌଣସି ବୈଜ୍ଞାନିକ, ସାହିତ୍ୟିକ ବା ବିଶ୍ୱ ଶାନ୍ତି ପାଇଁ ମିଳୁଥିବା ପୁରସ୍କାରର ହକଦାର ହୋଇପାରି ନାହାନ୍ତି। ୧୪୦ କୋଟି ଲୋକଙ୍କର ପ୍ରଶ୍ନ ଏହା ପାଇଁ ଦାୟୀ କିଏ ଏବଂ କାହିଁକି ବିଶେଷକରି ଆମ ବୈଜ୍ଞାନିକ ମାନେ ପାଉ ନାହାନ୍ତି ? ଭାରତ ସରକାରଙ୍କ ଯେଉଁ ବିଭାଗ (ପ୍ରାୟ ଶିକ୍ଷା ବିଭାଗ) ଏହାର ଦାୟିତ୍ୱରେ ଅଛନ୍ତି ସେ କରୁଛନ୍ତି କଣ ? ଯଦି କିଛି ହେଉଛି ତେବେ କି କି ପଦକ୍ଷେପ ମାନ ନିଆ ହେଉଛି ସେ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଉଚିତ। ଦେଶର ବିଜ୍ଞାନଗାରର ଅଭାବ ନାହିଁ, ବୈଜ୍ଞାନିକଙ୍କ ମଧ୍ୟ ଅଭାବ ନାହିଁ ତେବେ ବିଶ୍ୱ ଦରବାରରେ ଆମ ଦେଶ କାହିଁକି ଏତେ ହିନସ୍ତା ହେଉଛି। ଏ ବର୍ଷ ପାଇଥିବା ଦେଶ ଗୁଡ଼ିକ ହେଲା ଆମେରିକା, କାନାଡ଼ା, ବ୍ରିଟେନ ଏବଂ ସବୁଠୁ ଖୁସି ଏବଂ ଦୁଃଖର ଖବର ହେଉଛି ଦକ୍ଷିଣ କୋରିଆ ଏବଂ ଜାପାନ ଭଳି ଦେଶକୁ ଏହି ପୁରସ୍କାର ମିଳିଛି। ଯଦି ଦକ୍ଷିଣ କୋରିଆ (ସାହିତ୍ୟରେ)କୁ ମିଳି ପାରୁଛି ତେବେ ଆମକୁ କାହିଁକି ନୁହଁ। ମୁଁ ତ ଭାବୁନାହିଁ ଏଥିରେ ବିଶେଷ ରାଜନୀତି ଥିବାର। ଏଇଟା ଠିକ୍ ଆମ ଦେଶକୁ ପ୍ରାୟ ସବୁ କ୍ଷେତ୍ରରେ ନୋବେଲ ପୁରସ୍କାର ମିଳିଛି। ବିଜ୍ଞାନରେ, ସାହିତ୍ୟରେ, ଶାନ୍ତି, ଇକୋନମିକ୍ସରେ। କେବଳ ମୁଁ ଭାବୁଛି ଏ ପର୍ଯ୍ୟନ୍ତ କେମେଷ୍ଟ୍ରିରେ କାହାକୁ ମିଳି ନାହିଁ। ଏହି ମିଳିବା ୧୯୧୩ ମସିହାଠୁ ଆଜ ସୁଦ୍ଧା। ଆହୁରି ଦୁଃଖର କଥା ଯେଉଁସବୁ ଦେଶକୁ ଏହି ପୁରସ୍କାର ମିଳିଛି ସେ ସବୁ ବିଜ୍ଞାନଗାରରେ ଅଧିକାଂଶ ପିଲାମାନେ ଆମ ଦେଶର। ଆମ ଦେଶର ପିଲାମାନେ ବିଦେଶରେ ରହି ନୋବେଲ ପୁରସ୍କାର ପାଉଛନ୍ତି କିନ୍ତୁ ଦେଶରେ ରହି କେହି ପାଇ ନାହାନ୍ତି। ଏହା ଉପରେ କେବେ ଦେଶର ଶିକ୍ଷାମନ୍ତ୍ରୀ ହୁଅନ୍ତୁ ବା ଯେ ଏହାର ଦାୟିତ୍ୱରେ ଅଛନ୍ତି କେବେହେଲେ ଦୃଷ୍ଟି ଦେଇଛନ୍ତି କି ? ତେବେ ଆଉ କାଳକ୍ଷେପଣ ନକରି ଅତିଶୀଘ୍ର କିଛି କରନ୍ତୁ। ଭବିଷ୍ୟତରେ ବିଶ୍ୱ ଦରବାରରେ ଆମକୁ ଅପଦସ୍ତ ହବାକୁ ନ ପଡ଼େ। ଯେମିତି ୧୪୦ କୋଟିର ଦେଶ ଆନ୍ତର୍ଜାତିକ ଅଲମ୍ପିକ୍ସରେ ଗୋଟାଏ ହେଲେ ସୁନା ଜିତି ପାରିଲା ନାହିଁ। କିନ୍ତୁ ଛୋଟିଆ ଛୁଟିଆ ଦେଶ ସୁନା ଜିତି ଆମ୍ଭମାନଙ୍କୁ ଅପଦସ୍ତ କରିବାରେ ବ୍ୟସ୍ତ। ଆମ ଦେଶରେ ବିଜ୍ଞାନଗାରର ଅଭାବ ନାହିଁ ବା ବୈଜ୍ଞାନିକଙ୍କର ତେବେ ବିଜ୍ଞାନରେ ଆମକୁ କାହିଁକି ମିଳୁନାହିଁ। ଏପଟେ ଆମେ କହୁଛି ଆମ ଲୋକ ଚନ୍ଦ୍ରରେ ପହଞ୍ଚୁଛନ୍ତି ଏବଂ ସୂର୍ଯ୍ୟ ପର୍ଯ୍ୟନ୍ତ ଯିବାକୁ ନିଜକୁ ପ୍ରସ୍ତୁତ କରି ସାରିଛନ୍ତି। ଦେଶ ଯେତେବେଳେ ସବୁ କ୍ଷେତ୍ରରେ ଆଗେଇବ ସେତେବେଳେ ଆମ୍ଭେମାନେ ଆନ୍ତର୍ଜାତିକ ସ୍ତରରେ ୨-୩ ନମ୍ବର ସ୍ଥାନ ହକଦାର ହେବ।




### ସ୍ମୃତିର ବାସନା

**ସୁଧାକର ରାଉତ**



ଜୀବନର ବହୁମୂଲ୍ୟ ସମୟକୁ
କାଟିଲି ଅତୀତେ ଝୁରି
ବ୍ୟର୍ଥ ପ୍ରୟାସ ରେ ମନଟା ଭିଜିଲା
ସେ ତ ଆସିଲାନି ଫେରି ।
ତା ଯୋଗୁ ବର୍ତ୍ତମାନଟାକୁ ସାଇତି
ପାରିଲିନି ହୃଦେ ମୋର
ଅତୀତ ଆସ୍ଥାନ ଜମାଇ ସେଠାରେ
କରିଦେଲା ତାକୁ ଦୂର ।
ମୋ ଅନୁକମ୍ପାରେ ପାଳିତ ହୋଇସେ
ଦିଏ ଦଂଶନର ଜ୍ୱାଳା
ଜୀର୍ଣ୍ଣପ୍ରାଣ ଦେଖି ସହାନୁଭୂତିରେ
ବର୍ତ୍ତମାନ କହେ ପଳା ।
ଗୁମୁରି କାନ୍ଦୁଛି ମୋ ସ୍ମୃତି କପୋତ
ଖୋଜି ଖୋଜି ନୂଆ ବସା
ଆଉ ଗୋଟେ କେଉଁଠୁ ଆଣିବ ହୃଦ
ଭାବିଲେ ନ ସ୍ଫୁରେ ଭାଷା ।
ମୋ ଅସ୍ଥିରତାକୁ କିଏ ବା ବୁଝିବ
ଅସାର ସମୟ ବେଳେ
ମଉଳା ମନଟା ଅଝଟିଆ ପଣେ
ସ୍ମୃତି ବୃକ୍ଷୁ ଫୁଲ ତୋଳେ ।
ମହଳଣ ପଡ଼ି ଆସୁଥିବା ଦୃଷ୍ଟି
ଇସାରାରେ କହେ ତାରେ
ସକଳ ଭ୍ରାନ୍ତି କୁ ଆପଣାର କଲେ
ଚାଲିବୁ ତୁ ଖଣ୍ଡା ଧାରେ ।
କିଏ ବା ନ ଜାଣେ ମନବନେ ସ୍ମୃତି
ଅବେଳେ ଲଗାଏ ନିଆଁ
ତଥାପି ସ୍ମୃତିକୁ ଉଖୁରେଇବାକୁ
ମନଟା ଉଛନ୍ନ କିଆଁ ।

+ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

### ତଅପୋଇ

**ବରୁଣ କୁମାର ଦାସ**

ଆଉ ସାଧବ ପୁଅ
ବଣିଜ କରିବା ଲାଗି
ପାରି ହେଉନାହିଁ ସାତ ଦରିଆ
ଧନ ସମ୍ପଦରେ ଲୋଟି ପଡୁନାହିଁ
ଅମାପ ଖୁସିର ଲହରୀ
ବୋଇତ ବନ୍ଦାଣ ଉତ୍ସବ
ପରଂପରକୁ ଧରିବା ନେଇ
ପାଣିରେ ଭାସିଯାଉଚି ଖାଲି
ଅନେକ ପ୍ରତିକୀ ବୋଇତ ମାଳ
ଭାସି ସାରିଛି କେବେଠୁ
ଅତୀତ ଗୌରବ
ଦୂର ଦିଗବଳୟ ସେପାରେ ।
ବାଲିରେ ମୁହାଣ ପୋତି
ହୋଇ ସାରିଛି
ବନ୍ଦରର ଅସ୍ତିତ୍ୱ ଇତିହାସ ପୃଷ୍ଠାରେ
ସାଉଁଟି ନେଇଛି ନିଜ ପରିଚୟ,
ଅଳି ଅଳୀ ରାଜା ଜେମାର କାହାଣୀ
ବହି ଭିତରେ ବାନ୍ଧି ହୋଇ ସାରିଛି,
ଅସ୍ପଷ୍ଟ ସଂସ୍କୃତି ଓ ପରମ୍ପରା ଭିତରେ
ସବୁ ଘଟଣା ଚିତ୍ର ନାଟ୍ୟର ।
ସାତ ଭାଇଙ୍କ ଆଗମନ ଲାଗି
ଭୁଲି ଗଲୁଣି ଖୁଦୁରୁକୁଣୀ ଓଷା କି
ମା ମଙ୍ଗଳାର ପବନର ଗତି
ବଦଳାଇବାର
ଯୁଗ ଯୁଗ ର ପ୍ରଚଳିତ ଗାଥା ।
ନିରୀମାଖି କୁମାରୀର କାହାଣ
ପ୍ରତୀକ୍ଷାର ପରିସମାପ୍ତି ହାତ
ପାହାନ୍ତାରେ,
ସାନ ଭାଉଜଙ୍କୁ ରଖି ଆଉ
ଛ ଭାଉଜ ମାନଙ୍କ ନାକ କଟା ଲାଗି
ଦଣ୍ଡ ବିଧାନ ଯାହା ବାକି ।

+ମୋ: ୯୯୩୨୯୨୪୬୬୧

### ଥାଉ... ! !

**କମଳ ଲୋଚନ ବେହେରା**



ଥାଉ ! ତାକୁ ଆଉ ପୂଜନି
ସେ ଅଧରାତିରେ ଚାଖଣା ହବା ଥୟ

ଥାଉ ! ତା ଦେହକୁ ଆଉ ଘୋଡ଼ାଅନି
ସେ ତ ଫି ରାତିରେ
ଲଙ୍ଗଳା ହେବା ଥୟ
ନିଜ ଇଚ୍ଛାରେ ନୁହଁ, ଟଣା ଓଟରାରେ
ସେ ମନ୍ଥରା ବନିବା ଥୟ

ଥାଉ ! ତାକୁ ଆଉ ମା' ଡାକନି
ଇଜ୍ଜତ ପାଇଁ ନେହୁରା
ହେବା ପରେ ବି
ସେ ବେଶ୍ୟା ସାଜିବା ଥୟ

ଥାଉ ! ତାକୁ ଆଉ ପବିତ୍ର କୁହନି
ତା ଚରିତ୍ର କୁ ବଘାରି
କୁଳଟା ସାବ୍ୟସ୍ତ କରିବାବାଲା
ଏଠି ମିଳିବା ଥୟ

ଥାଉ ! ତାକୁ ଆଉ ଫୁସୁଲାଅନି
ସଭିଏଁ ସବୁ ଜାଣିଲା ପରେ ବି

ଥାଉ ! ବାବୁମାନେ ଥାଉ !
ତାକୁ ଆଉ ପ୍ରେମ ଯାଚନି
ବିଶ୍ୱାସ ଗିଳାଅନି
ସେ ଦେବୀ ବୋଲି
ସଭାରେ କୁହାଟ ଛାଡ଼ନି
କି ତଣ୍ଟି ଫଟେଇ ରଡ଼ି ଦିଅନି
ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତା
କାରଣ ତମେ ବି ଜାଣ
ମୁଁ ବି ଜାଣେ
ସେ ବି ଜାଣେ
ଆମେ ସମସ୍ତେ ଜାଣୁ
ସେ ବିକା ହେବା ଥୟ
ଦଉଡ଼ି ଦେଇ ମରିବା ଥୟ
ବିଚ୍ ରାସ୍ତାରେ ଘୋଷଡ଼ା ଯିବା ଥୟ
ଆଉ ଆମେ ହାତ ଗୋଡ଼ ଯୋଡ଼ି
ଦେଖଣାହାରି ହବା ବି ଥୟ
ନହେଲେ ମହମବତୀ ଜାଳି
ଦେଖାଣିଆ ପ୍ରତିବାଦ
କରିବା ବି ଥୟ।

+ଗୋପାଳପୁର, ବାଲେଶ୍ୱର

## ଉପହାର





ପ୍ରଣତି ଆଚାର୍ଯ୍ୟ ମିଶ୍ର

ପାର୍କର ଗୋଟିଏ କୋଣରେ ବସିଥିବା ବୃଦ୍ଧ ଭଦ୍ରବ୍ୟକ୍ତିଙ୍କୁ ଦେଖି... ମୋ ମନରେ ସାମାନ୍ୟ ଈର୍ଷା ଜାଗ୍ରତ ହେଲା । ସୁସ୍ଥ ଶବଳ ଶରୀର... ମୁହଁରେ ଉଜ୍ଜ୍ୱଳତା । ଏକ କିଲୋମିଟର ପରିଧି ବିଶିଷ୍ଟ ପାର୍କରେ ଦୈନିକ ବହୁତ ଲୋକ ବ୍ୟାୟାମ କରୁଛନ୍ତି , କିଛି ଲୋକ ବିଶ୍ରାମ ନେଉଛନ୍ତି.. କିଛି ବ୍ୟାୟାମ ସାରି ଘରକୁ ଫେରୁଛନ୍ତି । ବାସ୍ତରୀ ବର୍ଷ ବୟସରେ ପ୍ରାୟ ଉପନୀତ ଭଦ୍ରବ୍ୟକ୍ତି... କିନ୍ତୁ ମୁଖ ମଣ୍ଡଳରେ ପ୍ରସନ୍ନତା । ଛତିଶ ବର୍ଷ ବୟସରେ ମୋର ନିରାଶ ଜୀବନ । ତାଙ୍କ ଉଜ୍ଜ୍ୱଳ ଚେହେରାର ରହସ୍ୟ ଜାଣିବାକୁ ସ୍ଥିର କଲି । ଦିନେ ପାର୍କରେ ବସିଥିବା ସମୟରେ... ଧୀରେ ତାଙ୍କ ପାଖକୁ ଗଲି । ଯୋଡ଼ ହସ୍ତରେ ପଚାରିଲି, ମଉସା... ମୁଁ ଆପଣଙ୍କ ସହିତ କଥା ହୋଇପାରିବି କି ? ହଁ... ହଁ... ବସିଯାଅ ମା' । ସେ ବେଞ୍ଚରେ ବସିବା ପାଇଁ କହି ଦେଇ ଟିକେ ଘୁଞ୍ଚି ଗଲେ ।

ମୁଁ କିଛି ସମୟ ଚୁପ୍ ଚାପ୍ ବସିଲି । ଜାଣି ପାରୁ ନଥିଲି କେଉଁଠୁ କିପରି କେମିତି ଆରମ୍ଭ କରିବି କଥାଟା । ମୋର ମନ କଥାଟି ବୋଧହୁଏ ଜାଣିପାରି... ବୃଦ୍ଧ ଜଣକ କହିଲେ, ମା' ! କ'ଣ ଅସୁବିଧା ଅଛି କି... ମୋତେ କୁହ । ମଉସା... ଦୟାକରି ମୋତେ ଟିକେ କହିବେ କି... ଆପଣଙ୍କ ଖୁସିର ରହସ୍ୟ କ'ଣ ? ସେ ହସି କହିଲେ... ମା' ଖୁସି ଏକ ପ୍ରଜାପତି ... ଯଦି ତାକୁ ଧରିବାକୁ ଦୌଡ଼ିବ... ତେବେ ସେ ପଳାଇଯିବ । ଯଦି ଧିର ଶାନ୍ତ ମନରେ ତାକୁ ଅନୁଭବ କରିବ... ତେବେ ସେ ତୁମ କାନ୍ଧରେ ବସିବ । ତା'ପରେ ସେ କହିଲେ, ଯେଉଁମାନଙ୍କ ସହିତ ମୋର ଖୁସି ଦ୍ୱିଗୁଣିତ ହୁଏ ଏବଂ ଦୁଃଖ ଅଧା ଲାଘବ ହୋଇଯାଏ... ସେମାନଙ୍କ ସହିତ ମୁଁ ବସା ଉଠା କରେ । ମୁଁ ନିରାଶ ହୋଇ ପଚାରିଲି ? ଆମେ ଉତ୍ତରାଧିକାରୀ ସୂତ୍ରରେ ଲାଭ କରିଥିବା ସମ୍ପର୍କଠାରୁ କିପରି ଦୂରେଇ ଯିବା ? ମୋର ସ୍ୱାମୀ ସବୁ କାର୍ଯ୍ୟରେ ମୋର ଦୋଷ ଖୋଜନ୍ତି । ପୁଅ ମୋର କଥା ମାନୁନି । ଶାଶୁଙ୍କର ଦିନରାତି ଗାଳି ଗୁଲଜ - ଏଇଟା ହେଲାନି... ସେଇଟା ହେଲାନି.. । ଏସବୁକୁ କେତେ ସହିବି ? ମୋର ମନଟି ଯେପରି ବିଭ୍ରାନ୍ତ ନ ହୁଏ, ସେଥିପାଇଁ କେତେ ପ୍ରୟାସ କରିବି । ଯଦି ଦିନରାତି ଜଣେ ଗାଳି ଦିଅନ୍ତି, ସବୁ କଥାରେ ଦୋଷ ଖୋଜନ୍ତି... ତେବେ ସେସବୁ କିପରି ସହିବି ?

ଏଭଳି ଆଦର୍ଶଗତ ଭାବନା କେବଳ ସାଧୁ ସନ୍ଥଙ୍କ ନିୟନ୍ତ୍ରଣର ବିଷୟ... ।

ସୂର୍ଯ୍ୟ ଉଦୟ ହେଉଥିଲେ । ଯେଉଁମାନେ ପାର୍କରେ ବୁଲୁଥିଲେ, ବ୍ୟାୟାମ କରୁଥିଲେ ସେମାନେ ଘରକୁ ଫେରିଲେଣି । ମୁଁ ମଧ୍ୟ ତାଙ୍କୁ ପ୍ରଣାମ କରି ଘରକୁ ଫେରିଲି । ଆସିଗଲ ମହାରାଣୀ ..... ଶାଶୁଙ୍କ ଏପରି ଆକ୍ଷେପର... ସମ୍ବୋଧନ କଥା ଶୁଣି, ମନରେ କ୍ଷୋଭ ଆସିଲା । ଦର୍ପଣରେ ନିଜର ଚେହେରାକୁ ଦେଖି ଭାବିଲି - ମହାରାଣୀ କ'ଣ ଏପରି ପୋଷାକ ପିନ୍ଧନ୍ତି ... ? ନା କପାଳରେ ବିନ୍ଦି, ନା ମୁଣ୍ଡରେ ସିନ୍ଦୁର ।

ବିବାହ ପୂର୍ବରୁ କେତେ ପୋଷାକ ପିନ୍ଧୁଥିଲି । ପ୍ରତିଦିନ ନୂଆ ନୂଆ ଫ୍ୟାଶନ ଯୁକ୍ତ ପୋଷାକ ପିନ୍ଧିବା ସହିତ... ବିଭିନ୍ନ ଡିଜାଇନର ବିନ୍ଦି ଲଗାଉଥିଲି । ରାଜେଶ ସବୁବେଳେ କହୁଥିଲେ, ଶୁଚି. ! ତୁମେ ଜଣେ ଚମତ୍କାର ଚିତ୍ରକର । କେବଳ କ୍ୟାନଭାସ୍ ନୁହେଁ, ନିଜକୁ ସଜେଇବାର କୌଶଳ ମଧ ତୁମକୁ ଜଣା ।

କିନ୍ତୁ ବର୍ତ୍ତମାନ ମୋ ପାଖରେ ସମୟ ନାହିଁ... ବୋଧହୁଏ ମୋର ସେସବୁ ଇଛା ନାହିଁ । ଧୀରେ ଧୀରେ ସେ ସବୁ ଅନୁଭବ ମରିବାକୁ ଲାଗିଛି । ମନରେ ସ୍ଥିର କଲି, ' ଆସନ୍ତାକାଲି ଠାରୁ ଆଉ, ସକାଳୁ ବୁଲିବାକୁ ଯିବିନି । ରକ୍ତଚାପ, ମଧୁମେହ ଯାହା ବଢୁଛି ବଢୁ । ବିବାହ ପରେ ଯେତେବେଳେ ମୁଁ ରାଜେଶଙ୍କ ଘରକୁ ଆସିଥିଲି, ମା (ଶାଶୁ) ପ୍ରଥମ ଦିନରେ ଜଣେ ଭଲ ବୋହୂର ପଦବୀ ଦେଇଥିଲେ । ବିବାହର ଦଶ ବର୍ଷ ପରେ ଆଜି ମୁଁ ଚାକରାଣୀ ଭଳି ଦିନସାରା ବୁଲୁଛି । ପୋଷାକ ବଦଳାଇ ସିଧା ରୋଷେଇ ଘର ଭିତରକୁ ଗଲି । ସିଙ୍କ୍‌ରେ ଥିବା ମଇଳା ବାସନ ଗଦା, ଲଣ୍ଡ୍ରି ବାସ୍କେଟରେ ମଇଳା ପୋଷାକ । କାହାର ବାଇଗଣ ଭର୍ତ୍ତା ଦରକାର କାହାର ମସଲା ଭେଣ୍ଡି, ସୋନୁର ଲଞ୍ଚବକ୍ସ ପାଇଁ ସାଣ୍ଡୱିଚ୍, ବାପା ମାଙ୍କ ପାଇଁ ପରଟା । ଯେତେ ଜଣ ସେତିକି ଭିନ୍ନ ଭିନ୍ନ ଚାହିଦା ।

ଯଦି ଠିକ୍ ସମୟରେ ଏସବୁ କରାନଯାଏ, ତେବେ ମୋ ନାଁ ଖରାପ ବୋହୂ ତାଲିକାର ଶୀର୍ଷରେ ରହିବ । ଆଜି ବି ଚାକରାଣୀକୁ ଛୁଟି ନେବାର ଥିଲା । ଲକ୍ଷେଥର କହିଛି ଫୋନ୍ ନହେଲେ ମେସେଜ୍ ତ କରିବୁ ନାଇ 'ମୁଁ କଣ କି ମୋ କଥା କିଏ ଶୁଣୁଛି ? ଏପଟେ ମା, ସବୁ କଥାରେ ଖୁଣ କାଢୁଥିବେ ହେଲେ ଟିକେ ସାହାଯ୍ୟ କରିପାରିବେନି,... ଏପରି ଲୋକଙ୍କ ପ୍ରତି କିଏ କିପରି ଉଦାର ହୋଇପାରିବ ?

ସାର୍ଟର ସବୁ ବଟନ ଛିଡିଯାଇଛି... ଦିନସାରା କ'ଣ କରୁଛ । କୌଣସି କାମ ଠିକ୍ ନୁହେଁ । ରାଜେଶଙ୍କ କଟାକ୍ଷ । ଅଫିସ୍ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ରାଜେଶ ଏମିତି କିଛି କହିବା ସବୁଦିନିଆ କଥା । କେତେବେଳେ ତରକାରୀରେ ଲୁଣ କମ୍, କେତେବେଳେ ଲଙ୍କା ଅଧିକ, ଏଇଟା ଏଇଠି କାହିଁକି ଅଛି ? କିଛି ନହେଲେ ସୋନୁର ଲାଳନପାଳନରେ ତ୍ରୁଟି ଖୋଜିବା ଆରମ୍ଭ କରିଦେବେ । ମୁଁ କଣ ରୋବୋଟ୍ ହେଇଛି ଯଥାସମ୍ଭବ କରେ, କିନ୍ତୁ , କାହା ପାଟିରୁ ପ୍ରଶଂସାର ଦୁଇ ଶବ୍ଦ ମଧ କେବେ ଶୁଣିବାକୁ ମିଳେନି । ମାନୁଛି ସର୍ବଗୁଣ ସଂମ୍ପୂର୍ଣ୍ଣ ନୁହେଁ, ମୁଁ କଣ, କେହିବି ହୋଇପାରିବନି । କିନ୍ତୁ ମୋ ଭିତରେ ମଧ କିଛି ଭଲ ଗୁଣ ଥିବ, ହେଲେ କାହାକୁ ସେ ସବୁ ଦିସେନି ।

ଚାରି ବର୍ଷର ପ୍ରେମ ସମ୍ପର୍କରେ କେତେ କଥା କହି ବିମୋହିତ କରୁଥିଲେ, ଶୁଚି 'ସରଳତା ନୁହେଁ, ଗ୍ଲାମର୍ସ ଲୁକ୍ ତୁମ ଉପରେ ଭଲ ଲାଗୁଛି, ଲାଗୁଛି ଯେମିତି ଚନ୍ଦ୍ର ପୃଥିବୀରେ ଅବତରଣ କରିଛି...'ମୁଁ ବୁଝିପାରୁନି ବିବାହ ପୂର୍ବରୁ ଏତେ ଭଲପାଉଥିବା ବ୍ୟକ୍ତି କିପରି ବୁଲିଗଲେ ? ମୁଁ ପ୍ରେମ ସମୁଦ୍ର ରେ ବୁଡି ତୁମ ସହିତ ଜୀବନ ବିତାଇବାକୁ ଚାହୁଁଥିଲି, ଦୁଇ ହାତ ବିସ୍ତାର କରି ଖୋଲା ଆକାଶ ତଳେ ପ୍ରେମର ନଦୀରେ ପହଁରିବାକୁ ଚାହୁଁଥିଲି, ପ୍ରେମର ଲହରୀ ସହିତ ଛନ୍ଦି ହେବାକୁ ଚାହୁଁଥିଲି । କିନ୍ତୁ ତୁମ, ଚିଡ଼ଚିଡ଼ାପଣ ଦେଖି ଲାଗୁଛି ଯେମିତି ତୁମେ କେବଳ ମୋତେ ଭଲ ପାଇବାର ନାଟକ କରୁଥିଲ । ମୁଁ ମୂର୍ଖ ତୁମର ସବୁ କଥାକୁ ବିଶ୍ୱାସ କରୁଥିଲି । ଟିକିଏ ଥକା ଅନୁଭବ କଲି ତେଣୁ ଏକ ଚେୟାରରେ ବସିପଡିଲି । ମନରେ ଏବେ ବି କ୍ରୋଧ ଥିଲା । ହଠାତ୍ ସୋନୁ ବେପରୁଆ ଭାବରେ ନିଜ ସ୍କୁଲ ବ୍ୟାଗ୍ କୁ ଚଟାଣ ଉପରେ ଫିଙ୍ଗି ଦେବାରୁ ମନ ସାମାନ୍ୟ ହେଲା । ୟୁନିଫର୍ମ ସାର୍ଟର ଅଧାରୁ ଅଧିକ ବଟନ ଖୋଲା , ଜୋତାର ଲେସ୍ ଖୋଲା । 'ଏ କି ଅବସ୍ଥା, ତୁ ସ୍କୁଲ ଯାଉ, କି କୁସ୍ତି କରିବାକୁ ଯାଉଛୁ...' ଗାଳି କଲା ପରେବି , ସୋନୁ ଚୁପ୍ ବସିଲା । 'ଉଠ୍ ଜାଗାରେ ସ୍କୁଲ ବ୍ୟାଗ୍, ପାଣି ବୋତଲ ରଖେ । , 'ମୁଁ ରଖିଦେବି ମାମା , ତୁମେ କାହିଁକି ସବୁବେଳେ ବିରକ୍ତ ହେଉଛ,' ଦିନରାତି ଶୃଙ୍ଖଳାର ପାଠ ପଢ଼ାଇବା ସତ୍ତ୍ୱେ ଆଦୌ ପରିବର୍ତ୍ତନ ନାହିଁ । ଉପରୁ ମୋତେ କହୁଛି ଯେ ମୁଁ ବିରକ୍ତ ହେଉଛି । ଦିନସାରା ଶାଶୁଙ୍କ କଟାକ୍ଷ, ସନ୍ଧ୍ୟାରେ ରାଜେଶଙ୍କ କଥା ଆଉ ଇଏ କାହିଁକି ବାକି ରହିବ.... ।

ପର ଦିନ ପୁଣି ସକାଳେ ପାର୍କର କୋଣ ବେଞ୍ଚରେ ବୃଦ୍ଧଜଣଙ୍କୁ ବସିଥିବା ଦେଖି ତାଙ୍କ ଆଡ଼କୁ ଆଗେଇ ଆସିଲି । 'କିଛି ପରିବର୍ତ୍ତନ ହେଲା,' ମଉସା ଧୀରେ ମୋ ମୁଣ୍ଡରେ ହାତ ରଖି ପଚାରିଲେ, ମୋ ଆଖି ଲୁହରେ ଭରିଗଲା, ' ନାହିଁ ... ସବୁ କିଛି ପୂର୍ବପରି ।

ପ୍ରକୃତରେ ତୁମକୁ ସାମାଜିକ ଫିଟନେସ୍ ଦରକାର । ...'ତୁମକୁ କ୍ଷମା ମାଗିବା ଏବଂ କ୍ଷମା ଦେବା କଳାରେ ଦକ୍ଷତା ହାସଲ କରିବାକୁ ପଡିବ । ଗୋଟିଏ କଥା ମନେରଖ ଝିଅ , ତୁମେ ସମସ୍ତଙ୍କୁ ଖୁସି କରିପାରିବ ନାହିଁ, କିମ୍ବା ସମସ୍ତେ ତୁମକୁ ନିଜ ପାଇଁ ଆବଶ୍ୟକ କରୁଥିବା ସମସ୍ତ ଜିନିଷ ପ୍ରଦାନ କରିପାରିବେ ନାହିଁ । 'ତା'ହେଲେ ମୁଁ କ'ଣ କରିବି,' । 'ତୁମେ ଅଭିନୟ କରିପାରିବ କି ?' ସ୍କୁଲରେ କରୁଥିଲି...' । ଏଥିପାଇଁ ବ୍ୟକ୍ତିଗତ ଏକ ଲାଲ୍ କୋଟା ଶାଢୀ ପୁରସ୍କାର ପାଇଥିଲି, । ତୁମେ ଏପରି କାହାକୁ ଯାଣ କି, ଯାହା ପାଖରେ ଦୁଃଖ କରିବା ପାଇଁ ସମୟ ନାହିଁ । କିଛି ସମୟ ଚିନ୍ତା କରି କହିଲି ହଁ, ମଉସା ମୋ ସାଙ୍ଗ ଶର୍ମିଷ୍ଠା । ସ୍ନେହ, ସହନଶୀଳ ଏବଂ ହସଖୁସିରେ ପରିପୂର୍ଣ୍ଣ ...' ।

'ଭାବ ଯେ ତୁମ ଘର ଏକ ନାଟ୍ୟ ମଞ୍ଚ ଏବଂ ତୁମକୁ ସେହି ବନ୍ଧୁଙ୍କ ଚରିତ୍ର ରେ ଅଭିନୟ କରିବାକୁ ପଡିବ । 'କେତେ ଦିନ ପାଇଁ ?' ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି । ମଉସା କହିଲେ, 'କେବଳ ଆଜି । ଘରେ ପହଞ୍ଚିଲି, ଶାଶୁ ଆରମ୍ଭ କଲେ, ଏତେ ଖାମଖିଆଲି ? ଲଗାତାର ଦୁଇ ଦିନ ଧରି ଚୋରି ହେଉଛି । ଗତକାଲି ରାତିରେ ମିଶ୍ର ସାର୍‌ଙ୍କ ଚାକରର ସାଇକେଲ ଚୋରି ହୋଇଥିଲା, ଆଉ ଆମ ... ଗ୍ୟାରେଜ୍ ସାରାରାତି ଖୋଲା ଥିଲା । ଗେଟ୍‌ରେ ତାଲା ନପକାଇ ସୋଇଗଲୁ । ଯଦି କେହି ଘରେ ପସିଥାନ୍ତା ? ୧୦ ବର୍ଷ ଧରି ଏକାଠି ରହିବା ପରେ ମୁଁ ବୁଝିପାରିଲି ଯେ ଏହି ପରିବାରରେ କାହାର ବି ଦୋଷ ଥିଲେ ମଧ ଶାଶୁ ମୋତେ ଟାର୍ଗେଟ କରିବେ । ଆଉ ଏଥର ଏହି ଭୁଲ କରିଛନ୍ତି ତାଙ୍କ ପ୍ରିୟ ପୁତ୍ର ରାଜେଶ । ତାଙ୍କ ଦୃଷ୍ଟିରେ ପୁଅ କେବେ ଭୁଲ କରିପାରିବ ନାହିଁ । ଅପରାଧୀ ଭଳି କାଠଗଡ଼ାରେ ଠିଆ ହେବା ଅପେକ୍ଷା 'ସରି' ଶବ୍ଦ ବ୍ୟବହାର କରିବା ଅଧିକ ଉପଯୁକ୍ତ ମନେ କଲି । ମଉସା ମଧ ସହନଶୀଳ ହେବାକୁ କହିଥିଲେ । ମୋତେ ଶର୍ମିଷ୍ଠା ଭୂମିକାରେ ଅଭିନୟ କରିବାର ଅଛି, ମୁଁ ବି କାହିଁକି ଦୁଃଖୀ ହେବି ? ଯଦି ମୁଁ ରାଜେଶଙ୍କୁ ନ କହିବି, ସେ କିପରି ନିଜର ଭୁଲ ଅନୁଭବ କରିବେ ? ମୁଁ ଶାଶୁଙ୍କ ଗାଳି ରାଜେଶଙ୍କୁ ସେହି ସ୍ୱରରେ ସ୍ଥାନାନ୍ତର କରିଥିଲି, 'ରାତିରେ ଗାଡି ଗ୍ୟାରେଜ୍‌ରେ ରଖି ତାଲା ଦେବାକୁ ଭୁଲିଗଲ, ପୁଣି ରାତିସାରା ଗ୍ୟାରେଜ୍ ଲାଇଟ୍ ଜଳୁଥିଲା । କେହି ଯଦି ଆସି କଣ ନେଇଯାଇଥାନ୍ତା ? ଭୁଲ୍ କରିବ ତମେ ମା' ମୋତେ ଶୁଣାଇବେ । ରାଜେଶ ଭୁଲ କରିଥିଲେ, ତେଣୁ କିଛି ସମୟ ପାଇଁ ସେ ବିନା ପ୍ରତିକ୍ରିୟାରେ ଚୁପ୍ ଚାପ୍ ଶୁଣୁଥିଲେ, କିନ୍ତୁ ପୁରୁଷତ୍ୱ ଏହାକୁ କିପରି ଗ୍ରହଣ କରିପାରିବ ? ସେ କ୍ରୋଧିତ ହୋଇ କହିଲେ, 'ତୁମେ ତ ଚାହିଁଛ କୁଠି ଟିକେ ଭୁଲ୍ ହେଲେକି କହିବା ଆରମ୍ଭ କରିବ । ମୁଁ ଥରେ କହିଲି ଯେ ତୁମକୁ କଷ୍ଟ ହେଲା, ତୁମେ ସମସ୍ତେ ସାରା ଦିନ ମୋ କାମରେ ଭୁଲ୍ ବାଛୁଚ । ଏହା କହିବା ପରେ, ମୋ ମନ ହାଲକା ଲାଗିଲା । ମୁଁ ହସି ହସି ବେଡ୍ ରୁମ୍ ରେ ପହଞ୍ଚିଲି । ରାଜେଶ ମୋତେ ଅନୁସରଣ କରି ଆସିଲେ , ମୋ ହାତକୁ ନିଜ ହାତରେ ଧରି କହିଲେ, 'କ'ଣ କଥା, ତୁମେ କ୍ଲାନ୍ତ ଦେଖାଯାଉଛ ?'

'ନା, ସବୁ ଠିକ୍ ଅଛି,' ମୁଁ ନମ୍ରତାର ସହ କହିଲି । 'ଶୁଚି, ତୁମେ ସାରା ଦିନ କାମ କର । ଟିକେ ବିଶ୍ରାମ ନିଅ... ଦେଖ ତମ ଚେହେରା ଶୁଖିଲା ଦେଖାଯାଉଛି । 'ରାଜେଶଙ୍କୁ କ'ଣ ହେଲା ? ହଠାତ୍ ଏତେ ଭଲ ପାଇବା କେମିତି ଆସିଲା ? କିଛି ସମୟ ପୂର୍ବରୁ ମୋର ଗାଳିର କ'ଣ କିଛି ପ୍ରଭାବ ପଡିଲା ନା କଣ ? 'ମୁଁ ତୁମ ପାଇଁ ବିୟୁଟି ପାର୍ଲରରେ ଆପଏଣ୍ଟମେଣ୍ଟ କରିବି । ପେଡିକ୍ୟୁର, ମ୍ୟାନିକର, ଫେସିଆଲ ସବୁ କର ..' । ଘଣ୍ଟାକୁ ଦେଖି କହିଲି, ଛାଡ ହେ ମୋର ସିଆଡେ କେତେ କାମ, ଜଳଖିଆ, ଖାଇବା ସବୁ ପ୍ରସ୍ତୁତ କରିବାକୁ ଅଛି, ତୁମକୁ ସବୁ ହାତ ପାହାନ୍ତାରେ ମିଳିଯାଉଛି ନା' । ରୋଷେଇ ଘରକୁ ଗଲା ପରେ ଦେଖିଲି ଶାଶୁମା ସେଠାରେ ପୂର୍ବରୁ ଥିଲେ, 'ବୋହୂ, ମୁଁ ପନିପରିବା କାଟିଛି, ଅଟା ମଧ ଚକଟି ଦେଇଛି । ତୁ ପରୋଟା କରିଦେ । ଆଜି ତତେ ସୋନୁଙ୍କୁ ମଧ ପଢାଇବାକୁ ପଡିବ । ତାର ଅର୍ଦ୍ଧବାର୍ଷିକ ପରୀକ୍ଷା ପାଖେଇ ଆସୁଛି । ମୁଁ ଅନୁଭବ କଲି ଯେ ତାଙ୍କ ସ୍ୱର ପୂର୍ବ ଭଳି କଠୋର ନୁହେଁ । ଦିନଟି ସୁରୁଖୁରୁରେ କାମ ଚାଲିଥିଲା । ମା'ଙ୍କ ବୟାନବାଜି ଧୀରେ ଧୀରେ କମିବାରେ ଲାଗିଲା । ବେଳେବେଳେ ସେ ଅଯଥାରେ ଗାଳି ଗୁଲଜ କରିବାକୁ ଚେଷ୍ଟା କରୁଥିଲେ, ବାପା ତାଙ୍କୁ ଚୁପ୍ କରି ଦେଉଥିଲେ । ମୋଟାମୋଟି ଭାବରେ, ଟେନସନର ମେଘ ଧୀରେ ଧୀରେ ଦୂର ହେଉଥିଲା, । ଦିନେ, ସ୍କୁଲରୁ ଫେରି ସୋନୁ କହିଲା, 'ମାମା ଆଜି ଗଣିତରେ ମୋର ୧୦ ମାର୍କ କଟିଗଲା ।

ମୋ ମନ ପୁଣି ଥରେ ଖରାପ ହୋଇଗଲା । ସ୍କୁଲରୁ କଲେଜ ପର୍ଯ୍ୟନ୍ତ ଟପର୍ ଥିବା ମୋ ପୁଅର କେମିତି ୧୦ ମାର୍କ କଟିଲା ? ତା'ପରେ ମଉସାଙ୍କ କଥା ମନେ ପଡିଲା, ଯଦି ତୁମେ ସୁଖ ଚାହୁଁଛ, ତେବେ କାହାଠାରୁ ଅଧିକ ଆଶା କରିବା ଉଚିତ୍ ନୁହେଁ । ମୁଁ ସଙ୍ଗେ ସଙ୍ଗେ ନିଜକୁ ନିୟନ୍ତ୍ରଣ କଲି ଏବଂ ସୋନୁଙ୍କୁ ସାନ୍ତ୍ୱନା ଦେଲି, ' କିଛି ଅସୁବିଧା ନାହିଁ, ଏଥର ତୁମର ପ୍ରସ୍ତୁତି ଭଲ ନଥିଲା । ବାସ୍ତବରେ ମୋ ପାଖରେ ସମୟ ବି ନଥିଲା । ଟିକେ ଅଧିକ ପରିଶ୍ରମ କଲେ, ପରବର୍ତ୍ତୀ ସମୟରେ ଶତ ପ୍ରତିଶତ ସ୍କୋର କରିବୁ । ଖବରକାଗଜ ପଢ଼ିବା ସମୟରେ ବାପା ପରାମର୍ଶ ଦେଇଥିଲେ, 'ବୋହୂ, ତୁମେ ଅନ୍ୟ ବିଷୟ ପଢ଼ାଉଛ, ସୋନୁର ବିଜ୍ଞାନ ଓ ଗଣିତ ରାଜେଶଙ୍କ ଉପରେ ଛାଡ଼ି ଦିଅ । ବୋଧହୁଏ ସେ ଆମ ମା' ଓ ପୁଅ କଥା ଶୁଣିଥିଲେ, 'ବାପା, ଟିକିଏ ଭୁଲ ହୋଇଛି, ମୁଁ ଦେଖିବି । କିଛି କାମ ଅନ୍ୟମାନଙ୍କ ଉପରେ ଛାଡ଼ି ଦିଆଯିବା ଉଚିତ । ଜଣେ ବ୍ୟକ୍ତି ସବୁ କିଛି କରିପାରିବ ନାହିଁ । 'ଆଜିକାଲି ଶିକ୍ଷାଦାନ ପଦ୍ଧତି ମଧ ବଦଳିଯାଇଛି,' ।

ମୁଁ ଚୁପ୍ ହୋଇଗଲି । ଅଫିସରୁ ଫେରିବା ପରେ ରାଜେଶ ମୋବାଇଲ ଓ ଲାପଟପ୍ ଧରି ଭିତରକୁ ପ୍ରବେଶ କଲେ । । ମୁଁ ଯଦି କିଛି କୁହେ ବିତର୍କ ଆରମ୍ଭ । ଏବେ ଯଦି ବାପା କହନ୍ତି, ତା'ହେଲେ ମୁଁ ଦେଖୁଛି ତାଙ୍କ ମୁହଁର ରଙ୍ଗ । 'ଦିନେ ସକାଳୁ ବୁଲି ଫେରିବା ପରେ ଶାଶୁ ମା ଆସି ହାତରେ ଏକ ଗ୍ଲାସ ଲେମ୍ବୁ ପାଣି ଧରି ମୋ ପାଖରେ ଠିଆ ହୋଇଥିଲେ । ହଠାତ୍ ଆଖି ସାମ୍ନାରେ ମା'ଙ୍କ ଚେହେରା ଦେଖାଗଲା । ମୋ ଆଖିରୁ ଲୁହ ବାହାରିଗଲା । ଘରର ସମସ୍ତେ ଭୟଭୀତ ହୋଇପଡ଼ିଥିଲେ । ରାଜେଶ ଆସି ମୋ ପାଖରେ ବସିଥିଲେ, 'ଯଦି ତୁମେ ତୁମ ମା'ଙ୍କ ପାଖକୁ ଯିବାକୁ ଚାହୁଁଛ, ତେବେ ତୁମେ କିଛି ଦିନ ପାଇଁଯାଇ ଆସିବ । ଶାଶୁ ମୁଣ୍ଡ ଆଉଁସି ଦେଲେ , ବାପା ସ୍ନେହରେ ଚାହିଁ ରହିଲେ । 'ମୋର କୁଆଡେ ଯିବାକୁ ନାହିଁ, ନିଶ୍ଚିତ ଭାବରେ ବର୍ତ୍ତମାନ ପାଇଁ ନୁହେଁ । ସୋନୁଙ୍କ ପରୀକ୍ଷା ପରେ ମୁଁ ଦେଖିବି । 'ଓହୋ ! ତୁ ଆମ ସମସ୍ତଙ୍କୁ ଡରେଇ ଦେଲୁ , ରାଜେଶ ତୁ ବୋହୂ ପାଇଁ ଏକ ଆଇଫୋନ୍ ଆଣିଦେ , କିଛି ନହେଲେ ସେ ତା ମା ସହ କଥା ହୋଇପାରିବ,' ବାପା ରାଜେଶଙ୍କୁ ପରାମର୍ଶ ଦେଇଥିଲେ, ତା'ପରେ ଶାଶୁ ମଧ କହିଥିଲେ , 'ମୋ ପାଇଁ ମଧ ଗୋଟିଏ । ରାଜେଶ ହସିଲେ, 'ତୁମେ କ'ଣ କରିବ ମା ?'

'ଫେସବୁକ, ଇନଷ୍ଟାଗ୍ରାମ ସବୁ କିଛି ଫୋନ୍ ରେ ହୁଏ, ବୋହୂ, ତୁ ମୋତେ ଫେସବୁକରେ ତୋ ବନ୍ଧୁ କର,' 'ପ୍ରଥମେ ତୁମେ ବୋହୂକୁ ବାସ୍ତବ ଜୀବନରେ ତୁମର ବନ୍ଧୁ କର,' ବାପାଙ୍କ ଏପରି କଥା ଶୁଣି, ଶାଶୁମା ଟିକେ ଦୁଃଖିତ ହୋଇଥିଲେ । ଯଦିଓ ସେ ରାଜେଶଙ୍କର, ମା ହେଲେ ମୁଁ ତାଙ୍କୁ ମା'ର ମାନ୍ୟତା ଦେବାକୁ ଚାହୁଁଥିଲି । ଏହା ଭିନ୍ନ କଥା ଯେ ସେ ମୋତେ ସର୍ବଦା ଦ୍ୱିତୀୟ ସ୍ଥାନରେ ରଖିଥିଲେ । ମୁଁ ତାଙ୍କୁ ବୁଝାଇଲି, 'ମା, ଏଥିପାଇଁ ଆପଣଙ୍କୁ ପ୍ରଥମେ ଏକ ଫେସବୁକ୍ ଆକାଉଣ୍ଟ ଖୋଲିବାକୁ ପଡିବ, ତା'ପରେ ମୋତେ ଏକ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇବାକୁ ପଡିବ । ତାହେଲେ ଏସବୁ ବହୁତ କଷ୍ଟକର । 'କିଛି କଷ୍ଟ ନାହିଁ, ମୁଁ ଶିଖାଇବି । ଆପଣ ଇନଷ୍ଟାଗ୍ରାମରେ ରହିବାକୁ ଚାହୁଁଛନ୍ତି କି ?' ସେ ଲଜ୍ଜିତ ହୋଇ ରାଜି ହୋଇଥିଲେ । ଘରର ବାତାବରଣ ଯଥେଷ୍ଟ ବଦଳି ଯାଇଥିଲା । ସହଜ ଏବଂ ଆନନ୍ଦଦାୟକ । ଏବେ ଶାଶୁମା ତାଙ୍କ ସାଙ୍ଗମାନଙ୍କୁ ଫୋନରେ ମୋ ପ୍ରଶଂସା ବୁଣୁଥିଲେ । ଧୀରେ ଧୀରେ ମୁଁ ତାଙ୍କ ମୋବାଇଲରେ ଅନେକ ଆପ୍ ଡାଉନଲୋଡ୍ କଲି, ମା ଶିଖିଲେ, । ଆମେ ୟୁଟ୍ୟୁବ୍ ରେ ନୂଆ ନୂଆ ରେସିପି ଦେଖୁଥିଲୁ, ତା'ପରେ ଆମେ ଦୁହେଁ ମିଶି ତିଆରି କରୁ । ମାସେ ବିତିଗଲା । ମଉସା ପ୍ରତିଦିନ ପାର୍କରେ ମୋତେ ଭେଟି ମୋତେ ଦେଖି ହସୁଥିଲେ ଏବଂ ଆଗକୁ ବଢୁଥିଲେ । ଶେଷରେ ଦିନେ ମୁଁ ପଚାରିଲି, 'ମଉସା, ମୋତେ କେତେଦିନ ଶର୍ମିଷ୍ଠା ଭୂମିକାରେ ଅଭିନୟ କରିବାକୁ ପଡିବ ?' ତୁମେ ସମ୍ପୂର୍ଣ୍ଣ ଶର୍ମିଷ୍ଠା ହେବା ପର୍ଯ୍ୟନ୍ତ । ପ୍ରତିଦିନ ନିଜର ଅଭିନୟକୁ ଉନ୍ନତ କର ଏବଂ ଜଣେ ତୀକ୍ଷ୍ଣ ଅଭିନେତ୍ରୀ ହୁଅ । 'ଦିନ ପରେ ଦିନ ବିତିଗଲା । ଦିନ, ସପ୍ତାହ, ମାସ ଓ ବର୍ଷ ବିତିଗଲା । କିଛି ଜିନିଷ ସ୍ମୃତି ପାଲଟିଗଲା ତ ଆଉ କାହାର ସ୍ମୃତିକୁ ଜୋରଜବରଦସ୍ତ ହଟାଇ ଦିଆଗଲା । ମୁଁ ପ୍ରେମର ମଧୁର ଭାବନାକୁ ନିଜ ହୃଦୟରେ ରଖିଥିଲି ଏବଂ ସ୍ମୃତିରୁ ଖରାପ ଅନୁଭୂତିର ତିକ୍ତ ଭାବନାକୁ ହଟାଇବାକୁ ଚେଷ୍ଟା କରିଥିଲି । ଏହା ସହିତ ବର୍ଷ ଶେଷ ହୋଇ ନୂଆ ବର୍ଷ ଆରମ୍ଭ ହୋଇଥିଲା ।

ଦିନେ ମୁଁ ପୁଣି ପାର୍କରେ ବୃଦ୍ଧ ମଉସାଙ୍କୁ ଭେଟିଲି । ସେ ମୋତେ ପଚାରିଲେ, 'ଏବେ ମୋତେ କୁହ, ଘରର ବାତାବରଣ କେମିତି ଅଛି । ମୁଁ ଜୋରରେ ହସିଲି, 'ସବୁଠି ଶାନ୍ତି ଓ ସୁଖ ଅଛି । ଶାଶୁ ପ୍ରେମ କରିବା ଆରମ୍ଭ କରିଦେଇଛନ୍ତି । ସ୍ୱାମୀଙ୍କ ସ୍ନେହ ଦ୍ୱିଗୁଣିତ ହୋଇଛି । ପୁଅ ବହୁତ ଭଲ ପଢୁଛି । ମୁଁ ବୁଝିପାରିଛି ଯେ ଅଧିକ ଚିନ୍ତା କଲେ କିଛି ହାସଲ କରାଯାଇପାରିବ ନାହିଁ । ଯେତେବେଳେ ପାଞ୍ଚଟି ଆଙ୍ଗୁଠି ସମାନ ନୁହେଁ, ତେବେ ପ୍ରତ୍ୟେକ ମଣିଷର ସ୍ୱଭାବ ସମାନ କିପରି ହେବ ? ମଉସା ଙ୍କୁ କହିଲି, ମଉସା ମୁଁ ବୁଝିସାରିଛି ଖୁସି ନିଜ ଭିତରେ ହିଁ ଥାଏ, କିଛି ସମୟ ନିଜ ପାଇଁ ମଧ ଦରକାର । ମଉସା ଖୁସିରେ ମୋ ମୁଣ୍ଡରେ ହାତ ରଖିଲେ । ପରଦିନ ମଉସା ମୋ ହାତରେ ଏକ ପ୍ୟାକେଟ ଧରାଇ କହିଲେ ନିଅ ଏହା ତୁମ ପୁରସ୍କାର । ଅତି ଖୁସିରେ ପ୍ୟାକେଟ ଖୋଲିବା ପରେ, ମୋର କଲେଜର ପୁରୁଣା ସ୍ମୃତି ମୋ ହାତରେ, ପାଟିରେ ଭାଷା ନଥିଲା । ମଉସାଙ୍କ ପାଦ ସ୍ପର୍ଶ କଲି । ମଉସାଙ୍କଠାରୁ, ଯେ କୌଣସି ପରିସ୍ଥିତିରେ ଖୁସି ରହିବା ଓ ବ୍ୟକ୍ତିତ୍ୱକୁ ସମୃଦ୍ଧ କରିବା କଳା ସିଖି ଉପହାର ପୂର୍ବରୁ ପାଇସାରିଥିଲି ।


+ନୟାଗଡ଼

ମୋ: ୯୪୩୭୬୪୨୯୪୭


## ଭିନ୍ନ ଏକ ସଂପର୍କ



ସୁଦର୍ଶନ ମହାପାତ୍ର



କମ୍ପାନୀର ଭୁବନେଶ୍ୱର ଶାଖାରେ ଯୋଗ ଦେଲା ଦିବ୍ୟାଙ୍କା । ପ୍ରଥମ ଦିନର ପରିଚୟ ଆଦାନ ପ୍ରଦାନ ପରେ ପରେ ଯୁବ କର୍ମଚାରୀଙ୍କଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ମାନଙ୍କ ଆତୁର ଦୃଷ୍ଟିରୁ ହିଁ ସେ ନିଶ୍ଚିତ ହୋଇଗଲା ଯେ ତା'ପାଇଁ ପ୍ରତ୍ୟେକଙ୍କ ହୃଦ ସ୍ପନ୍ଦନରେ କେତେ ଗୁଡିଏ ଶବ୍ଦ ନୀରବରେ ଗୁଞ୍ଜରିତ ହେଉଛି । କିଛି କାମ ନଥିଲେ ବି ତା' ସିଟ୍ ପାଖଦେଇ ଏପଟ ସେପଟ ହେଉଥିବା ସହକର୍ମୀଙ୍କ ଉଦ୍ଦେଶ୍ୟ ଦିବ୍ୟାଙ୍କା ବେଶ୍ ବୁଝି ପାରୁଥିଲା ।

ନୂଆ କରି ଜଏନ୍ କରିଥିବା ରୂପସୀ ଦିବ୍ୟାଙ୍କାର ନିକଟତର ହେବାକୁ ସେମାନଙ୍କ ମଧରେ ଯେପରି ଅଘୋଷିତ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଥିଲା । ଦିବ୍ୟାଙ୍କାକୁ ନିଜ ଆଡକୁ ଆକର୍ଷିତ କରେଇବାକୁ ବୋଧହୁଏ ସମସ୍ତେ ଯେପରି ଉପଯୁକ୍ତ ସୁଯୋଗର ସନ୍ଧାନରେ ଥିଲେ ..! ମହିଳା କର୍ମଚାରୀ କେତେଜଣ ତା ପ୍ରତି ଅସୂୟା ଭାବ ପ୍ରକାଶ କରୁଛନ୍ତି ବୋଲି ସେ ହୃଦୟଙ୍ଗମ କରି ପାରୁଥିଲା ।

ଏସବୁ ଭିତରେ ବି ଦିବ୍ୟାଙ୍କା କ୍ରମଶଃ ଦୁଃଖି ହୋଇ ପଡୁଥିଲା । କାରଣ ଥିଲେ ସିନିଅର ସହକର୍ମୀ ଦିବ୍ୟାଂଶୁ । ପ୍ରଥମ ଦିନର ସେଇ ପରିଚୟ ଆଦାନ ପ୍ରଦାନ ପରଠାରୁ ଥରକ ପାଇଁ ବି ତା' ଆଡକୁ ନଜର ପକେଇ ନଥିଲେ ଦିବ୍ୟାଂଶୁ । ଦିବ୍ୟାଙ୍କା ଏଥର ନିଜକୁ ଟିକେ ଗମ୍ଭୀର ରଖିବାକୁ ଚେଷ୍ଟା କରୁଥିଲା । ଯାହା ଅନ୍ୟମାନଙ୍କୁ ନିରୁତ୍ସାହିତ କରିବା ସହ ବିମର୍ଷ ଭାବର କାରଣ ହୋଇଥିଲା ।

ଏଇ ସମୟରେ ଅଫିସକୁ ଏକ ନୂଆ ପ୍ରୋଜେକ୍ଟ ପାଇଁ କାମ ଆସିଲା । ସିନିଅର ଦିବ୍ୟାଂଶୁଙ୍କ ସହିତ ଦିବ୍ୟଙ୍କାକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଲେ ବସ୍ । ଏଇ ଅବସରରେ ଦିବ୍ୟାଂଶୁ ସହିତ ମିଶିବା ପାଇଁ ତା' ପାଇଁ ଆସିଲା ଏକ ଅପୂର୍ବ ସୁଯୋଗ । ଏ ଘଟଣାରେ ଅନ୍ୟମାନେ ନାରାଜ ଏବଂ ଈର୍ଷା ପରାୟଣ ହେବା ସ୍ୱାଭାବିକ । ଅତଏବ ଦୁହେଁ ସେମାନଙ୍କ ଚାପା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଲା ।

ଏସବୁ ବିଷୟରେ କିଛି ଘଟଣା ଶ୍ରୁତି ଗୋଚର ହେଲେ ମଧ ଦିବ୍ୟାଂଶୁ ଥିଲେ ନିର୍ବିକାର... ! ଯାହା ଦିବ୍ୟାଙ୍କାକୁ ଉତ୍ତେଜିତ କରୁଥିଲା । ସେ ଚାହୁଁଥିଲା ଦିବ୍ୟାଂଶୁ କିଛି କୁହନ୍ତୁ ।

କ୍ରମେ ମନେ ମନେ ଭାଙ୍ଗିରୁଜି ଯାଉଥିଲା ଦିବ୍ୟାଙ୍କା । ସେ ଅନ୍ୟମନସ୍କ ହୋଇ ପଡୁଥିଲା । ତାକୁ ଲାଗୁଥିଲା ଦିବ୍ୟାଂଶୁଙ୍କ ସାନ୍ନିଧ ନପାଇଲେ ଜୀବନଟା ଯେମିତି ବ୍ୟର୍ଥ ହୋଇଯିବ । ନିଜ ଅନୁଶୀଳନରେ ଏବେ ଦିବ୍ୟାଂଶୁ ସୌମ୍ୟ, ଶାନ୍ତ,ଦିବ୍ୟଦର୍ଶୀ ସୁପୁରୁଷ !

ଶେଷକୁ ଦିବ୍ୟାଂଶୁଙ୍କ ସହିତ ନୂଆ ସମ୍ପର୍କଟେ ଗଢି ତୋଳିବାକୁ ସକ୍ଷମ ହେଲା ଦିବ୍ୟାଙ୍କା । ଦୁଇ ଜଣଙ୍କ ମଧରେ ବ୍ୟବଧାନ କ୍ରମେ କମି ଆସୁଥିଲା । ସାଙ୍ଗ ହୋଇ କଫି ସପ୍ ଯିବା ପାଇଁ ଯେଉଁଦିନ ଦିବ୍ୟାଂଶୁ ରାଜି ହୋଇଗଲେ, ସେଇଦିନ ହିଁ ଦୁହିଁଙ୍କ ମଧରେ ଚାଲୁଥିବା ଅଘୋଷିତ ଯୁଦ୍ଧରେ ସେ ବିଜୟିନୀ ବୋଲି ନିଜକୁ ଘୋଷିତ କଲା । ଆଉ ଦିନେ ରେଷ୍ଟୁରାଣ୍ଟ ଯାଇ ଡିନର କରିବାକୁ ଦିବ୍ୟାଂଶୁଙ୍କ ଆମନ୍ତ୍ରଣକୁ ସାଦରେ ଗ୍ରହଣ କରିନେଲା ଦିବ୍ୟାଙ୍କା ।

ସବୁ କିଛି ଧିରେ ଧିରେ ସହଜ ହୋଇ ଯାଇଥିଲା । ଦିବ୍ୟାଂଶୁ ମଧ ମନେ ମନେ ଦିବ୍ୟାଙ୍କାକୁ ବାକଦତ୍ତା ବୋଲି ସ୍ୱୀକାର କରି ନେଇଥିଲେ । ସେଇ ଅନୁସାରେ ନିଜର ମନକଥା ଥରେ ଦିବ୍ୟାଙ୍କାକୁ କହିଦେଲେ । ଦିବ୍ୟାଙ୍କା ଯେମିତି ଖୁସିରେ ପାଗଳି ହୋଇଯିବ । ମାଆଙ୍କୁ ବି ଏସବୁ ବିଷୟରେ ନିଃସଙ୍କୋଚରେ କହିଲା ଦିବ୍ୟାଙ୍କା । ସବୁକିଛି ଠିକଠାକ ଚାଲିଥିଲା ବେଳେ ହଠାତ୍ ଦିବ୍ୟାଂଶୁ ନିଜଆଡୁ ସେଇ ଅଫିସରୁ ଟ୍ରାନ୍ସଫର ଆବେଦନ ସମସ୍ତଙ୍କୁ ଯେତିକି ଚମତ୍କୃତ କରିଥିଲା ଦିବ୍ୟାଙ୍କାକୁ ସେତିକି ହତୋତ୍ସାହିତ କରିଥିଲା । ଏଇତ ଦୁଇ ଦିନ ତଳେ ଦିବ୍ୟାଙ୍କାର ହାତ ମାଗିବାକୁ ଦିବ୍ୟାଂଶୁ ଯାଇଥିଲା ତାଙ୍କ ଘରକୁ । ନିଜ ବିଷୟରେ ସବୁକିଛି କହି ଆସିଥିଲା । ବାପାଙ୍କ ଅବର୍ତ୍ତମାନରେ ପିଲାଦିନରୁ ମାଆଙ୍କ ସାନିଧରେ ବଡ଼ ହୋଇଛି ଜାଣି ଦିବ୍ୟାଙ୍କାର ବାପା ମାଆ ଯେମିତି ଦୁଃଖରେ ଆପ୍ଳୁତ ହୋଇ ଉଠିଥିଲେ । ସମବେଦନା ଜଣାଇଥିଲେ । ଜୋଇଁ ନୁହେଁ, ପୁଅ ରୂପରେ ଦିବ୍ୟାଂଶୁକୁ ପାଇଲେ ବୋଲି ସ୍ୱଗତୋକ୍ତି କରିଥିଲେ । ଏତେ ସ୍ନେହ ଶ୍ରଦ୍ଧା ଅନୁରାଗକୁ ମନରୁ ପୋଛିଦେଇ କେମିତି ତା'ଠୁ ଦୂରେଇ ଯିବାକୁ ମନସ୍ଥ କରିଛନ୍ତି ଦିବ୍ୟାଂଶୁ ? ଦିବ୍ୟାଙ୍କା ନିଜ ଭିତରେ ଭାଙ୍ଗିରୁଜି ଯାଉଥିଲା... ।

କ୍ରମାଗତ ଦୁଇ ଦିନ ଧରି ଅଫିସ ବନ୍ଦ କଲେ ଦିବ୍ୟାଂଶୁ । ଫୋନ ଉଠାଉ ନଥିଲେ । କଥା ହେବାର ଯୁ' ନାହିଁ । ସବୁ କିଛି ଠିକ୍ ହୋଇଯିବ ବୋଲି ଦିବ୍ୟାଙ୍କାକୁ ବାପା ମା ବୁଝାଇଲେ ସିନା ତା' ମନ ମାନୁ ନଥିଲା । ପରଦିନ ଛୁଟି ନେଇ ସେ ଦିବ୍ୟାଂଶୁ ରହୁଥିବା ଠିକଣାରେ ସେ ପହଞ୍ଚିଲା ।

ରୁମ୍ ବାହାରୁ ଲକ୍ ଥିଲା ତ ଦିବ୍ୟାଙ୍କା ପ୍ରମାଦ ଗଣିଲା ।

ଘରର ମାଲିକ ତା'ର ପରିଚୟ ପାଇ ଶୁଭ୍ରାଂଶୁ ତା' ପାଇଁ ଛାଡ଼ି ଯାଇଥିବା ଚିଠିକୁ ହସ୍ତାନ୍ତର କଲେ ।

-' ମୋତେ ଭୁଲ୍ ବୁଝିବ ନାହିଁ । ନିୟତିର ନିର୍ଦ୍ଦେଶକୁ ଅବମାନନା କରିବା କାହାର ସାଧ ନାହିଁ । ମୋ ମା'ଙ୍କୁ ଛାଡି ତୁମ ମା'ଙ୍କୁ ଆପଣାର କରିଥିବା ବ୍ୟକ୍ତି ଜଣଂକ ଆଉ କେହି ନୁହନ୍ତି, ସେ ହେଉଛନ୍ତି ତୁମ ବାପା । ବାପା ମା'ଙ୍କର ବାଧବାଧକତାରେ ମୋ ମାଆକୁ ବିବାହ କରିଥିବା ବ୍ୟକ୍ତି ଜଣଂକ କିନ୍ତୁ ଅଳ୍ପ କେଇ ଦିନ ପରେ ଫେରି ଆସିଥିଲେ ନିଜ ପସନ୍ଦ ପାଖକୁ । ମାଆଙ୍କ ପାଖରେ ଥିବା ବାହାଘର ବେଳର ଫଟୋ ଦେଖି ମୁଁ ତୁମ ବାପାଙ୍କୁ ଚିହ୍ନିଲି ।

ସେଇଦିନୁ ମୋ ମାଆ ଏକା । ନା ବାପଘର, ନା ଶାଶୁଘର । ମୋତେ ସଂସାରକୁ ଆଣି ମୋ ମା' ଏକ ସଂଘର୍ଷମୟ ଜୀବନକୁ ଆଦରି ନେଇଥିଲା... !'

ଆଖିରେ ଆଖିଏ ଟଳମଳ ଲୁହ ନେଇ ଦିବ୍ୟାଙ୍କା ଫେରୁଥିଲା.. ! !


+ କୁଞ୍ଜବିହାରୀ ଲେନ, କଟକ

ମୋ: ୯୪୩୮୧୭୫୫୪୨

# ଓଏଏସ ପରୀକ୍ଷାରେ ୧୭୪ ର୍‌ୟାଙ୍କ ରଖିଲେ ଦେବୀଦତ୍ତ



ବାସୁଦେବପୁର, ୨୦/୧୦ (ନି.ପ୍ର):୨୦୨୨ ମସିହାର ଓ ଏ ଏସ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ୬୮୩ ଜଣ ପରୀକ୍ଷାର୍ଥୀ ସଫଳତା ଲାଭ କରିଛନ୍ତି । ସେଥି ମଧ୍ୟରୁ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତର ବାଘୁଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଦେବୀ ଦତ୍ତ ପ୍ରୀତି ରଞ୍ଜନ ବେହେରା ଓ ଏ ଏସ ପରୀକ୍ଷାରେ ୧୭୪ ସ୍ଥାନ ରଖି ସଫଳତା ହାସଲ କରିଛନ୍ତି । ଦେବୀ ଦତ୍ତ ପ୍ରୀତି ରଞ୍ଜନ ବେହେରାଙ୍କ ପିତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ବେହେରା ଓ ମାତା ସୁ ଗୃହିଣୀ ଲକ୍ଷ୍ମୀ ପ୍ରିୟା ବେହେରା । ଦେବୀଦତ୍ତ ଙ୍କ ଛଅ ଭଉଣୀ କୁନୁ, ରୁନୁ, ବୁନୁ, ଚିନୁ, ପିଙ୍କି ଓ ବାପୁଲି । ଦେବୀ ଦତ୍ତ ଜୁଲିଆ ହାଇସ୍କୁଲରୁ ମାଟ୍ରିକ ପାସ କରି ଯୁକ୍ତ ଦୁଇ ବିଜ୍ଞାନ ଫକୀର ମୋହନ କଲେଜ୍ ବାଲେଶ୍ୱର ରେ ପଢ଼ିଲେ । ପରେ ଯୁକ୍ତ ତିନି ଏମ ପି ସି କଲେଜ୍ ବାରିପଦା ରେ ପଢ଼ିଲେ । ତାପରେ ଏମ ଏସ ସି ପଢ଼ିଲେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି କୋଲକାତା । ବର୍ତ୍ତମାନ ଶ୍ରୀ ବେହେରା ଓଡ଼ିଶା ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗ ରେ ଜିଓଲୋଜିଷ୍ଟ ଅଛନ୍ତି । ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁରର ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି ଦେବୀ ଦତ୍ତ ପ୍ରୀତି ରଞ୍ଜନ । ସେ ଦିନକୁ ଛଅ ଘଣ୍ଟା ପାଠ ପଢୁଥିଲେ । ସଫଳତାର ଶ୍ରେୟ କାହାକୁ ଦେବେ ଏ ପ୍ରଶ୍ନର ଉତ୍ତରରେ ସେ କୁହନ୍ତି ନିଜର ପିତା ମାତା, ଈଶ୍ୱର ଙ୍କ ଆଶୀର୍ବାଦ ଓ ନିଜର କଠୋର ପରିଶ୍ରମ ହିଁ ମୋତେ ସଫଳତା ଆଣି ଦେଇଛି । ଅନେକ ସାଙ୍ଗ ସାଥୀ, ଗ୍ରାମବାସୀ, କବି, ସାହିତ୍ୟିକ, ଶିକ୍ଷାବିତ୍ ବିଭିନ୍ନ ସାହିତ୍ୟ , ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ଏହି ସଫଳତା ପାଇଁ ଶ୍ରୀ ଦେବୀ ଦତ୍ତ ପ୍ରୀତି ରଞ୍ଜନ ବେହେରା ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଘରେ ଶୋଇଥିବା ବେଳେ ଏସିଡ୍ ଆକ୍ରମଣ : ବାପା ପୁଅ ଗୁରୁତର

କନ୍ଧମାଳ, ୨୦/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ବୁଢ଼ାକୁନ୍ଦେଲ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ଶୁକ୍ରବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ସମୟରେ ଦୁର୍ବୃତ ଘରେ ପଶି ଏସିଡ ଫିଙ୍ଗି ପଳେଇ ଯାଇଥିବା ଅଭିଯୋଗ ହୋଇଛି । ଏସିଡ ମାଡ଼ରେ ଘରେ ଶୋଇଥିବା ବାପା ପୁଅ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବିଳମ୍ବିତ ରାତିରେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ମୁଣ୍ଡିଗଡ଼ ପଂଚାୟତ ଅନ୍ତର୍ଗତ ବୁଢ଼ାକୁନ୍ଦେଲ ଗାଁ ର ମୋହନ ପନ୍ଦର ନିଜ ୧୨ ବର୍ଷର ପୁଅ ଅନୁଜ ସହ ଶୋଇଥିଲେ । ରାତ୍ରି ପ୍ରାୟ ଗୋଟାଏ ସମୟରେ ଶୋଇଥିବା ଅବସ୍ଥାରେ ତାଙ୍କ ଉପରକୁ କେହି ଦୁର୍ବୃତ ଆସି ଏସିଡ ଫିଙ୍ଗି ଦୌଡ଼ି ପଳେଇଥିବା ଅଭିଯୋଗ କରିଛନ୍ତି । ଏସିଡ ମାଡ଼ ର ଶୀକାର ହୋଇଥିବା ମୋହନ ପନ୍ଦର ଓ ତାଙ୍କ ପୁଅର ଛାତି ଓ ମୁହଁ ପୋଡି ଯାଇଥିବା ବେଳେ ତୁମୁଡିବନ୍ଧ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ରେଫର କରାଯାଇଥିବା ଜଣାପଡିଛି । ଘଟଣାସ୍ଥଳରେ ତୁମୁଡିବନ୍ଧ ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନା ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଉପଖଣ୍ଡ ଚିକିତ୍ସାଳୟକୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପହଂଚି ପୀଡିତ ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ ।

# ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଯନ୍ତ୍ରାଂଶ ବଂଟନ ଓ ଚିହ୍ନଟିକରଣ ଶିବିର

ମାଲକାନଗିରି, ୨୦/୧୦ (ନି.ପ୍ର): ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଯନ୍ତ୍ରାଂଶ ବଣ୍ଟନ ଓ ଚିହ୍ନଟିକରଣ ଶିବିର ଆଜି ମାଥିଲି ବ୍ଲକ ନୁଆଗୁଡ଼ା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ସମଗ୍ର ଶିକ୍ଷା ମାଲକାନଗିରି ଓ ଆଲିମକୋ ଭୁବନେଶ୍ୱର ମିଳିତ ପ୍ରୟାସରେ ଆୟୋଜିତ ଏହି ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସି ଆର୍ ଯେସୁ ଦାସ ଉଦଘାଟନ କରିଥିଲେ । ଆଲିମକୋର ପ୍ରତିନିଧି ଅଡିଓଲୋଜିଷ୍ଟ ସିଦ୍ଧାର୍ଥ ପାତ୍ର, ତୃପ୍ତି ରଞ୍ଜନ ସ୍ୱାଇଁ, ପି ଆଣ୍ଡ ଓ ମହାବୀର ସିଂହ ଟେକ୍ନିସିଆନ୍ ଓ ଡାଟାମ୍ୟାନ ଓମ୍ ଦୁବେ ଯୋଗଦେଇ ଆବଶ୍ୟକ ଉପକରଣର ମାପ ନେଇଥିଲେ । ଏହି ଶିବିରକୁ ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ବି ଆର ପି ରତ୍ନାକର ପାଳ ପରିଚାଳନା କରିଥିଲେ । ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକାରର ଉପକରଣ ଓ ଯନ୍ତ୍ରାଂଶର ଯତ୍ନ ସମ୍ପର୍କରେ ଅବିଭାବକ ଓ ବିଦ୍ୟାର୍ଥୀ ମାନଙ୍କୁ ଶ୍ରୀ ପାଳ ପରାମର୍ଶ ଦେଇ ଖୁବ୍ ଶୀଘ୍ର ନୂତନ ଯନ୍ତ୍ରାଂଶ ପ୍ରଦାନ କରାଯିବା ବୋଲି ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣା ପାଣି ସେଠୀ, ଶିକ୍ଷୟିତ୍ରୀ ପୁଷ୍ପାରାଣୀ ବିଷୋୟୀ,କେ ଓ୍ୱରା ଲକ୍ଷ୍ମୀ, ସିଆରସିସି ସମରଜିତ୍ ସାହୁ, ମଧୁସୂଦନ ନାୟକ, ସହକାରୀ ଶିକ୍ଷକ ଟୁକୁନା ସାହୁ, ମନୋଜ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ, ଅରୁଣ କୁମାର ରାୟ ଯୋଗଦେଇ ବହୁମୂଲ୍ୟ ପରାମର୍ଶ ପ୍ରଦାନ କରିଥିଲେ । ଏହି ଶିବିରରେ ୫୦ ରୁ ଉର୍ଦ୍ଧ ଦିବ୍ୟାଙ୍ଗ ଶିକ୍ଷ୍ୟାର୍ଥିଙ୍କ ସମେତ ଅବିଭାବକ ଯୋଗଦେଇ ଥିଲେ । ଆଠ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପ୍ରକାରର ଆବଶ୍ୟକ ଉପକରଣ ବଂଟନ କରାଯାଇଥିଲା ।

# ରେଲୱେ ଜେଇଙ୍କ ହାତଗୋଡ଼ ବାନ୍ଧି ଘରୁ ଲୁଟ୍

ରାଉରକେଲା, ୨୦/୧୦ (ନି.ପ୍ର): ରାଉରକେଲାରେ ରେଲୱେ ଜେଇଙ୍କ ହାତଗୋଡ଼ ବାନ୍ଧି ଘରୁ ଲୁଟ୍ ହୋଇଛି । ଜେଇଙ୍କ ହାତଗୋଡ଼ ବାନ୍ଧି ଓ ପରିବାର ଲୋକଙ୍କୁ ଭୟଭିତ କରି ୨ଲକ୍ଷରୁ ଅଧିକ ଟଙ୍କା ଓ ସୁନା ଗହଣା ଲୁଟି ନେଇ ଚମ୍ପଟ ମାରିଛନ୍ତି ଦୁର୍ବୃତ । ଏନେଇ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି ରେଲୱେ ଜେଇ ଦିଲୀପ ପଣ୍ଡା । ଅଭିଯୋଗ ଭିତି କରି ପୋଲିସ ଘଟଣାର ଛାନଭିନ୍ ଆରମ୍ଭ କରିଛି । ଆଜି ସକାଳେ କିଛି ମୁଖା ପିନ୍ଧା ଦୁର୍ବୃତ ଦିଲୀପଙ୍କ ଘରେ ପଶିଥିଲେ । ଘରେ ଥିବା ଟଙ୍କା ପଇସା ଦେବାକୁ ପରିବାର ଲୋକଙ୍କୁ ଧମକ ଚମକ ଦେଇଥିଲେ । ଏହାପରେ ଦୁର୍ବୃତ ମାନେ ଦିଲୀପଙ୍କ ହାତଗୋଡ଼ ବାନ୍ଧି ଦେଇ ଗୋଟିଏ ରୁମ୍ ରେ ଲକ୍ କରି ଦେଇଥିଲେ । ପରେ ପରିବାର ସଦସ୍ୟଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିଥିଲେ । ଏହାପରେ ଘର ଆଲମାରିର ଲକ୍ ଭାଙ୍ଗି ଟଙ୍କା ପଇସା ଲୁଟି ନେଇ ଚମ୍ପଟ ମାରିଥିଲେ । ଏନେଇ ଦିଲୀପ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରୁଛି ।

# ସିଙ୍ଗାପୁରରେ ପ୍ରବାସୀ ଭାରତୀୟଙ୍କୁ ଭେଟିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ




ସିଙ୍ଗାପୁର, ୨୦/୧୦ (ନି.ପ୍ର): ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ସହ ଶିକ୍ଷା କ୍ଷେତ୍ରରେ ସମ୍ପର୍କକୁ ମଜଭୂତ୍ କରିବା ପାଇଁ ୭ ଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗସ୍ତର ପ୍ରଥମ ଦିନରେ ସିଙ୍ଗାପୁରରେ ରହୁଥିବା ଭାରତୀୟ ସମୁଦାୟଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି । ପ୍ରବାସୀ ଭାରତୀୟ ମାନଙ୍କ ଆତିଥେୟତାକୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଦେଶରେ ଭାରତୀୟଙ୍କ ଗହଣରେ ରହିବା ଏବଂ ସେମାନଙ୍କ ସହ ଭୋଜନରେ ସାମିଲ ହେବା ମୋ ପାଇଁ ଖୁସିର ବିଷୟ । ସିଙ୍ଗାପୁର- ଭାରତ ଭାଗିଦାରୀକୁ ଅଧିକ ମଜଭୂତ୍ କରିବାରେ ଆମର ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ସେମାନେ ବାହାରେ ରହି ମଧ୍ୟ ଭାରତର ସଂସ୍କୃତିକୁ ପାଳନ କରୁଛନ୍ତି । ସିଙ୍ଗାପୁରର ପ୍ରଗତିରେ ତାଙ୍କର ଯୋଗଦାନ ଅନେକ ରହିଛି । ବର୍ତ୍ତମାନ ସମୟରେ ପୁଞ୍ଜିନିବେଶ ଏବଂ ସୁଯୋଗ ପାଇଁ ଭାରତ ହେଉଛି ବିଶ୍ୱର ସବୁଠୁ ଆକର୍ଷଣୀୟ ସ୍ଥାନ । ପ୍ରବାସୀମାନେ ଭାରତରେ ଥିବା ନିଜର ଆତ୍ମୀୟ ଏବଂ ସଂସ୍କୃତି ସହିତ ସବୁବେଳେ ଯୋଡ଼ି ହୋଇ ରହିବା ସହ ଭାରତର ଅଭିବୃଦ୍ଧି ଯାତ୍ରାରେ ଯୋଗଦାନ ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଭାରତ ଓ ସିଙ୍ଗାପୁରକୁ ଗର୍ବିତ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସିଙ୍ଗାପୁରରେ ପ୍ରବାସୀଙ୍କ ସହ ଆଲୋଚନା କାଳରେ ଭାରତର ଯୁବକମାନଙ୍କୁ ଦକ୍ଷ କରିବାରେ ଜାତୀୟ ଶିକ୍ଷା ନୀତି - ୨୦୨୦ର ଭୂମିକା ଏବଂ ଭାରତରେ ଶିକ୍ଷାର ବ୍ୟାପକତା ଉପରେ ଆଲୋକପାତ କରିଥିଲେ ଶିକ୍ଷା ମନ୍ତ୍ରୀ । ଭାରତ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ନେଇ କାମ କରିବା ତଥା ଏହା ଦ୍ୱାରା ହେବାକୁ ଥିବା ବିକାଶ ଉପରେ ଚର୍ଚ୍ଚା କରିଥିଲେ । ସେହିପରି ୨୦୭୦ ସୁଦ୍ଧା ନେଟ୍ ଜିରୋ ଆଡକୁ ଅଗ୍ରସର ହେବା ଏବଂ ବିଶ୍ୱ ସବୁଜ ଉର୍ଜା ମଡେଲକୁ ଆକାର ଦେବା ପାଇଁ ପ୍ରବାସୀଙ୍କ ସମ୍ଭାବନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଭାରତର ଐତିହ୍ୟ ସହ ଜଡ଼ିତ ବିଷୟ ସହ ଯୋଡି ହୋଇ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଶ୍ରୀ ପ୍ରଧାନ ପ୍ରବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ସିଙ୍ଗାପୁର ଗସ୍ତ କାଳରେ ଶ୍ରୀ ପ୍ରଧାନ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱଙ୍ଗ୍, ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ୍, ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂ ଏବଂ ବୈଦେଶିକ ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

# ଜଳ ଶକ୍ତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ଅନୁକୂଲ୍ୟରେ ସପ୍ତମ କ୍ଷୁଦ୍ର ଜଳସେଚନ ଭଣ୍ଡାର ଗଣନା

କନ୍ଧମାଳ, ୨୦/୧୦ (ନି.ପ୍ର): ଜଳ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଅନୁକୂଲ୍ୟାରେ ସପ୍ତମ କ୍ଷୁଦ୍ର ଜଳ ସେଚନ ଭଣ୍ଡାର ଗଣନା, ଦ୍ୱିତୀୟ ପୂର୍ଣ୍ଣାଙ୍ଗ ଜଳ ଉତ୍ସ ଭଣ୍ଡାର ଗଣନା, ପ୍ରଥମ ମାଧ୍ୟମ ଓ ବୃହଦ ଜଳ ଉତ୍ସ ଭଣ୍ଡାର ଗଣନା ତଥା ପ୍ରଥମ ପୂର୍ଣ୍ଣାଙ୍ଗ ଝରଣା ଜଳ ଉତ୍ସ ଗଣନା କରିବା ନିମନ୍ତେ କନ୍ଧମାଳ ଜିଲ୍ଲାକୁ ସରକାର ପାଇଲଟ ଜିଲ୍ଲା ଭାବରେ ନିର୍ବାଚିତ କରିଛନ୍ତି ଓ ସେଥିପାଇଁ ତା. ୧୭.୧୦.୨୦୨୪ ଓ ତା. ୧୮.୧୦.୨୦୨୪ ଦୁଇଦିନ ଧରି କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ରୁ ୬ ଜଣିଆ ପ୍ରତିନିଧି ଦଳ ଶ୍ରୀ ଅଜୟ ବକ୍ସି ଏ. ଡି. ଜି., ଏମ.ଆଇ ଙ୍କ ନେତୃତ୍ୱରେ କନ୍ଧମାଳ ଜିଲ୍ଲା ପରିଦର୍ଶନ ପାଇଁ ଆସିଥିଲେ ଓ ମୋବାଇଲ ଆପ ମାଧ୍ୟମରେ ହେବାକୁ ଥିବା ଉପରୋକ୍ତ ସର୍ଭେ ବା ଗଣନା ଯେମିତି ସଠିକ ଭାବରେ କରାଯାଇ ଯାଇପାରିବ ତାହାର ପରୀକ୍ଷଣ କରିଥିଲେ ଓ କେନ୍ଦ୍ରୀୟ ଦଳରେ ଅରବିନ୍ଦ ସିଂ ଅତିରିକ୍ତ ନିର୍ଦ୍ଦେଶକ, ନିହାରିକା ସିଂ ସହାୟକ ନିର୍ଦ୍ଦେଶକ, ଶ୍ରୀମତୀ ରୀତିକା ସେଠି ବୈଜ୍ଞାନିକ ଜାତୀୟ ସୂଚନା କେନ୍ଦ୍ର, ତ୍ରିଲୋକ ସିଂ ସହାୟକ ନିର୍ଦ୍ଦେଶକ କେନ୍ଦ୍ରୀୟ ଜଳ ଆୟୋଗ. ଡାକ୍ତର ପି କେ ମିଶ୍ର ବୈଜ୍ଞାନିକ ସାମିଲ ଥିଲେ ଓ ରାଜ୍ୟ ସ୍ତରୀୟ ଅଧିକାରୀ ସରୋଜ ମୋହନ ପଣ୍ଡା ଉପ ନିର୍ଦ୍ଦେଶକ, ଅଶ୍ୱିନ କୁମାର ମଲ୍ଲିକ ସହାୟକ ନିର୍ଦ୍ଦେଶକ ପରିସଂଖ୍ୟାନ ନିର୍ଦ୍ଦେଶାଳୟ , ଭୁବନେଶ୍ୱରରୁ ଆସି କେନ୍ଦ୍ରୀୟ ପ୍ରତିନିଧି ଦଳ ସହିତ ଯୋଗ ଦେଇଥିଲେ ଓ ଜିଲ୍ଲା ସ୍ତରରେ ଭୀମସେନ ବାର୍ଲଓ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା (ପରିସଂଖ୍ୟାନ) ସମନ୍ୱୟ କରି ସଫଳତାର ସହିତ ଖଜୁରୀପଡା ବ୍ଲକ, ଫିରିଙ୍ଗିଆ ବ୍ଲକ ଓ ଫୁଲବାଣୀ ବ୍ଲକ ରେ କ୍ଷେତ୍ର ପରିଦର୍ଶନ ସହିତ ମୋବାଇଲ ଆପ୍ପ ପରୀକ୍ଷଣ କରାଇଥିଲେ ଓ କ୍ଷେତ୍ର ପରିଦର୍ଶନ ପରିଚାଳନାରେ ପରିସଂଖ୍ୟାନ ଅଧିକାରୀମାନେ ପୁର୍ଣ ସହଯୋଗ କରିଥିଲେ । କେନ୍ଦ୍ରୀୟ ପ୍ରତିନିଧି ଦଳ କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସହିତ ଆଗାମୀ ଦିନ ରେ ହେବାକୁ ଥିବା ଉପରୋକ୍ତ ଗଣନା ଯେପରି ସୁଚାରୁ ରୂପେ ସମ୍ପୂର୍ଣ ହେବ ସେ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ ଓ ଜିଲ୍ଲାପାଳ ମହୋଦୟ ଏହି ଗଣନାରେ ପରିସରଭୁକ୍ତ ହେଉଥିବା ଜଳ ଉତ୍ସ ଗୁଡିକର ମହତ୍ୱ ଓ ଉପାଦେୟତା ବିଷୟରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରିଥିଲେ ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ପୁର୍ଣ ସହଯୋଗ କରିବା ପାଇଁ କହିଥିଲେ । ଆଲୋଚନା ସମୟରେ ଇଂ. ମନୋରଞ୍ଜନ ହାଁସଦା (କ୍ଷୁଦ୍ର ଜଳ ସେଚନ) ଇଂ. ହିତେଶ କୁମାର ସାହୁ (ମଧ୍ୟମ ସେଚନ ) ଉପସ୍ଥିତ ଥିଲେ ଓ ଗଣନା କାର୍ଯ୍ୟକ୍ରମ ରେ ପୁର୍ଣ ସହଯୋଗ କରିବେ ବୋଲି କହିଥିଲେ ଓ ପରିଶେଷରେ ଶ୍ରୀ ଅଜୟ ବକ୍ସି ଗଣ ମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରିଥିଲେ ଓ ଆଗାମୀ ଦିନରେ ହେବାକୁଥିବା ଉପରୋକ୍ତ ସର୍ଭେ ବା ଗଣନା କାର୍ଯ୍ୟକ୍ରମ ସଫଳତାର ସହତ ସମ୍ପୂର୍ଣ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

# ଲୋୟର ସୁକତେଲ ବିସ୍ଥାପିତ କଲୋନିରେ ନରସିଂହ: ସମସ୍ୟା ଅନେକ ଶୀଘ୍ର ସମାଧାନ ନହେଲେ ହେବ ଆନ୍ଦୋଳନ

ବଲାଙ୍ଗିର, ୧୯ ଅକ୍ଟୋବର (ହି.ସ.)- ବଲାଙ୍ଗିର ଜିଲ୍ଲାରେ ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ତରବରିଆ ଭାବରେ ଗତ ସରକାର ଉଦ୍‌ଘାଟନ କରିଦେଇଥିଲେ । ବିସ୍ଥାପିତମାନଙ୍କ ତ୍ୟାଗ ବଳରେ ତିଆରି ହୋଇଥିବା ଏହି ପ୍ରକଳ୍ପ ରୁ ଏ ପର୍ଯ୍ୟନ୍ତ ଚାଷୀ ପାଣି ପାଇ ପାରିନାହାଁନ୍ତି । ବିସ୍ଥାପିତମାନେ ମଧ୍ୟ ଆଇନ ମୁତାବକ ତାଙ୍କର ଅନେକ ପ୍ରକାର କ୍ଷତିପୂରଣ ପାଇବାର ବାକି ଅଛି । ଏପରିକି ଏମାନଙ୍କୁ ବିସ୍ଥାପିତ କରି ଥଇଥାନ କରାଯାଇଥିବା କଲୋନିରେ ମୌଳିକ ସୁବିଧା ରୁ ଏମାନଙ୍କୁ ସରକାର ବଂଚିତ କରିଛି । ତେଣୁ ଏ ସବୁ ଯେତେ ଶିଘ୍ର ହେବ ସମାଧାନ କରାଯାଉ ନଚେତ ଆଗାମୀ ଦିନରେ ଲୋକେ ନିଶ୍ଚିତ ଭାବେ ଆନ୍ଦୋଳନମୁହାଁ ହେବେ ବୋଲି ପୂର୍ବତନ ଆଇନମନ୍ତ୍ରୀ, ପୂର୍ବତନ ବିଧାୟକ ନରସିଂହ ମିଶ୍ର ଗତ କାଲି ଝାଙ୍କରପାଲି ନିକଟସ୍ଥ ଲୋୟର ସୁକତେଲ ର ଥଇଥାନ କଲୋନିକୁ ଯାଇ ଲୋକମାନଙ୍କ ଅଭାବ ଅସୁବିଧା ବୁଝିବା ପରେ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଲୋକେ ଆଜି ପର୍ଯ୍ୟନ୍ତ ଥଇଥାନ କଲୋନିରେ ପିଇବା ପାଇଁ ପାଣି, ଗାଧୋଇବା ପାଇଁ ପୋଖରୀ ପାଇ ନାହାନ୍ତି । ତେଣୁ ଏ ସବୁର ତୁରନ୍ତ ସମାଧାନ କରାଯାଉ ବୋଲି ସେ କହିଛନ୍ତି । ଥଇଥାନ ଓ ବିସ୍ଥାପିତ କଲୋନିରେ ଶ୍ରୀ ମିଶ୍ର ପହଂଚିବା ପରେ ସେଠାରେ ରହୁଥିବା ପ୍ରାୟ ସମସ୍ତ ମହିଳା ପୁରୁଷ ଆସି ତାଙ୍କ ଅସୁବିଧା ବାବଦରେ ଅଭିଯୋଗ କରିଥିଲେ । ବିଶେଷ କରି ପିଇବା ପାଣି, ଗାଧୋଇବା ପାଇଁ ପୋଖରୀ, ଅନ୍ତେଷ୍ଟି କ୍ରିୟା ପାଇଁ ଶ୍ମଶାନ ଓ ଛୋଟ ଛୋଟ ଛୁଆମାନଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ନିର୍ମାଣର ପ୍ରତିଶୃତି ଦେଇ ପ୍ରଶାସନ ଓ ସରକାର ବର୍ତମାନ ଚୁପ ବସିପଡିଛି । ଏ ସବୁ ଅଭିଯୋଗ ଶୁଣିବା ପରେ ପୂର୍ବତନ ବିଧାୟକ ଶ୍ରୀ ମିଶ୍ର ତୁରନ୍ତ ଫୋନ ଯୋଗେ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସହ କଥା ହୋଇ ଏ ସବୁ ସମସ୍ୟାର ସମାଧାନ ପାଇଁ ଏକ ଆଲୋଚନାର ବ୍ୟବସ୍ଥା କରାଇଛନ୍ତି ତା ସହ ବିସ୍ଥାପିତଙ୍କ ତ୍ୟାଗ ଯେମିତି ବେକାର ନ ଯିବ ସେମାନେ ଯେମିତି ଠିକ୍ ଭାବରେ ତାଙ୍କର ମୌଳିକ ଅଧିକାର ସବୁ ପାଇପାରିବେ ସେ ଉପରେ ଜିଲ୍ଲା ପ୍ରଶାସନ ସହ ସେ ପୁଣି ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ତା ସହିତ ଏଠାରେ ଥିବା ଜଗନ୍ନାଥ ମନ୍ଦିର ପୂଜକଙ୍କ ଅଭିଯୋଗ ଅନୁସାରେ ମନ୍ଦିର ଯେମିତି ଠିକ୍ ହିସାବରେ ଚାଲିବ ଭଗବାନଙ୍କ ସମସ୍ତ ରୀତିନୀତି ପରିଚାଳନା ପାଇଁ ଦରକାର ହେଉଥିବା ପାଣି କିପରି ମିଳିପାରିବ ସେ ଉପରେ ସେ ଆଲୋଚନା କରିବେ ବୋଲି କହିଥିଲେ ଏବଂ ଲୋକଙ୍କୁ ମଧ୍ୟ ସେ ଆଉଥରେ ଚେତେଇ ଦେଇଥିଲେ ଯେ, ସବୁବେଳେ ବିସ୍ଥାପିତଙ୍କ ସ୍ୱାର୍ଥରକ୍ଷା ପାଇଁ ଲଢେଇ ଜାରି ରଖିଛନ୍ତି ଦରକାର ପଡିଲେ ଆଗାମୀ ଦିନରେ ବୁଡି ଅଂଚଳବାସୀ ଓ ବିସ୍ଥାପିତଙ୍କ ନ୍ୟାର୍ଯ୍ୟ ଅଧିକାର ପାଇବା ପାଇଁ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ । ଆଜିର ଏହି ଆଲୋଚନା ସମୟରେ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ ପରିଷଦର ନେତୃତ୍ୱ ନେଉଥିବା ଘନ ସାହୁ, ସରପଂଚ ସଂଜୟ ଗଡତ୍ୟା, ମୀନକେତନ ଚାନ୍ଦ, ଯଜ୍ଞକର ବିଶ୍ୱାଳ, ଚୁଡଙ୍ଗ ସାହୁ, ଭରତ ସାହୁ, ମନ୍ଦିର ପୂଜକ ରାମ ପ୍ରସାଦ ଚାନ୍ଦ, ବିଷ୍ଣୁ ଛତ୍ରିଆ, ଡ. ରାଧାକାନ୍ତ ଭୋଇ, କିଶୋର ଗଡତ୍ୟାଙ୍କ ସହ ଏଠାରେ ରହୁଥିବା ସମସ୍ତ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ବିଧାୟକଙ୍କ ପୂଜା ମଣ୍ଡପ ପରିଦର୍ଶନ

କେନ୍ଦ୍ରାପଡ଼ା, ୨୦/୧୦ (ନି.ପ୍ର): କେନ୍ଦ୍ରାପଡ଼ାର ଗଣପର୍ବ ମା ଗଜଲକ୍ଷ୍ମୀ ପୂଜା ପାଇଁ ସହର ସମେତ ସମଗ୍ର ଜିଲ୍ଲା ଉତ୍ସବ ମୁଖର ହୋଇ ପଡିଥିବାବେଳେ କେନ୍ଦ୍ରାପଡ଼ା ସହରରେ ଦିନକୁ ଦିନ ଜନ ଗହଳି ବଢ଼ିବାରେ ଲାଗିଛି । ସାଧାରଣ ଜନତାଙ୍କ ସହ ସାମିଲ ହୋଇ ବିଧାୟକ ଗଣେଶ୍ୱର ବେହେରା ଆଜି ବିଭିନ୍ନ ପୂଜା ମଣ୍ଡପ ବୁଲି ମା ଗଜଲକ୍ଷ୍ମୀଙ୍କର ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହା ସହ ସଂପୃକ୍ତ ପୂଜା ମଣ୍ଡପର କର୍ମକର୍ତା ମାନଙ୍କ ସହ ଆଲୋଚନା କରି ବିଭିନ୍ନ ବିଷୟରେ ବୁଝିବା ସହ ଅଭିନନ୍ଦନ ଜଣାଇ ଥିଲେ । ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦିପ୍ତ ମହାନ୍ତି, ପୂର୍ବତନ ସରପଂଚ ପ୍ରଦ୍ୟୁମ୍ନ କୁମାର ଜେନା, କାଉନସିଲର ପ୍ରଭାଶିଷ ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ପ୍ରତାପ ନାରାୟଣ ମହାପାତ୍ର, ଆଲୋକ ସାହୁ, ନିରାକାର ସ୍ୱାଇଁ, ସେକ ଇନାୟତ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଳିଆ ଆବର୍ଜନାମୟ ହୋଇ ପଡୁଛି ଶ୍ମଶାନ ପରିବେଶ

କେନ୍ଦୁଝର/ଘଟଗାଁ, ୨୦/୧୦ (ନି.ପ୍ର): କେନ୍ଦୁଝର ପୌରାଂଚଳ ଓ ଆଖପାଖରେ ଥିବା ଶ୍ମଶାନ ଗୁଡିକର ସୁରକ୍ଷା ଏବଂ ତାର ପରିବେଶ ପରିଷ୍କାର ରଖାଯିବା ଉପରେ ଗୁରୁତ୍ୱ ଦିଆ ଯାଉନଥିବାରୁ ଅଧିକାଂଶ ଅଂଚଳରେ ଥିବା ଶ୍ମଶାନ ଗୁଡିକର ଅବସ୍ଥା ଶୋଚନୀୟ ହୋଇପଡିଛି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଜିଲ୍ଲାର ବିଭିନ୍ନ ଅଂଚଳରେ ଶବ ଦାହ ପାଇଁ ବ୍ୟବସ୍ଥା କରାଯାଇଥିବା ଶ୍ମଶାନ ଗୁଡିକର ପରିବେଶ ସଫାସୁତୁରା ରଖାନଯିବା କାରଣରୁ ଅଧିକାଂଶ ଶ୍ମଶାନ ଅପରିଷ୍କାର ପରିବେଶ ମଧ୍ୟରେ ପଡିରହିଛି । ସାଧାରଣତଃ ଗଛ ଲତା, ଘାସରେ ଶ୍ମଶାନ ପରିସୀମା ଆବଦ୍ଧ ହୋଇ ସରୀସୃପ ଙ୍କର ବାସସ୍ଥାନ ପାଲଟିଛି । ଶବ ଦାହ ପାଇଁ ଆସୁଥିବା ଲୋକମାନେ ସରିସୃପ ଭୟରେ ଡରି ଡରି ଶବଦାହ କାର୍ଯ୍ୟ କରୁଛନ୍ତି । ଶବଟି ସମ୍ପୂର୍ଣ ଦାହ ହେବା ପର୍ଯ୍ୟନ୍ତ ଶବ ନେଇ ଆସୁଥିବା ଶବର ବନ୍ଧୁ ପରିଜନ ମାନେ ଅପେକ୍ଷା କରିବା ଓ ପୁରୋହିତ ଶବଦାହର କ୍ରିୟା କର୍ମ କରିବା ଲାଗି ପରିଷ୍କାର ଜାଗା ନଥିବାରୁ ସେମାନେ ଶବ ଦାହ ସମୟରେ ବହୁ ହଇରାଣ ହେଉଥିବାର ଜଣାପଡିଛି । ଗୋଟିଏ ଗୋଟିଏ ଶ୍ମଶାନ ଉପରେ ନିକଟସ୍ଥ ଗ୍ରାମର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକର ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବା ନିତ୍ୟାନ୍ତ ଜରୁରୀ ହୋଇପଡୁଛି ।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୦/୧୦ (ନି.ପ୍ର): କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ କରାଯିବ । ଏନେଇ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମାଣ୍ଡିଆ ଭଳି ଏକ ଉନ୍ନତ ସ୍ୱାସ୍ଥ୍ୟପ୍ରଦ ଓ ପୁଷ୍ଟିକାରକ ଖାଦ୍ୟର ବ୍ୟାପକ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆସନ୍ତା ନଭେମ୍ବର ୧୦ ତାରିଖରେ ଜିଲ୍ଲା କୃଷି କାର୍ଯ୍ୟାଳୟ ପରିସରରେ ଏହି ଦିବସ ପାଳନ କରାଯିବା ସହ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ତଥା ମଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ରୁଚିକର ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯିବ ଓ ଷ୍ଟଲ ମାଧ୍ୟମରେ ଏହା ବିକ୍ରୟ ପାଇଁ ରଖାଯିବ । ଆଜିର ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ ଅରବିନ୍ଦ ଦାସ, ଡିପିସି ମିଶନ ଶକ୍ତି କୈଳାସ ସେନାପତିଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଗ୍ରାମର ଯୁବ କେନ୍ଦ୍ରରେ ଚାଲିଛି ପ୍ରାକ ଶିକ୍ଷା ଗ୍ରହଣ

ମାଲକାନଗିରି, ୨୦/୧୦ (ନି.ପ୍ର): ଶିଶୁ ଏବଂ ମା ମାନଙ୍କ ପୃଷ୍ଟି ହୀନତା ଦୂର କରିବା ପାଇଁ ସରକାର ବିଭିନ୍ନ ସମୟରେ ବହୁ ପ୍ରକାର ଯୋଜନା କରିଛନ୍ତି । ମହିଳା ଓ ଶିଶୁ ବିକାଶ ଅଧୀନରେ ପ୍ରତ୍ୟେକ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଖୋଲା ଯାଇଛି କିନ୍ତୁ ଦୁଃଖ ଓ ପରିତାପର ବିଷୟ ସରକାରଙ୍କ ଏହି ଯୋଜନା ଆରମ୍ଭ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଧା ବିଭିନ୍ନ ସ୍ଥାନରେ ନିଜସ୍ୱ ଅଙ୍ଗନ ୱାଡିକେନ୍ଦ୍ର ଗୃହ ନାହିଁ । କେଉଁଠି କୋମଳ ମତି ଶିଶୁ ଗଛ ମୂଳରେ ବସି ପ୍ରାକ ଶିକ୍ଷା ଗ୍ରହଣ କରୁଛନ୍ତି ତ ଆଉ କେଉଁଠି କାହା ଘର ବାରଣ୍ଡାରେ ବସି ପ୍ରାକ ଶିକ୍ଷା ଗ୍ରହଣ କରୁଥିବାର ଦେଖିବାକୁ ମିଳିଛି । ବର୍ତ୍ତମାନ ଏମିତି ଏକ ନିଜସ୍ୱ ଗୃହ ନଥିବା ଅଙ୍ଗନୱାଡି କେନ୍ଦ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ନାକାମାମୁଡି ଗ୍ରାମ ପଞ୍ଚାୟତ କନିଙ୍ଗୀ ଗ୍ରାମରେ । ପୂର୍ବରୁ ଉକ୍ତ ଗ୍ରାମ ପଞ୍ଚାୟତ କୁଡୁମୁଲୁ ଗୁମା ବ୍ଲକ ଅଧୀନରେ ଥିବା ବେଳେ, ବର୍ତ୍ତମାନ ଉକ୍ତ ଗ୍ରାମ ପଞ୍ଚାୟତ କୋରୁକୋଣ୍ଡା ବ୍ଲକ ଅଧୀନରେ ରହିଛି । ହେଲେ ଉକ୍ତ କେନ୍ଦ୍ରଟି ପୂର୍ବ ବ୍ଲକ ଅଧୀନରେ ରହିଥିବା ବେଳେ ନିଜସ୍ୱ ଗୃହ ହୋଇପାରିନଥିଲା ! ବର୍ତ୍ତମାନ ପ୍ରାୟ କୋରୁକୋଣ୍ଡା ବ୍ଲକ ଅଧୀନରେ ଛଅ ବର୍ଷ ବୀତି ଯାଇଥିଲ ମଧ୍ୟ ନିଜସ୍ୱ ଗୃହ ହୋଇପାରି ନଥିବାରୁ ବହୁ କ୍ଷୋଭ ପ୍ରକାଶ କରୁଛନ୍ତି ଗ୍ରାମ ବାସୀ । ସୂଚନା ଅନୁଯାଇ ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ମୋଟ ତିରିଶି ଜଣ ଛାତ୍ର ଛାତ୍ରୀ ପ୍ରାକ ଶିକ୍ଷା ଗ୍ରହଣ କରୁଥିବା ବେଳେ ସେଥି ମଧ୍ୟରୁ ୨୧ଜଣ ଛାତ୍ର ଓ ୯ଜଣ ଛାତ୍ରୀ ରହିଛନ୍ତି । ମୋଟ ଗର୍ଭ ବତୀ ମହିଳା ୫ଜଣ ରହିଥିବା ବେଳେ ପ୍ରସୂତି ମାଙ୍କ ସଂଖ୍ୟା ୨ରହିଛନ୍ତି । କିନ୍ତୁ ନିଜସ୍ୱ ଅଙ୍ଗନ ୱାଡିକେନ୍ଦ୍ର ଗୃହ ନଥିବା କହିଛନ୍ତି ଗ୍ରାମ ବାସୀ । ଗ୍ରାମ ବାସୀଙ୍କ କହିବା ଅନୁଯାଇ କୁଡୁମୁଲୁ ଗୁମା ବ୍ଲକ ଅଧୀନରେ କେନ୍ଦ୍ରଟି ରହିଥିବା ବେଳେ ନିଜସ୍ୱ ଅଙ୍ଗନ ୱାଡିକେନ୍ଦ୍ର ଗୃହ ନିର୍ମାଣ ନିମନ୍ତେ ଅର୍ଥ ବରାଦ ହେବା ସହିତ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଥିଲା । କିନ୍ତୁ ଉକ୍ତ କାର୍ଯ୍ୟ ଅଧାରୁ ରହିଗଲା ଯାହାକି ବର୍ତ୍ତମାନ ସୁଧା ନା ସେହି ଅଧୁରା କାର୍ଯ୍ୟ ଆରମ୍ଭ ହେଲା ନାହିଁ କି କୋରୁକୋଣ୍ଡା ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିଲେନାହିଁ । ଏଣୁ ବାଧ ହୋଇ ଗ୍ରାମ ବାସୀ ମିଶି ଗ୍ରାମରେ ଥିବା ଯୁବ ଗୋଷ୍ଠୀ କେନ୍ଦ୍ର ଗୃହରେ କେନ୍ଦ୍ର ଚଲାଇବା ନିମନ୍ତେ ବାଧହେଲେ । ଏନେଇ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣପାତ କରୁ ନଥିବା କହିଛନ୍ତି ଗ୍ରାମ ବାସୀ । ଏନେଇ ଆମେ କୋରୁକୋଣ୍ଡା ଶିଶୁ ବିକାଶ ଯୋଜନା ଅଧିକାରିଣୀ ରେଖା ସୋଭା ସୁନ୍ଦରଙ୍କୁ ପଚାରିବାରୁ ସେ କହିଛନ୍ତି ବ୍ଲକ ଅଧୀନରେ ଥିବା ମୋଟ ୧୭୭କେନ୍ଦ୍ର ମଧ୍ୟରୁ ୨୨କେନ୍ଦ୍ରରେ ନିଜସ୍ୱ ଗୃହ ନଥିବା ବେଳେ, ସେତୁ ପ୍ରୋଜେକ୍ଟ ମାଧ୍ୟମରେ ୧୪ଗୋଟି ନୂତନ ଗୃହ ନିର୍ମାଣ ନିମନ୍ତେ ସରକାରଙ୍କୁ ଆବେଦନ କରାଯାଇଛି । ସରକାରଙ୍କ ଅନୁମୋଦନ ଆସିଲେ ଅତି ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ । କୋରୁକୋଣ୍ଡା ବ୍ଲକରେ ୧୯୯୨ମସିହାରେ ଶିଶୁ ବିକାଶ ଯୋଜନା କାର୍ଯ୍ୟ କ୍ରମ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ୩୨ବର୍ଷ ବୀତି ଯାଇଥିଲେ ମଧ୍ୟ ବର୍ତ୍ତମାନ ୨୨ଅଙ୍ଗନ ବାଡି କେନ୍ଦ୍ରରେ ନିଜସ୍ୱ ଗୃହ ନାହିଂ ଏଣୁ ଆଗାମୀ ଦିନରେ ଦେଖିବାର ବାକି ରହିଲା କନିଙ୍ଗୀ ଗ୍ରାମରେ କେବେ ନିଜସ୍ୱ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ହେଉଛି ।

# ନିଖୋଜ ସ୍ୱାମୀର ଅସଲ ମୁଖା ଖୋଲିଗଲା: ପ୍ରେମିକାକୁ ଧରି ଚମ୍ପଟ ମାରିବା ଅଙ୍କ ଫେଲ୍

ସମ୍ବଲପୁର, ୨୦/୧୦ (ନି.ପ୍ର): ସମ୍ବଲପୁର ଜମାଦାରପାଲ୍ଲୀ ଅଂଚଳର ପଣ୍ଡିତ ଓରାମ ନାମକ ଜନୈକ ବ୍ୟକ୍ତି ଗତ ୧୮ ତାରିଖ ଅପରାହ୍ନରେ ହଠାତ୍ ନିଖୋଜ ହେଇଥିବା ନେଇ ତାଙ୍କ ପତ୍ନୀ ହୀରାକୁଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏ ସମ୍ପର୍କରେ ୨୯/୨୪ ରେ ଏକ ମାମଲା ରୁଜୁ କରି ଜୋରଦାର ତନାଘନା ଆରମ୍ଭ କରିଥିଲା । ପୋଲିସର ଏହି ତଦନ୍ତ ବେଳେ ଅଠର ହଜାର ସାଇଫୋନ୍ ଅଞ୍ଚଳର ବ୍ରୀଜ୍ ପାର୍ଶ୍ୱରେ ସନ୍ଦେହଜନକ ଅବସ୍ଥାରେ ପଣ୍ଡିତଙ୍କ କଳା ରଙ୍ଗର ଓଡି ୧୫ ଓ ୭୬୯୦ ସ୍କୁଟି ଗାଡ଼ିକୁ ଉଦ୍ଧାର କରିଥିଲା । ଯେତେବେଳେ କି ଉକ୍ତ ସ୍କୁଟି ଓ ବ୍ରୀଜର କେତେକ ସ୍ଥାନରେ ରକ୍ତଦାଗ ଲାଗିଥିବା ଦେଖି ପୋଲିସ ନିଜ ତଦନ୍ତକୁ ଅଧିକ ଶାଣିତ କରିଥିଲା । ହେଲେ ଚକ୍ରାନ୍ତ କାରୀ ନିଖୋଜ ବ୍ୟକ୍ତିର ସବୁ ଅଙ୍କକୁ ବିଗାଡି ଶେଷରେ ପୋଲିସ ନିଖୋଜ ପଣ୍ଡିତକୁ ତା ପ୍ରେମିକା ସହ ଦେବଗଡ଼ରୁ ଠାବ କରିବା ସହ ଉଭୟଙ୍କୁ ସମ୍ବଲପୁର ଆଣି ସରଜମିନ୍ ଜେରା କରିଥିଲା । ନିଖୋଜର ନାଟକ ରଚିଥିବା ପଣ୍ଡିତ ଦୁଇଟି ଛୁଆଙ୍କ ଜନକ ହୋଇଥିବାବେଳେ ନିଜର କାମୁକ ମନୋଭାବକୁ ଦମନ କରିନପାରି ଶେଷର ପ୍ରେମିକ ସହ ଚମ୍ପଟ ମାରିବା ଉଦ୍ଦେଶ୍ୟରେ ଏହି ନାଟକ ନିଜେ ରଚିଥିବା ଜେରାବେଳେ ସ୍ୱୀକାର କରିଛି । ନିଖୋଜ ନାଟକ ରଚିବା ପୂର୍ବରୁ ସେ କୌଣସି ଏକ ଭୋଜିରେ ସାମିଲ ହୋଇଥିଲା ।

# ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ଅଂଟା ଭିଡ଼ିଥିବା ମହିଳା ବିଳାସିନୀ, ହରିପ୍ରିୟା ଓ ସସ୍ମିତା



ଉଦଳା , ୨୦/୧୦ (ନି.ପ୍ର): ସମଗ୍ର ଭାରତବର୍ଷରେ ବର୍ତମାନ ଓଡ଼ିଶା ଏକ ମଦୁଆ ରାଜ୍ୟ ଭାବରେ ପରିଗଣିତ ହେଉଛି । ଏହା ଜଣେ ଓଡ଼ିଶାବାସି ଭାବରେ ଆମକୁ ଯେତିକି ଲଜ୍ୟା ଦେଉଛି, ମଦ୍ୟପାନର କରୁଣ ପରିଣତିର ଦୁର୍ଦଶା ସେହିପରିମାଣରେ ଭୋଗିବାକୁ ପଡୁଛି । ଅତ୍ୟଧିକ ମଦ୍ୟପାନ ଯୋଗୁଁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଲୋକ ଅତି ମାରାତ୍ମକ ରୋଗରେ ପିଡ଼ିତ ହେଉଥିବା ବେଳେ ଏଥିଯୋଗୁଁ ମୃତ୍ୟୁସଂଖ୍ୟା ମଧ ଦିନକୁ ଦିନ ଦୃତ ଗତିରେ ବଢ଼ିଚାଲିଛି । ଖାଲି ସେତିକି ନୁହେଁ ମଦ୍ୟପାନ ଯୋଗୁଁ ଦାରିଦ୍ର୍ୟତା ଲୋକଙ୍କ ପିଛା ଛାଡୁନଥିବା ବେଳେ ଅନେକ ଗୁଡ଼ିଏ ବିଧବା ଗ୍ରାମ ସୃଷ୍ଟି ହୋଇଯାଇଥିବାର ଦୃଶ୍ୟ ପରିଲକ୍ଷିତ ହେଉଛି । ଏହିଭଳି ଭାବରେ ସମଗ୍ର ରାଜ୍ୟକୁ ମଦ୍ୟପାନ ଜନିତ ଭୟଙ୍କର ବିପଦ ମାଡ଼ି ଆସୁଛି । ଅଥଚ ମଦ୍ୟପାନ ଯୋଗୁଁ ରାଜକୋଷକୁ ବେଶ ଭଲ ରୋଜଗାର ଆସୁଛି ବୋଲି କହି ବିଗତ ଦିନରେ ଶାସନରେ ଥିବା ସରକାର ଗାଁ ଗହଳ ସବୁଠି ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ କରିଥିଲେ । ଖାଲି ସେତିକି ନୁହେଁ ମଦ୍ୟପାନ ଯୋଗୁଁ ସମାଜରେ ଚୋରି, ଡ଼କାୟତି, ରାହାଜାନି ର ମାତ୍ରା ବଢ଼ି ବଢ଼ି ଚାଲିଛି । ଏପରିକି କେତେକ ସ୍ଥାନରେ ସନ୍ଧ୍ୟାପରେ ଲୋକେ ଗୋଡ଼କାଢ଼ି ବାହାରକୁ ଆସିବାକୁ ନିରାପଦ ମଣୁ ନାହାଁନ୍ତି । ମଦ୍ୟପାନ ଯୋଗୁଁ ମହିଳା ଓ ଛୋଟ ପିଲାମାନେ ସବୁଠାରୁ ଅଧିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ଏ ସମ୍ପର୍କରେ ଆଉ ଅଧିକ କିଛି ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । କାରଣ ଏହାର ବାସ୍ତବ ଚିତ୍ର ଆମେ ସମସ୍ତେ ନିୟମିତ ସ୍ୱଚକ୍ଷୁରେ ଦେଖୁଛୁ । ଓଡ଼ିଶାର ଆକାଶରେ ଏହିଭଳି ଏକ କଳା ବାଦଲ ଘନିଭୂତ ଥିବା ବେଳେ ଆଶ୍ଚର୍ଯ୍ୟ ଜନକ ଭାବରେ କେତେଜଣ ମହିଳା ରାଜ୍ୟକୁ ମଦ ମୁକ୍ତ କରିବା ପାଇଁ ଅଂଟା ଭିଡ଼ି ବାହାରିଛନ୍ତି । ଏହି ମହିଳା ମାନଙ୍କ ସାହସ ଦେଖି ବିଭିନ୍ନ ମହଲରେ ଏବେ ସେମାନଙ୍କ ବିଷୟରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ଏହି ମହିଳା ମାନଙ୍କ ମଧ୍ୟରେ ଜଣେ ହେଲେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଅଂଚଳର ବିଳାସିନି ନାୟକ, ଅନ୍ୟ ଦୁଇଜଣ ହେଲେ ମୟୂରଭଂଜ ଜିଲ୍ଲାର କପ୍ତିପଦା ବ୍ଲକର ପୋଡ଼ାଡ଼ିହା ଅଂଚଳର ହରିପ୍ରିୟା ଦାସ ଓ ଗୋପବନ୍ଧୁନଗର ବ୍ଲକର ସାଇଁକୁଳା ଗ୍ରାମର ବାସିନ୍ଦା ସସ୍ମିତା ପତି । ଉକ୍ତ ତିନି ଜଣ ଯାକ ମହିଳା ମଦ ବିରୁଦ୍ଧରେ ଆନ୍ଦୋଳନ ଦିର୍ଘ ବର୍ଷ ଧରି ଚଳାଇ ଆସୁଛନ୍ତି । ଏହି ଆନ୍ଦୋଳନ ପାଇଁ ବିଭିନ୍ନ ପ୍ରକାର ଧମକ ଚମକର ଶିକାର ହେବା ସହିତ ମାଲିମକଦ୍ଦମାରେ ଛନ୍ଦି ହୋଇ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ସବୁପ୍ରକାର ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବାର ଦମ୍ଭ ଏହି ମହିଳା ମାନଙ୍କ ଠାରେ ବେଶ ସ୍ପଷ୍ଟ ବାରି ହୋଇ ପଡୁଥିଲେ ମଧ ଆହୁରି କିଛି ସହଯୋଗର ଆବଶ୍ୟକତା ରହିଛି । ବିଳାସିନି ଗତ ୨୦୦୭ ମସିହାରୁ ୨୦୧୨ ମସିହା ପର୍ଯ୍ୟ‘ ଦାରିଙ୍ଗବାଡ଼ି ପଂଚାୟତ ସମିତିର ଉପାଧକ୍ଷ ଭାବରେ ଦକ୍ଷତାର ସହ ନିଜର ଦାୟିତ୍ୱ ତୁଲାଇଥିଲେ । ତାଙ୍କର ରାଜନୈତିକ ଦକ୍ଷତା ଓ ଭଲ ଜନସମ୍ପର୍କ ପାଇଁ ଦାରିଙ୍ଗବାଡ଼ି ଅଂଚଳରେ ପରବର୍ତି ନିର୍ବାଚନରେ ପୁଣିଥରେ ଅର୍ଥାତ୍ ୨୦୧୨ ମସିହାରୁ ୨୦୧୭ ମସିହା ପର୍ଯ୍ୟ‘ ସେ ନିଦ୍ୱନ୍ଦରେ ସମିତି ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ । ଜନସେବାରେ ଉଲେଖନୀୟ ଅବଦାନ ପାଇଁ ସେ ରାଜ୍ୟ ସ୍ତରରେ ବହୁ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ମଧ ହୋଇଛନ୍ତି । ସେହିପରି ପୋଡ଼ାଡ଼ିହା ଅଂଚଳର ହରିପ୍ରିୟା ମଦ୍ୟପାନ ଯୋଗୁଁ ବିଧବା ସାଜିଥିବା ମହିଳା ମାନଙ୍କୁ ଏକତ୍ରିତ କରାଇ ଆନ୍ଦୋଳନ ଜାରି ରଖିଛନ୍ତି । ବାରମ୍ବାର ମଦ ଜବଦ କରିବା ଓ ମଦରେ ନିଆଁ ଲଗାଇଦେବା ଇତ୍ୟାଦି କାମର ସେ ନେତୃତ୍ୱ ନେଉଛନ୍ତି । ତାଙ୍କର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଅଛି । ସାଇଁକୁଳାର ସସ୍ମିତା ପତି ମଦ ବିରୁଦ୍ଧରେ ଆନ୍ଦୋଳନ କରି ବାରମ୍ବାର ମାଲିମକଦ୍ଦମାରେ ଛନ୍ଦି ହୋଇଯାଇଛନ୍ତି । କିନ୍ତୁ ସବୁ ପ୍ରକାର ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସେ ଏକାକି ସାହାସ ବାନ୍ଧିଛନ୍ତି । ଶେଷରେ ମଦ୍ୟପ ମହିଁଷାସୁର ମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଜାରି ରଖିଥିବା ଏ ଯୁଗର ଚର୍ଚ୍ଚି ଦୁର୍ଗା ମାନଙ୍କୁ ରାଜ୍ୟ ସରକାର ପ୍ରତ୍ସାହନ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

# ଓଡିଶା ସିନେ ୱାର୍କର୍ସ ଆସୋସିଏସନ୍‌ର ୧୦ମ ସିନେ ଆୱାର୍ଡ ଉତ୍ସବ ଅନୁଷ୍ଠିତ



ଭୁବନେଶ୍ୱର, ୨୦/୧୦ (ନି.ପ୍ର): ସ୍ଥାନୀୟ ଭୁବନେଶ୍ୱର ଜୟଦେବ ଭବନ ଠାରେ ଓଡିଶା ସିନେ ୱାର୍କର୍ସ ଆସୋସିଏସନ ର ୧୦ମ ସିନେ ଆୱାର୍ଡ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁମ୍ବାଇ ସିନେ ୱାର୍କର୍ସ ଆସୋସିଏସନ ର ସଭାପତି ଶ୍ରୀଯୁକ୍ତ ସୁରେଶ ଶ୍ୟାମଲାଲ ଗୁପ୍ତା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସିନେ କଳାକାର ଶ୍ରୀଯୁକ୍ତ ଅଶ୍ରୁମୋଚନ ମହାନ୍ତି, ସଂଘର ଉପଦେଷ୍ଟା ଶ୍ୟାମା ପ୍ରସାଦ ମିଶ୍ର, ଡଃ ରଜନୀ ରଞ୍ଜନ, ପ୍ରଶାନ୍ତ ପାଢ଼ୀ, ପୁଷ୍ପା ପଣ୍ଡା, ପିଙ୍କି ପ୍ରଧାନ, ଡଃ ବନ୍ଦନା ହରିଚନ୍ଦନ, ସଭାପତି ବବି ମିଶ୍ର ମିଶ୍ର, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ପ୍ରଯୋଜକ ତଥା ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ପ୍ରମୁଖ ଯୋଗଦେଇ ସଭା କୁ ସାଫଲ୍ୟ ମଣ୍ଡିତ କରିଥିଲେ । ଓଡିଶାର ବିଭିନ୍ନ କୋଣ ରୁ ଆସିଥିବା ୧୦୦ ଜଣ କଳାକାରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ତାସହିତ ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ରେବତୀ ଓ ଦୁର୍ଗା ର ପ୍ରଯୋଜକ ତଥା କଳାକାର ଙ୍କୁ ମଧ ସମ୍ମାନିତ କରାଯାଇଥିଲା । ବିଭିନ୍ନ କୋଣ ରୁ ଆସିଥିବା କଳାକାର ମାନେ ପାରମ୍ପରିକ କଳା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକ ତଥା ଅତିଥି ମାନଙ୍କୁ ଆନନ୍ଦିତ କରିଥିଲେ । ପ୍ରଯୋଜକ ରମେଶ ବାରିକ, ପ୍ରିତମ, ଅଭିନେତ୍ରୀ ଶୀତଲ ପାତ୍ର, ଅନନ୍ୟା, ଶକ୍ତି ବରାଳ, ଅଭିଷେକ ଗିରି, ଉପସ୍ଥାପକ କେପି ପ୍ରମୁଖ ଉତ୍ସବ ରେ ସମ୍ମାନ ପ୍ରଦାନ ରାଯାଇଥିଲା । ଉତ୍ସବ ସଫଳ ହେବା ପାଇଁ ସହଯୋଗ ର ହାତ ବଢ଼େଇଥିବା ପୁରୁଷୋତ୍ତମ ସାହୁ ଙ୍କୁ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ମୁମ୍ବାଇ ରୁ ଆସିଥିବା ସଭାପତି ଓଡ଼ିଆ ସିନେ ଶ୍ରମିକଙ୍କୁ ପ୍ରତିଶୃତି ଦେଇଛନ୍ତି ଯେ ଆଗାମୀ ବର୍ଷ ମାନଙ୍କରେ ବଲିଉଡ ରେ ଓଲିଉଡ଼ କଳାକାର ଙ୍କ ସ୍ୱତନ୍ତ୍ର ପରିଚୟ ନିଶ୍ଚିତ ଭାବେ ସୃଷ୍ଟି ହେବ । ଶେଷରେ ପିଙ୍କି ପ୍ରଧାନ ଅଭିଭାଷଣ ରେ ଖୁବ ସୁନ୍ଦର କଥା ଦୁଇ ପଦ କହିଥିଲେ । ଶ୍ୟାମ ପ୍ରସାଦ ମିଶ୍ର, ପ୍ରଣୟ ଜେଠୀଙ୍କ ଅଭିଭାଷଣ ରେ ଦର୍ଶକ ଢେର ଉତ୍ସାହିତ ହୋଇଥିଲେ । ଶେଷରେ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶ୍ୟାମା ପ୍ରସାଦ ମିଶ୍ର, ଡଃ ରଜନୀ ରଞ୍ଜନ, ପ୍ରଶାନ୍ତ ପାଢ଼ୀ, ପୁଷ୍ପା ପଣ୍ଡା, ପିଙ୍କି ପ୍ରଧାନ, ଡଃ ବନ୍ଦନା ହରିଚନ୍ଦନ, ସଭାପତି ବବି ମିଶ୍ର ମିଶ୍ର, ମୁଖ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ପ୍ରମୁଖ ଯୋଗଦେଇ ସଭା କୁ ସାଫଲ୍ୟ ମଣ୍ଡିତ କରିଥିଲେ । ଓଡିଶାର ବିଭିନ୍ନ କୋଣ ରୁ ଆସିଥିବା ବର୍ଗର ପ୍ରାୟ ୧୦୦ ଜଣ କଳାକାରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ତାସହିତ ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ରେବତୀ ଓ ଦୁର୍ଗା ର ପ୍ରଯୋଜକ ତଥା କଳାକାର ଙ୍କୁ ମଧ ସମ୍ମାନିତ କରାଯାଇଥିଲା । ବିଭିନ୍ନ କୋଣ ରୁ ଆସିଥିବା କଳାକାର ମାନେ ପାରମ୍ପରିକ କଳା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକ ତଥା ଅତିଥି ମାନଙ୍କୁ ଆନନ୍ଦିତ କରିଥିଲେ । ପ୍ରଯୋଜକ ରମେଶ ବାରିକ, ପ୍ରିତମ, ଅଭିନେତ୍ରୀ ଶୀତଲ ପାତ୍ର, ଅନନ୍ୟା, ଶକ୍ତି ବରାଳ, ଅଭିଷେକ ଗିରି, ଉପସ୍ଥାପକ କେପି ପ୍ରମୁଖ ଉତ୍ସବ ରେ ସମ୍ମାନିତ ହୋଇଥିଲେ । ଉତ୍ସବ ସଫଳ ହେବା ପାଇଁ ସହଯୋଗ ର ହାତ ବଢ଼େଇଥିବା ପୁରୁଷୋତ୍ତମ ସାହୁ ଙ୍କୁ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ମୁମ୍ବାଇ ରୁ ଆସିଥିବା ସଭାପତି ଓଡ଼ିଆ ସିନେ ଶ୍ରମିକଙ୍କୁ ପ୍ରତିଶୃତି ଦେଇଛନ୍ତି ଯେ ଆଗାମୀ ବର୍ଷ ମାନଙ୍କରେ ବଲିଉଡ ରେ ଓଲିଉଡ଼ କଳାକାର ଙ୍କ ସ୍ୱତନ୍ତ୍ର ପରିଚୟ ନିଶ୍ଚିତ ଭାବେ ସୃଷ୍ଟି ହେବ । ଶେଷରେ ପିଙ୍କି ପ୍ରଧାନଙ୍କ ଅଭିଭାଷଣ ରେ ଖୁବ ସୁନ୍ଦର କଥା ଦୁଇ ପଦ କହିଥିଲେ । ଶ୍ୟାମ ପ୍ରସାଦ ମିଶ୍ର, ପ୍ରଣୟ ଜେଠୀଙ୍କ ଅଭିଭାଷଣ ରେ ଦର୍ଶକ ଢେର ଉତ୍ସାହିତ ହୋଇଥିଲେ । ଶେଷରର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଶିକ୍ଷୟତ୍ରୀରୁ ପ୍ରଶାସନିକ ଅଧିକାରୀ ହେବାକୁ ଯାଉଛନ୍ତି ସ୍ମୃତିରେଖା



ଜଳେଶ୍ୱର , ୨୦/୧୦ (ନି.ପ୍ର): ଦୃଢ ଇଚ୍ଛା ଶକ୍ତି ହେଉଛି ସଫଳତା ର ମାପ କାଠି, ଯାହା ପ୍ରମାଣିତ କରି ଦେଖାଇଛନ୍ତି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ଗରୀବ ଚାଷୀ ପରିବାର ର ଝିଅ ସ୍ମୃତିରେଖା ନାଥ, ୨୦୨୨ ଓଡିଶା ସିଭିଲ ସର୍ଭିସ ପରୀକ୍ଷା ରେ ୩୬୯ ରେଙ୍କ ହାସଲ ରଖି ନିଜ ଗାଁ ତଥା ଜଳେଶ୍ୱର ବ୍ଲକ ପାଇଁ ଗୌରବ ଆଣିଛନ୍ତି, ବାପା ପ୍ରଦୀପ ନାଥ ଙ୍କ ଦୁଇ ଝିଅ ମଧ୍ୟରୁ ସାନ ଝିଅ ହେଉଛନ୍ତି ସ୍ମୃତିରେଖା, ପିଲା ଟି ଦିନ ରୁ ମେଧାବୀ ଛାତ୍ରୀ ଥିଲେ ସ୍ମୃତିରେଖା, ଛୋଟବେଳୁ ଇଚ୍ଛା ଥିଲା ଓଏ ଏସ ହେବା ପାଇଁ , ବାପା ପ୍ରଦୀପ ଜଣେ ଗରୀବ ଚାଷୀ ହୋଇ ଥିଲେ ମଧ୍ୟ ବହୁ କଷ୍ଟ ରେ ଝିଅ କୁ ପାଠ ପଢାଇ ଥିଲେ, ଗ୍ରାଜୁଏସନ ପରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଦୋଳମଣ୍ଡପ ହାଇସ୍କୁଲ ରେ ବିଜ୍ଞାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଥିଲେ ସ୍ମୃତିରେଖା, ମାତ୍ର ତାଙ୍କର ଓଏ ଏସ ହେବାର ସ୍ୱପ୍ନ ତାଙ୍କ ଆଖିରୁ ନିଦ ହଜାଇ ଦେଇ ଥିଲା,ସେଥିପାଂଇ ସେ ଦିନ ରାତି କଠିନ ପରିଶ୍ରମ କରୁ ଥିଲେ, ତେବେ ପ୍ରଥମ ଥର ପରୀକ୍ଷା ରେ ସେ କୃତକାର୍ଯ୍ୟ ହୋଇଛନ୍ତି, ଆଜି ସେ ଜନ୍ମମାଟି ରେ ପହଞ୍ଚିବା ପରେ ଗାଁ ଲୋକେ ବାଜା ବଜାଇ ଶୋଭାଯାତ୍ରା କରି ପାଛୋଟି ନେଇ ଛନ୍ତି, କିଏ ଫୁଲ ତୋଡା ଦେଇ କୁଣ୍ଢାଇ ପକଉଛି ତ କିଏ ଦୀପ ଲଗାଇ ବନ୍ଦାପନା କରି ପକଉଛି ଆଗକୁ ସେ ଗରିବ ଲୋକଙ୍କ ମାନଙ୍କର ସେବା କରିବାକୁ ଇଛା ରଖିଛନ୍ତି ।

# ବାଜି ରାଉତ କଲେଜ ତରଫରୁ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ

ଭୁବନ, ୨୦/୧୦ (ନି.ପ୍ର): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ଢେଙ୍କାନାଳ ତରଫରୁ ମାନ୍ୟବର ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ (ସ୍ୱାଧୀନ) ଉଚ୍ଚ ଶିକ୍ଷା, କ୍ରୀଡା ଯୁବ ବ୍ୟାପାର ଓ ସଂସ୍କୃତି ବିଭାଗ ଙ୍କୁ ସ୍ୱାଗତ କରାଯାଇଥିଲା । ମନ୍ତ୍ରୀ ସୂର୍ଯ୍ୟବଂଶୀ ଗତକାଲି ଭୁବନ ଗସ୍ତରେ ଆସିଥିବା ବେଳେ କଲେଜ ଅଧକ୍ଷ ଅଜିତ କୁମାର ବେହେରା ଙ୍କ ସହିତ ବରିଷ୍ଠ ଅଧାପକ ଗୌରାଙ୍ଗ ଚରଣ ମହାରଣା , ପ୍ରଭାତ କୁମାର ବେହେରା, ମୂଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ଓ କଲେଜ ର ଏନସିସି କ୍ୟାଡେଟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ବିଜେଡ଼ି ପକ୍ଷରୁ ଶ୍ୟାମନଗର ଗ୍ରାମ ପଞ୍ଚାୟତରେ ସମୀକ୍ଷା ବୈଠକ ଅନୁଷ୍ଠିତ

ଜଳେଶ୍ୱର , ୨୦/୧୦ (ନି.ପ୍ର): ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ଗ୍ରାମ ପଞ୍ଚାୟତର ସରପଞ୍ଚ ଗିରିଜା ସାସମଲଙ୍କ ତତ୍ୱବଧାନରେ ତାଙ୍କ ବାସ ଭବନରେ ଏକ ସମୀକ୍ଷା ବୈଠକରେ ଅନୁଷ୍ଠିତ କରାଯାଇ ଥିଲା ଏଥିରେ ଦଳ କିପରି ଆଗକୁ ଆହୁରି ସୃଦୃଢ଼ ହେବା ସହିତ ବିଜେପି ଦଳ କିପରି ଲୋକ ମାନଙ୍କୁ ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛି ଓ ଦେଇଥିବା ପ୍ରତିଶ୍ରୁତି ପାଳନ କରୁନଥିବା କହି ଲୋକ ମାନଙ୍କ ପାଖକୁ ଯାଇ ପ୍ରିୟ ଭାଜନ ହୋଇପାରିବ ସେ ନେଇ ୱାର୍ଡ ସ୍ତରରୁ କର୍ମୀ ମାନଙ୍କୁ ଅବଗତି କରାଇ ଥିଲେ ଏଥିରେ ଉପସ୍ଥିତ ଥିଲେ ଶ୍ୟାମ ନଗର ଗ୍ରାମ ପଞ୍ଚାୟତର ବିଜେଡି ଦଳର ପଞ୍ଚାୟତ ସଭାପତି ଲଛମନ ପାତ୍ର, ସମିତି ସଭ୍ୟା ଫୁଲ ମୁର୍ମୁ, ଚନ୍ଦନ ପାତ୍ର, ମୁଖ୍ୟ ଅଥିତି ଭାବେ ଯୋଗ ଦେଇଥିଲେ ପୂର୍ବତନ ବ୍ଲକ ଅଧକ୍ଷ ତପନ ଦାସ, ବରଡିହା ସରପଞ୍ଚ ଅଜୟ କୁମାର ମହାନ୍ତି, ପ୍ରଦୀପ ମହାନ୍ତ ସମେତ ପାଖାପାଖି ୩ଶହରୁ ଉର୍ଦ୍ଧ୍ୱ କର୍ମୀ ମାନଙ୍କୁ ନେଇ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

# ବାଲେଶ୍ୱର ଗୁଜରାଟୀ ସମାଜରେ ଭାରତୀୟ ଜନତା ପାର୍ଟିର ସଦସ୍ୟତା ଅଭିଯାନ



ବାଲେଶ୍ୱର, ୨୦/୧୦ (ନି.ପ୍ର): ଆଜି ଅପରାହ୍ନରେ ଭାରତୀୟ ଜନତା ପାର୍ଟିର ସଦସ୍ୟତା ଅଭିଯାନ କାର୍ଯକ୍ରମ ମୋତିଗଞ୍ଜ ବଜାର ସ୍ଥିତ ବାଲେଶ୍ୱର ଗୁଜରାଟୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ଓ ଅନ୍ୟତମ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଯୁକ୍ତ ଶୁଭଙ୍କର ମହାପାତ୍ର, ବାଲେଶ୍ୱର ଜିଲ୍ଲା ଉପସଭାପତି ଶ୍ରୀମତୀ ମମତା ମହାପାତ୍ର, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଭାବେ ଶ୍ରୀଯୁକ୍ତ ଚନ୍ଦ୍ରବିନ୍ଦୁ ଦାସ, ଗୁଜରାଟୀ ସମାଜର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ବିଶ୍ରାମ ପଟେଲ, ଶ୍ରୀଯୁକ୍ତ ସତୀଶ ଜଟାନିଆ, ଶ୍ରୀଯୁକ୍ତ କମଲେଶ ପାଲା ଯୋଗ ଦେଇ ସଦସ୍ୟତା ଅଭିଯାନ ସମ୍ପର୍କରେ ଅବଗତ କରାଇବା ସହ ବିକଶିତ ଭାରତ ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମକୁ ଭୂୟିଅସି ପ୍ରଶଂସା କରିଥିଲେ । ଶ୍ରୀଯୁକ୍ତ ହରିରାମ ମଛର ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏଥିରେ ଶତାଧିକ ଗୁଜରାଟୀ ମାନେ ଯୋଗଦେଇ ମିସ୍ କଲ୍ ମାଧମରେ ସଦସ୍ୟତା ଗ୍ରହଣ କରିଥିଲେ । ଏହି ସଦସ୍ୟତା ଅଭିଯାନକୁ ବିଜେପି ଦଳ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତି ପଣ୍ଡା, ପ୍ରିୟଙ୍କ କୋ, ଶ୍ରେୟା ଦାସ, ଝରଣା ଦାସ ଓ ଧୀରାଜ ମହାନ୍ତି ପ୍ରମୁଖ ଯୋଗଦେଇ ସଦସ୍ୟତା କରାଇବାରେ ସହାୟତା କରିଥିଲେ । ଏହି ସଭାକୁ ଗୁଜରାଟୀ ଆଇନଜୀବୀ ଶ୍ରୀଯୁକ୍ତ ତୁଷାର ଦୋଷୀ ସଭା ପରିଚଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରେରା ବିଜ୍ଞପ୍ତିରେ...

ପାଣ୍ଠି ହସ୍ତାନ୍ତର ଭଳି ଡକ୍ୟୁମେଣ୍ଟ ଦାଖଲ ଭଳି ୬ଟି ସର୍ତ୍ତ ସହ ୭୦ ପ୍ରତିଶତ ରେରା ସ୍ୱୀକୃତିପ୍ରାପ୍ତ ଆକାଉଣ୍ଟରେ ବଳକା ଥିବା ସମସ୍ତ ଅର୍ଥ ୫ ବର୍ଷ ଲାଗି ସିକ୍ୟୁରିଟି ମନି ଭାବେ ରଖିବାକୁ କୁହାଯାଇଥିଲା । ଏନେଇ ରିଅଲ ଇଷ୍ଟେଟ୍ ସଂଘର ଦାବି ପରେ ନିୟମକୁ ସାମାନ୍ୟ କୋହଳ କରିଛି ଓଡ଼ିଶା ରେରା । ଓରେରା ଅଧକ୍ଷ କହିଛନ୍ତି, ଦେଶର ବିଭିନ୍ନ ରାଜ୍ୟରେ ଥିବା ନିୟମକୁ ଅନୁଶୀଳନ କରି ଏହି ନିଷ୍ପତ୍ତି ନିଆଯାଇଛି । ତେବେ ପ୍ରକଳ୍ପ ସଂପୂର୍ଣ୍ଣ ହେବାର ୫ ବର୍ଷ ମଧରେ ଢାଞ୍ଚାଗତ ତ୍ରୁଟି ଦେଖାଗଲେ, ଏବଂ ଆକାଉଣ୍ଟରେ ପର୍ଯ୍ୟାପ୍ତ ଅର୍ଥ ନ ଥିଲେ ବି ବିଲ୍ଡର ତାହା ମରାମତି କରିବାକୁ ବାଧ ବୋଲି ସେ କହିଛନ୍ତି । ଏପଟେ ରିଅଲ ଇଷ୍ଟେଟ୍ ସଂଘ-କ୍ରେଡାଇ କହିଛି, ଓରେରା ନେଇଥିବା ଏହି ନିଷ୍ପତ୍ତି ବିଲ୍ଡରମାନଙ୍କୁ ସାମାନ୍ୟ ମାତ୍ରାରେ ଆଶ୍ୱସ୍ତ କରିବ । କିନ୍ତୁ ପ୍ରକଳ୍ପ ସରିବା ପରେ ୫ ବର୍ଷ ପାଇଁ ଆକାଉଣ୍ଟରେ ଅର୍ଥ ପଡ଼ି ରହିବା ଫଳରେ ବିଲ୍ଡରଙ୍କ ଉପରେ ଆର୍ଥିକ ଚାପ ରହୁଛି । ତେଣୁ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପୁଣିଥରେ ଓରେରାକୁ ପ୍ରସ୍ତାବ ଦେବାକୁ ବିଚାର କରୁଛି କ୍ରେଡାଇ ଓଡ଼ିଶା । ଅନ୍ୟପକ୍ଷରେ ରିଅଲ ଇଷ୍ଟେଟ୍ କର୍ମୀଙ୍କ ପ୍ରଶ୍ନ, ଯଦି ରେରା ସ୍ୱୀକୃତିପ୍ରାପ୍ତ ଆକାଉଣ୍ଟରେ ପ୍ରକଳ୍ପ ବ୍ୟୟର ୧ ପ୍ରତିଶତରୁ କମ୍ ଅର୍ଥ ଅଛି, ସେ କ୍ଷେତ୍ରରେ ରେରା କି’ ପଦକ୍ଷେପ ଗ୍ରହଣ କରିବ ? ଏଭଳି କ୍ଷେତ୍ରରେ ପ୍ରକଳ୍ପରେ ଢାଞ୍ଚାଗତ ତ୍ରୁଟି ଦେଖାଗଲେ, କିଭଳି ଏହାର ସୁଧାରକୁ ସୁନିଶ୍ଚିତ କରାଯିବ ?

### ଆତ୍ମଘାତୀ ଗୋଲ୍ ହେଲେ ...

ଲାଭ ହୋଇଥାନ୍ତା, ବିଜେଡି ଇସ୍ତାହାର ଅପେକ୍ଷା ବିଜେପି ଇସ୍ତାହାର ଲୋକଙ୍କୁ ଆକର୍ଷିତ କଲା ବୋଲି କହି ବାଣ ବି ମାରିଛନ୍ତି ପଦ୍ମନାଭ । ଅନ୍ୟପଟେ ଦଳରେ ଆଉ ଜଣେ ବରିଷ୍ଠ ନେତା ନୃସିଂହ ସାହୁ ସିଧାସଳଖ କହିଛନ୍ତି, ଭି.କେ ପାଣ୍ଡିଆନ୍ ଓ ନବୀନ ପଟ୍ଟନାୟକଙ୍କ ଭିତରେ ବହୁତ ଫରକ ଅଛି । ନବୀନ ପ୍ରଚାର କରିଥିଲେ ରେଜଲ୍ଟ ଭଲ ହୋଇଥାନ୍ତା, ଆମ ସରକାର ଆସିଥାନ୍ତା । ତୁଟିବା ଅପେକ୍ଷା ଦିନକୁ ଦିନ ତୀବ୍ର ହେଇଚାଲିଛି ବିଜେଡି କନ୍ଦଳ । ୨୪ ବିପର୍ଯ୍ୟୟ ପରେ ବରିଷ୍ଠ ନେତାଙ୍କ ବୟାନବାଜି ଦଳକୁ ଅଧିକ କ୍ଷତିଗ୍ରସ୍ତ କରୁଥିବା ବେଳେ ଯୁବ ନେତା ବି ନେତୃତ୍ୱ ଉପରେ ଅସନ୍ତୁଷ୍ଟ । ଏଭଳି ସ୍ଥିତିରେ ଦଳପତି ନବୀନ ଦଳକୁ ଆଗକୁ କିପରି ସଂଗଠିତ କରିବେ ତାକୁ ଅପେକ୍ଷା ।

### କଳାବଜାରୀଙ୍କୁ ଖାଦ୍ୟ ଯୋଗାଣ...

କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି, ଧାନ କ୍ରୟ ବେଳେ କଟନି ଛଟନି କରାଯିବ ନାହିଁ । ଉଇଛ ମାନର ଧାନ ଯାଞ୍ଚ ପାଇଁ କ୍ୱାଲିଟି ଗ୍ରେନ୍ ଆନାଲାଇଜର ମେସିନ ବ୍ୟବହାର କରାଯିବ । ଏହାସହ ମଣ୍ଡିରେ ଉଉଞ୍ଚଠ କ୍ୟାମେରା ଓ ଗାଡିରେ ଏଚଝ ବ୍ୟବହାର କରାଯିବ । ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗରିବ ଲୋକଙ୍କୁ ରାସନ କାର୍ଡରେ ଅନ୍ତର୍ଭୁକ୍ତ କରିବା ସହ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି । ବୈଠକରେ ଯୋଗଦେଇଥିବା ବିଧାୟକ ସୋଫିଆ ଫିର୍ଦ୍ଦୋଷ କହିଛନ୍ତି, ମାଲ୍ ପରିବହନକାରୀ ଗାଡ଼ିରେ ଏଚଝ ଲାଗୁ । ଡିପୋରୁ ଡିଲର ପଏଣ୍ଟ ଯାଏଁ ଯାଉଥିବା ଗାଡ଼ିରେ ଏଚଝ ଲାଗୁ କରାଯାଉ । ହିତାଧିକାରୀଙ୍କ ଟିପ ବ୍ୟବସ୍ଥାକୁ କୋହଳ କରିବାକୁ ମଧ ଦାବି କରିଛନ୍ତି ସୋଫିଆ ।

### ତୁଟୁନି ସିଟ୍ ଶେୟାରିଂ ବିବାଦ...

ଏହି ରିଜନରେ ଏମଭିଏର କୌଣସି ବିଧାୟକ ନଥିବାରୁ ଦଳ ଏପରି ଦାବି ଉପସ୍ଥାପନ କରିଛି । ତେବେ କଂଗ୍ରେସ ନାଶିକ ୱେଷ୍ଟ ଆସନ ଚାହୁଁଛି । ହେଲେ ଏହି ଆସନ ଶିବସେନା ଛାଡ଼ିବାକୁ ନାରାଜ । କାରଣ ଦଳ ଏଠାରେ ସୁଧାକର ବଡଗୁଜରଙ୍କୁ ପ୍ରାର୍ଥୀ କରିବ ବୋଲି ନିଷ୍ପତ୍ତି ନେଇ ସାରିଛି । ଶନିବାର ବୈଠକ ବେଳେ କଂଗ୍ରେସର ନାନା ପାଟୋଲେ ନାଶିକ ୱେଷ୍ଟ ଆସନ ପାଇଁ ଜିଦ କରିଥିଲେ । ଏକଥା ଶୁଣିବା ପରେ ସଞ୍ଜୟ ରାଉତ ବୈଠକ ଅଧାରୁ ଉଠି ଚାଲି ଆସିଥିଲେ । ଏହାକୁ ନେଇ ତିକ୍ତତା ବଢ଼ିଥିବା ବେଳେ ଶରଦ ପାୱାର ସାମାଧନର ରାସ୍ତା ବାହାର କରିପାରିବେ ବୋଲି କଂଗ୍ରେସ ଓ ଉଦ୍ଧବ ସେନା ଆଶା ରଖିଛନ୍ତି ।

### ସିଆରପିଏଫ ସ୍କୁଲ୍ ଆଗରେ...

ତେବେ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ ଘଟଣାସ୍ଥଳରେ ଯାଞ୍ଚ କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି । ପ୍ରକାଶ ଥାଉକି, ଆଜି ଦିଲ୍ଲୀର ରୋହିଣୀରେ ଥିବା ଉଜଚର ସ୍କୁଲ୍ ନିକଟରେ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା । ସୌଭାଗ୍ୟବଶତଃ ଏଥିରେ କିଛି ବିଶେଷ କ୍ଷତି ହୋଇନାହିଁ । ରବିବାର ଥିବାରୁ ପିଲାମାନେ ମଧ ସ୍କୁଲରେ ନଥିଲେ । କିନ୍ତୁ ବିସ୍ଫୋରଣର ପ୍ରଭାବରେ ନିକଟରେ ଥିବା କାରଗୁଡ଼ିକର କାଚ ଭାଙ୍ଗିଛି ।

### ସ୍ପାରେ ଯୌନଶୋଷଣ ମାମଲା: ଆକ୍ସନ ...

ଯାହା ଅଭିଯୋଗ ହୋଇଛି, ଚାକିରି ଆଳରେ ଯୁବତୀଙ୍କୁ ଆଣି ସ୍ପା ମାଲିକ ସେମାନଙ୍କୁ ଅନୈତିକ କାର୍ଯ୍ୟରେ ଲଗାଉଥିଲେ । ମାମଲାର ତଦନ୍ତ କରି ସ୍ପା ମାଲିକାଣିଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି ପୋଲିସ । କିଛି ଦିନ ତଳେ ଖାରବେଳନଗରରେ ଏକ ଆୟୁର୍ବେଦିକ ସେଣ୍ଟରରେ ଚଢ଼ାଉ କରି ସେକ୍ସ ରାକେଟ ଠାବ କରିଥିଲା ପୋଲିସ । ରେକର୍ଡ ଅନୁସାରେ ୬ ବର୍ଷରେ ରାଜଧାନୀରେ ଏଭଳି ୭୯ଟି ସେକ୍ସ ରାକେଟ ଠାବ ହୋଇସାରିଲାଣି ।

### ଆକ୍ସନ ମୁଡ୍‌ରେ ରାଜସ୍ୱ ...

ଭୁବନେଶ୍ୱର ଯାଏଁ ଆସିବାକୁ ପଡୁଛି । ଏହା ଦ୍ୱାରା ଲୋକଙ୍କ ଉପରେ ଆର୍ଥିକ ଚାପ ଓ କଷ୍ଟ ସହିବାକୁ ପଡୁଛି । ଏହା ମଧ ନଜରକୁ ଆସିଛି ଯେ, ସମାଧାନ ପାଇଁ ଲୋକମାନେ ଦେଉଥିବା ଅଭିଯୋଗ ବିନା ଶୁଣାଣିରେ ନିୟମିତ ପ୍ରକ୍ରିୟାରେ ଖାରଜ ହେଉଛି । ଗ୍ରାଉଣ୍ଡରେ ଥିବା ଫିଲ୍ଡ ଅଧିକାରୀ ଉତ୍ତର ଦାୟିତ୍ୱ ନେଉନଥିବାରୁ ଏହି ସମସ୍ୟା ହେଉଛି । ଆଉ ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଉପରିସ୍ଥ ଅଧିକାରୀ ନେଉ ନାହାନ୍ତି ବୋଲି ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି ବିଭାଗ । ଏଣିକି ଏମିତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ୧୫ ଦିନ ଭିତରେ ଶୃଙ୍ଖଳାଗତ ପ୍ରୋସିଡିଂ ଆରମ୍ଭ ହୋଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି । ରାଜସ୍ୱ ବିଭାଗ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତାର ପ୍ରମାଣ ସାଧାରଣ ଜନତା ଦେବେ ବୋଲି ଶନିବାର ରାଜସ୍ୱ ମନ୍ତ୍ରୀ କହିଥିଲେ । ଏଥିପାଇଁ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ରେଜିଷ୍ଟର ରହିବ । ତେବେ ଏ ସବୁ ସଂସ୍କାରମୂଳକ କାର୍ଯ୍ୟକ୍ରମ କେତେ ସଫଳ ହେଉଛି ତା’ ଉପରେ ସମସ୍ତଙ୍କ ନଜର ରହିଛି ।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା




ନୀଳଗିରି, ୨୦/୧୦ (ନି.ପ୍ର): ନୀଳଗିରି ବାସୀଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟି ରେ ରଖି ଘରେଘରେ ପହଞ୍ଚିଲା ବଜେଡି । ବିଜେପି ସରକାର ଗଠନ କରିବାପରେ ଓଡିଶାବାସୀଙ୍କୁ ମିଥ୍ୟା ପ୍ରତିଶୃତି ଦେଇଥିବାରୁ ଏହାକୁ ପ୍ରତିବାଦ କରି ସମସ୍ତ ନାଗରିକ ମାନଙ୍କୁ ସଚେତନ କରିବା ପାଇଁ ଏଭଳି ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ପଦକ୍ଷେପ ନିଆଯାଇଛି ।ଏହି ପରିପ୍ରେକ୍ଷୀରେ ରବିବାର ଜନସମ୍ପର୍କ ପଦଯାତ୍ରା ବାଉଁଶବାଣିଆ ଛକରୁ ବାହାରି ଦୀର୍ଘ ୫ କିଲୋମିଟର ଆସି ପ୍ରତାପଡ଼ା ଛକରେ ପହଞ୍ଚିବା ପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା ।ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ମଞ୍ଚାସିନ ଥାଇ ବିଜେପି ସରକାରର ମିଥ୍ୟା ପ୍ରତିଶୃତି ଆଜି ପାଣିରେ ଗାର ସଦୃଶ ହୋଇଛି । ଯାହା ନିର୍ବାଚନରେ ଭୋଟ ରାଜନୀତି ଥିଲା ।ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ନବୀନ ପଟ୍ଟନାୟକ ଙ୍କ ହାତମୁଠା ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ପୁଣି ବିଜେଡି ସରକାର ଆସିଲେ ସମସ୍ତ ସୁବିଧା ଉପଲବ୍ଧ କରାଯିବ ବୋଲି ବକ୍ତବ୍ୟରେ କହିଥିଲେ । ଅନ୍ୟତମ ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସମାଜସେବୀ ମଦନ ମୋହନ ମାଝୀ, ଭାଗବତ ଖିଲାର, ରାଜୀବ ଦାସ ବାବୁ, ଦୀପକ ରଞ୍ଜନ ଦାସ, ସନାତନ ଜେନା, ରମାକାନ୍ତ ଧଳ, ରମାକାନ୍ତ ନାୟକ, ସୂଚିତ୍ରା ପ୍ରଧାନ, କୁଳମଣି ନାୟକ, ଶ୍ରୀକାନ୍ତ ପଣ୍ଡା, ଧିରେନ୍ଦ୍ର ମୁଦୁଲି,କପିଳ ସାମଲ ଲକ୍ଷ୍ମୀଧର ବାରିକ, ବିଜୟ ନାୟକ ପ୍ରମୁଖ ନିର୍ବାଚିତ ପ୍ରତିନିଧି, ଦଳୀୟ ନେତୃତ୍ୱ, କର୍ମୀ ଶତାଧିକ ବିଜେଡି କର୍ମୀ ଓ ଭୋଟର ଏହି ଜନସମ୍ପର୍କ ପଦଯାତ୍ରାରେ ସାମିଲ ଥିଲେ ।

ଧ୍ୱନି ପ୍ରତିଧ୍ୱନି

# ବାଲିଆପାଳରେ ପଦ୍ମ ଭୂଷଣ ରତନ ଟାଟାଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲିଆପାଳ/ଲଙ୍ଗଳେଶ୍ୱର , ୨୦/୧୦ (ନି.ପ୍ର): ବାଲିଆପାଳ ବିକାଶ ଅର୍ଗାନାଇଜେସନ ଓ ଡି ଏସ ଟିଭି ପକ୍ଷରୁ ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡ ନିକଟ ଡି ଏସ ଟିଭି କାର୍ଯ୍ୟାଳୟରେ ରବିବାର ପଦ୍ମ ଭୂଷଣ ରତନ ଟାଟାଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ଶିକ୍ଷାବିତ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଓଡିଶା ହାଇ କୋର୍ଟର ବରିଷ୍ଠ ଆଇନ ଜୀବୀ ବିଚିତ୍ରା ନନ୍ଦ ଦାସ, ବ୍ୟାଙ୍କ ମେନେଜର ସତ୍ୟାନନ୍ଦ ବେହେରା, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖାର ସମ୍ପାଦକ ତଥା କବି ସନ୍ନ୍ୟାସୀ ବେହେରା, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ସମାଜସେବୀ ଉମାକାନ୍ତ ଜେନା, ରାଧା କୃଷ୍ଣ ଦାସ ମହାପାତ୍ର, ବିଜୟ କୁମାର ମାହାନା, ଶିଶିର କୁମାର ଖଣ୍ଡା ପ୍ରମୁଖ ଯୋଗ ଦେଇ ରତନ ଟାଟାଙ୍କ ସ୍ମୃତି ଚରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୀଷ୍ମ ଚରଣ ମଲ୍ଲିକ, କନକ ଲତା ଦେ, ଝୁନୀ ରାଣୀ ଚନ୍ଦ, ରାଧା କୃଷ୍ଣ ମାହାନା, ରାମ ଚନ୍ଦ୍ର ଗଙ୍ଗାଇ ପ୍ରମୁଖ ଯୋଗ ଦେଇଥିଲେ। ଡି ଏସ ଟିଭି ଚେୟାରମ୍ୟାନ ସଦାଶିବ ସେଠୀ ସଭାକୁ ପରିଚାଳନା କରିଥିଲେ।

# ନଭେମ୍ବର ୧୯ରୁ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବାରିପଦା, ୨୦/୧୦ (ନି.ପ୍ର):ରାଜ୍ୟ ସରକାରଙ୍କର ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଆଗାମୀ ନଭେମ୍ବର ୧୯ ଓ ୨୦ ତାରିଖରେ ଦୁଇଦିନ ଧରି ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦୁଇ ଦିନ ଧରି ଚାଲିବାକୁ ଥିବା ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀଧନ ଚାଷୀ ମାନେ ଭାଗ ନେଇ ପୁରସ୍କୃତ ହେବେ। ମେଳାରେ ରାଜ୍ୟ ସରକାରଙ୍କର ସମସ୍ତ ସରକାରୀ ବିଭାଗ ପକ୍ଷରୁ ମଧ୍ୟ ଷ୍ଟଲ ଦିଆଯିବାର ବ୍ୟବସ୍ଥା ରହିଛି। ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ କଳ୍ପତରୁ ସ୍ୱାଇଁ ମେଳା ଆୟୋଜନ ଏବଂ ଏହାର ସଫଳତା ପାଇଁ ଜିଲ୍ଲା ପ୍ରଶାସନ ସହିତ କାର୍ଯ୍ୟ କରୁଥିବା ସମସ୍ତ ଉପବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କାଧିକାରୀ ଅବିନାଶ ପାଣି, ଜିଲା ସଂସ୍କୃତି ଅଧିକାରୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।




# ପୁଣି ଆଇଓସିଏଲ୍ ପାଇପ୍ ଲାଇନ୍‌ରୁ ତେଲ ଲିକ୍: ନଦୀ ଜଳରେ ଭାସୁଛି ତେଲ



ପାରାଦୀପ, ୨୦/୧୦ (ନି.ପ୍ର): ରବିବାର ଦିନ ପାରାଦୀପ ନେହେରୁ ବଙ୍ଗଳା-ଅଠରବାଙ୍କୀ ରାସ୍ତା କଡରେ ଥିବା ଆଇଓସିଏଲ୍ ପାଇପ୍ ଲାଇନ୍‌ରୁ ତେଲ ନିର୍ଗତ ହୋଇ କାଉଡିଆ ନଦୀରେ ତେଲ ଭାସୁଥିବା ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ବନ୍ଦର ମଧ୍ୟରୁ ଜାହାଜରୁ ତେଲ ଖଲାସ ହୋଇ ପାଇପ୍ ଯୋଗେ ଅଠରବାଙ୍କୀ ବାଉରିଆ ପାଳନ୍ଦା ନିକଟସ୍ଥ ତେଲ ଟର୍ମିନାଲକୁ ଯାଇଥାଏ । ରବିବାର ଦିନ କେହି ଦୁର୍ବୃଏହି ପାଇପ୍ ଲାଇନ୍‌କୁ କଣା କରି ତେଲ ଚୋରି କରିବା ସମୟରେ ତେଲ ପାଇପ୍‌ରୁ ଲିକ୍ ହୋଇ ନିକଟସ୍ଥ କାଉଡିଆ ନଦୀରେ ଭାସୁଥିବା ଦେଖିବାକୁ ମିଳିଛି । ଏହି ପାଇପ୍ ଲାଇନ୍ ଯୋଗେ ଜାହାଜରୁ ପେଟ୍ରୋଲ, ଡିଜେଲ୍ ଓ ଫର୍ଣ୍ଣାସ ଅଏଲ୍ ଖଲାସ ହୋଇ ଟର୍ମିନାଲକୁ ଯାଇଥାଏ । ତେବେ ଏହା କି ତେଲ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ପାରିନାହିଁ । ତଥାପି ଏହା ଡିଜେଲ ହୋଇଥିବା ନେଇ ସନ୍ଦେହ କରାଯାଉଛି । ବର୍ଷର ସବୁ ସମୟରେ ଏହି ଅଂଚଳରୁ ଦୁର୍ବୃତ୍ତ ମାନେ ଏହି ପାଇପ୍ ଲାଇନ୍‌କୁ କଣା କରି ତେଲ ଚୋରି କରିବା ଘଟଣା କିଛି ନୁଆ କଥା ନୁହେଁ । ପୂର୍ବରୁ ଏହି ତେଲ ଚୋରି ରୋକିବା ପାଇଁ ୨୪ ଘଣ୍ଟିଆ ପହରା ବ୍ୟବସ୍ଥା କରାଯାଇଥିଲେ ବି ତେଲ କିପରି ଚୋରି ହେଉଛି ଏହା ପଛରେ କମ୍ପାନୀର ଅସାଧୁ ଅଧିକାରୀ ଓ ସିକ୍ୟୁରିଟିଙ୍କ ସମ୍ମତିକୁ ନେଇ ସାଧାରଣରେ ଅଭିଯୋଗ ହେଉଛି ।

# ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରାଜ୍ୟ ବିଜେପି ସାଂଗଠନିକ ନିର୍ବାଚନ ଅଧିକାରୀ ନିଯୁକ୍ତ



ନୀଳଗିରି , ୨୦/୧୦ (ନି.ପ୍ର): ରାଜ୍ୟରେ ନୂତନ କରି ବିଜେପି ଶାସନ କ୍ଷମତାକୁ ଆସିବା ପରେ ବିଜେପି ଶିବିରରେ ଉତ୍ସାହ ଭରି ରହିଛି। ପ୍ରତି ୬ବର୍ଷରେ ଥରେ ବିଜେପି ସାଂଗଠନିକ ନିର୍ବାଚନ ହେଉଥିବା ବେଳେ ଅକ୍ଟୋବର ମାସ ଶେଷ ସୁଦ୍ଧା ଏକକୋଟି ନୂତନ ସଦସ୍ୟ ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି। ଏହାପରେ ଦଳର ସାଂଗଠନିକ ନିର୍ବାଚନ ଥିବାରୁ ଜାତୀୟ ବିଜେପି ସଙ୍ଗଠନ ଅଧିକାରୀ ସାଂସଦ ଡ଼ଃ କେ. ଲକ୍ଷ୍ମଣ ଓଡ଼ିଶା ରାଜ୍ୟ ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାଂଗଠନିକ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥିସହିତ ଅନ୍ୟ ତିନିଜଣଙ୍କୁ ସହ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ମିଳିଛି। ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଉପସଭାପତି ସୁକେଶ ଓରାମ, ଏବଂ ସାଧାରଣ ସମ୍ପାଦକ ଡ଼ଃ ଯତୀନ ମହାନ୍ତିଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବା ନେଇ ଅକ୍ଟୋବର ୧୯ତାରିଖ ଜାତୀୟ ନିର୍ବାଚନ ଅଧିକାରୀ ନିଯୁକ୍ତ କରିଥିବା ସୂଚନା ମିଳିଛି । ବିଜେପିରେ ମନୋନୀତ ନେତା ନଥାନ୍ତି ବରଂ ବିଜେପି ତୃଣମୂଳ ସ୍ତରରୁ ଆରମ୍ଭ କରି ଜାତୀୟ ସ୍ତରରେ ଏହାର ନିର୍ବାଚନ ପ୍ରକ୍ରିୟାରେ ନେତା ନିର୍ବାଚିତ କରିଥାଏ ବୋଲି ସାଂସଦ ତଥା ନୂତନ ଭାବେ ସାଂଗଠନିକ ନିର୍ବାଚନ ଅଧିକାରୀ ପ୍ରତାପ ଷଡଙ୍ଗୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ବଜ୍ରପାତରେ ୫ ମଇଁଷି ମୃତ-୩ ଜଣ ବ୍ୟକ୍ତି ଆହତ

ପାରାଦୀପ, ୨୦/୧୦ (ନି.ପ୍ର): ପାରାଦୀପ ଷଣ୍ଢକୁଦ ନିକଟରେ ଥିବା ବୋସକାଲିସ୍ ପଏଣ୍ଟ ନିକଟରେ ବଜ୍ରପାତ ଘଟି ୩ଜଣ ବ୍ୟକ୍ତି ଗୁରୁତ୍ୱର ଆହତ ହୋଇଥିବା ବେଳେ ୫ ଗୋଟି ମଇଁଷିଙ୍କର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ଷଣ୍ଢକୁଦର ଗୋପାଳକମାନେ ବୋସକାଲିସ ପଏଣ୍ଟ ନିକଟରେ ମଇଁଷି ରଖିଥାନ୍ତି । ଶନିବାର ସଂଧ୍ୟାରେ ମଇଁଷି ଚରାଇ ଗୋଠକୁ ଫେରି ଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ବଜ୍ରପାତ ଯୋଗୁଁ ମଇଁଷି ଗୋଠରେ ଥିବା ୫ ଗୋଟି ମଇଁଷି ମୃତ୍ୟୁବରଣ କରିଥିଲେ । ମଇଁଷି ଗୋଠରେ ଥିବା ଚୈତନ ପରିଡା, ଶ୍ରୀଧର ଦାସ ଓ କୁମାର ଦାସ ଆହତ ହୋଇଥିଲେ । ସେହି ବାଟରେ ବାଇକ୍ ଯୋଗେ ଯାଉଥିବା ନିକଟସ୍ଥ ମହାଳ ଗ୍ରାମର ହୃଷିକେଶ ଦାସ ବଜ୍ରପାତର ପ୍ରଭାବରେ ଆହତ ହୋଇଥିଲେ । ଆହତମାନଙ୍କୁ ତୁରନ୍ତ ଅଠରବାଙ୍କୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣା ପଡିଛି ।

# ବିପିଏଲ ସିଜିନ - ୧୧ ଖେଳାଳି ନିଲାମ ଶେଷ : ଶୁଭାଶିଷ ଦେ ସବୁଠୁ ଦାମୀ ଖେଳାଳି




ବେତନଟୀ , ୨୦/୧୦ (ନି.ପ୍ର): ବେତନଟୀ ଏମପିସି ହାଇସ୍କୁଲ ଖେଳପଡିଆ ସ୍ଥିତ ବେତନଟୀ କ୍ରିକେଟ କ୍ଲବ ସଭାଗୃହ ରେ ବେତନଟୀ ପ୍ରିମିୟର ଲିଗ ସିଜିନ - ୧୧ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଆସନ୍ତା ଡ଼ିସେମ୍ବର ମାସ ୧୬ ତାରିଖରେ ଖେଳା ଯିବାକୁ ଥିବା ଏହି ଲିଗ୍ ପାଇଁ ମୋରଡା, ଉଦ୍‌ଲା, କପ୍ତିପଦା, ରାସଗୋବିନ୍ଦପୁର, ଚିତ୍ରଡା, ଖୁଣ୍ଟା, ବଡ଼ସାହି, ମାଣତ୍ରୀ ସମେତ ବେତନଟୀ ରୁ ଖେଳାଳି ଓ ଟିମ୍ ମାଲିକ ମାନେ ଏହି ନିଲମ ପ୍ରକ୍ରିୟା ରେ ସାମିଲ ହୋଇଥିଲେ। ଆୟୋଜକ ବିସିସିର ସଭାପତି ଶଶିକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ୧୨୭ ଜଣ ଖେଳାଳି ନିଲାମ ପୂର୍ବରୁ ନିଜ ନାମ ପଞ୍ଜିକରଣ କରିଥିଲେ। ବାହାନଡ଼ା ଟାଇଗର ମାଲିକ ପ୍ରିୟଜିତ ନାୟକ ଥିବା ବେଳେ ଆଇକନ୍ ଖେଳାଳି ଭାବେ ଚିନ୍ମୟ ପଣ୍ଡିତ , ମାଣତ୍ରୀ ଟାଇଟନ୍ ?ର ମାଲିକ ଛତିଶ କୁମାର ସାହୁ ଥିବା ବେଳେ ଆଇକନ ଖେଳାଳି ଅନୁପ କୁମାର ପରିଡ଼ା , ବଡ଼ସାହି ମା ଦୁର୍ଗା ଫାଇଟର ମାଲିକ ରତିକାନ୍ତ ମହାନ୍ତ ଥିବା ବେଳେ ଆଇକନ୍ ଖେଳାଳି ସଞ୍ଜୟ କୁମାର ପରିଚ୍ଛା , ୧୧- ଷ୍ଟାର୍ ମୋରଡ଼ାର ମାଲିକ ସୌମ୍ୟ ମହାପାତ୍ର ଥିବା ବେଳେ ଆଇକନ୍ ଖେଳାଳି ସାଗର ଭୋଇ, ଦାନୀ-୧୧ ପାରିଆକୁଲି ଚିତ୍ରଡା ର ମାଲିକ ବିକ୍ରମ କେଶରୀ ବେହେରା ଥିବା ବେଳେ ଆଇକନ୍ ଖେଳାଳି ମନୋଜ କୁମାର ସି , ଆରିଅନ ଫାଇଟର ମାଲିକ ରାଜୀପ କୁମାର ପାତ୍ର ଥିବା ବେଳେ ଆଇକନ ଖେଳାଳି ସରୋଜ କୁମାର ଭୋଇ ପ୍ରମୁଖ ନିଲାମ ପ୍ରକ୍ରିୟା ରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଉଦ୍ୟମାନ ବ୍ୟାଟ୍ସମ୍ୟାନ୍ ଶୁଭାଶିଷ ଦେ କୁ ଦାନୀ -୧୧ ସର୍ବାଧିକ ୩୯ ହଜାର ଟଙ୍କା ଦେଇ କିଣିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ ର ଉପସଭାପତି ଦିଲ୍ଲିପ ରାଉତ, ପ୍ରକାଶ ଜ୍ୟୋତି ଆଦିତ୍ୟ, ସଠିଲୋ ସମିତି ସଭ୍ୟ କିଶୋର କୁମାର ନାୟକ, ପ୍ରଶାନ୍ତ ନାଥ, ସୁଧାକର ପଣ୍ଡା, ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ ପରିଡା, ଶିକ୍ଷକ ହୃଷିକେଶ ମହାନ୍ତ , ଯଶୋବନ୍ତ ବେହେରା, ଗୌରବ ନାଥ, କେଶବ ନାଥ, ରବିନ୍ଦ୍ର କୁମାର ସାହୁ, ବିକାଶ ଦାସ, ଚନ୍ଦ୍ର ଶେଖର ବେରା, ରିଙ୍କୁ ସାହୁ, ଭୈରବ ନାଥ, ଭାଗ୍ୟରଞ୍ଜନ ବେହେରା, ରାହୁଲ ରାଜ ବେହେରା , ମନୋଜ ପଣ୍ଡା ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ନିଲାମ ପ୍ରକ୍ରିୟା ସମ୍ପାଦନ କରିଥିଲେ।




# ବିଶାଳ ଅସ୍ଥି ଶଲ୍ୟ ଚିକିତ୍ସା ଶିବିର



ବଡ଼ସାହି , ୨୦/୧୦ (ନି.ପ୍ର): ବଡ଼ସାହି ବ୍ଲକ ଅଧିନ ମାନଗୋବିନ୍ଦ ପୁର, ମାଣତ୍ରୀ ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଦ୍ୱାରା ଡ଼ା କିଶୋର ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଦେଶରୁ ଆସିଥିବା ବିଶେଷଜ୍ଞ ଡ଼ାକ୍ତର ମାନଙ୍କୁ ନେଇ ବିଶାଳ ଅସ୍ଥି ଶଲ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱେଡନ ର ପ୍ରସିଦ୍ଧ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଡ଼ା ଉର୍ବାନ ରାଇଧୋଲ୍ଡ ଏବଂ ଡ଼ା ବିରଗେର୍ ବ୍ଲାଇଡର ତଥା ରିହିମାଟୋଲୋଜି ବିଶେଷଜ୍ଞ ପ୍ରଫେସର ଡ଼ା ରବିନାରାୟଣ ଦାସ, ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିବା ସହିତ ଅଞ୍ଚଳ ର ତଥା ଦୂର ଦୁରାନ୍ତ ଆସିଥିବା ୫୦ ଜଣ ରୋଗୀ ମାନଙ୍କର ଚିକିତ୍ସା ତଥା ପରାମର୍ଶ ଦେଇଥିଲେ। ଏଥିରେ ରୋଗୀ ମାନଙ୍କର ସୁବିଧା ନିମନ୍ତେ ମେଡିକାଲ୍ ଟ୍ରାନ୍ସକପନିଷ୍ଟ ଅରୁଣ କୁମାର ସିଂହ ସହଯୋଗ କରିଥିଲେ। ଏବଂ ଯୋଗ ସାଧନା କେନ୍ଦ୍ର ର ସମ୍ପାଦକ ସର୍ବେଶ୍ୱର ଜେନା,ପରେଶ ଦଳେଇ, ସନ୍ତୋଷ ଖଣ୍ଡା, ସଞ୍ଜିତା ମହାନ୍ତି, ନୀଳକଣ୍ଠ ନାୟକ, ଅନିରୁଦ୍ଧ ରାଉତ, ଅନୀତା ଦିଦି, ସବିତା ଦିଦି,ସାମ ସାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦେଶ ରୁ ଆସିଥିବା ଡାକ୍ତର ମାନଙ୍କ ଚିକିତ୍ସା ପଦ୍ଧତି ତଥା ପରିଣତ ବୟସରେ ସୁଦୂର ବିଦେଶ ରୁ ଆସି ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ନଜିର କ୍ୱଚିତ ଦେଖିବାକୁ ମିଳେ। ଏବଂ ଡାକ୍ତର ମାନଙ୍କ ନିଷ୍ଠା, ସେବା ମନୋଭାବ ଭାରତୀୟ ଡାକ୍ତର ମାନେ ଶିଖିବା ଉଚିତ ବୋଲି ଅନେକେ ଲୋକ ମତ ପ୍ରଦାନ କରିବା ସହ ଏଭଳି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଚେଷ୍ଟା ପାଇଁ ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ର ପ୍ରୟାସକୁ ସମସ୍ତ ପ୍ରଶଂସା କରିଥିଲେ। ?

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo